
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୧୦ ଅଗଷ୍ଟ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 10 August 2025
Vol.No. 36 ■ No.210 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


## ୯ମ ଦିନରେ ଅପରେସନ ଅଖଲ: ୨ ଯବାନ ସହିଦ, ଜଣେ ଆତଙ୍କୀ ସଫା

ନୂଆଦିଲ୍ଲୀ,୯/୮ : ଜମ୍ମୁ-କଶ୍ମୀରର କୁଲଗାମରେ ଚାଲିଥିବା ଅପରେସନ ଅଖଲ ଶନିବାର ୯ମ ଦିନରେ ପହଞ୍ଚିଛି। ଏହି ଅପରେସନ ବେଳେ ଆଜି ୨ ଜଣ ଯବାନ ସହିଦ ହୋଇଥିବା ବେଳେ ସୁରକ୍ଷାକର୍ମୀଙ୍କ ଗୁଳିରେ ଜଣେ ଆତଙ୍କବାଦୀ ନିହତ ହୋଇଛି। ସେହିପରି ଆଉ ୨ ଜଣ ଯବାନ ଆତଙ୍କବାଦୀ ଗୁଳିରେ ଆହତ ହୋଇଛନ୍ତି। ଏହାକୁ ମିଶାଇ ଅପରେସନ ଅଖଲରେ ଆହତ ହୋଇଥିବା ଯବାନଙ୍କ ସଂଖ୍ୟା ୧୦ରେ ପହଞ୍ଚିଛି। ଆଜି ସହିଦ ହୋଇଥିବା ଦୁଇ ଯବାନ ହେଲେ ଲାନ୍ସ ନାଏକ ପ୍ରୀତପାଲ ସିଂହ ଓ ସିପାହୀ ହରମିନ୍ଦର ସିଂହ। ସେନା ପକ୍ଷରୁ ଏକ୍ସରେ କୁହାଯାଇଛି ଯେ ଚିନାର କ୍ରସ ଲାନ୍ସ ନାଏକ ପ୍ରୀତପାଲ ସିଂହ ଓ ସିପାହୀ ହରମିନ୍ଦର ସିଂହଙ୍କ ସର୍ବୋଚ୍ଚ ବଳିଦାନକୁ ସମ୍ମାନ ଜଣାଉଛି।

▶▶ପୃଷ୍ଠା ୭

# ବ୍ରିକ୍ସ କରିବ ଟାରିଫ୍ ମୁକାବିଲା: ଆମେରିକାର ମୁକାବିଲା ପାଇଁ ବ୍ରିକ୍ସ ଦେଶଙ୍କ ରଣନୀତି




ନୂଆଦିଲ୍ଲୀ,୯/୮ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ଯୁଦ୍ଧର ମୁକାବିଲା ପାଇଁ ବ୍ରିକ୍ସ ଏକାଠି । ବ୍ରିକ୍ସ ଦେଶ ସମୂହ ନିଜନିଜ ଭିତରେ ବାଣିଜ୍ୟ ସମ୍ପର୍କ ବୃଦ୍ଧି ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ଗତ କିଛିଦିନର ଘଟଣାବଳୀରୁ ଏହା ସ୍ପଷ୍ଟ ହେଉଛି । ଯାହା ପୂର୍ବରୁ କେବେ ଦେଖିବାକୁ ମିଳି ନଥିଲା । ବିଭିନ୍ନ ଦେଶ ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଟାରିଫ୍ ଲଗାଇଥିବା ବେଳେ ବେଶି କ୍ଷତିଗ୍ରସ୍ତ ହେଉଛନ୍ତି ବ୍ରିକ୍ସ ଦେଶ ସମୂହ । ବ୍ରିକ୍ସ ଦେଶଗୁଡ଼ିକୁ ଟ୍ରମ୍ପ ଆମେରିକା ବିରୋଧୀ ବୋଲି କହି ଅଧିକ ଟାରିଫ୍ ଲଗାଇଛନ୍ତି । ଏହା ବିରୋଧରେ ଏକ୍ ହେଉଛନ୍ତି ବ୍ରିକ୍ସ ଦେଶ । ଆମେରିକାର ଟାରିଫ୍ ଓ ଡଲାର ପ୍ରଭାବୀ ନୀତିକୁ ବ୍ରାଜିଲ୍, ରୁଷ୍, ଭାରତ, ଚୀନ ଓ ଦକ୍ଷିଣ ଆଫ୍ରିକା ତୀବ୍ର ବିରୋଧ କରି ନିଜ ନିଜ ଭିତରେ ବାଣିଜ୍ୟ ବୃଦ୍ଧି ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି । ଶୁକ୍ରବାର ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ବ୍ରାଜିଲ ରାଷ୍ଟ୍ରପତି ଲୁଲା ଡା ସିଲଭା ଓ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଫୋନ୍ ଯୋଗେ କଥା ହୋଇଥିଲେ । ଟ୍ରମ୍ପଙ୍କ ନୀତି ବିରୋଧରେ ଏକାଠି ହୋଇ କାମ କରିବାକୁ ସହମତି ହୋଇଛି । ପୂର୍ବରୁ ଗତ ଜୁଲାଇ ୭ ତାରିଖରେ ରିଓ-ଡି-ଜେନେରିଓରେ ବ୍ରିକ୍ସ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ବ୍ରିକ୍ସ ଦେଶ ସମୂହର ମୁଖ୍ୟମାନେ ଆଲୋଚନାରେ ଭାଗ ନେଇଥିଲେ । ସମ୍ମିଳନୀରେ ଏସବୁ ଦେଶ ମଧ୍ୟରେ ଯେତିକି ସହମତି ପ୍ରକାଶ ପାଇଥିଲା, ଏବେ ଟ୍ରମ୍ପଙ୍କ ଟାରିଫ୍ ସେମାନଙ୍କୁ ଆହୁରି ସଂଗଠିତ କରିଛି। ଯାହା ପୂର୍ବରୁ କେବେ ହୋଇ ନଥିଲା । ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ ରୁଷ୍ ଯାଇ ପୁଟିନଙ୍କ ସହ ସାକ୍ଷାତ

▶▶ପୃଷ୍ଠା ୭

## ୨୦ ତାରିଖ ପରେ ନିଗମ, ବୋର୍ଡ ଏବଂ କମିଟି ଘୋଷଣା : ରାଜ୍ୟ ବିଜେପି ସଭାପତି



ଭୁବନେଶ୍ୱର, ୦୯/୮ (ନି.ପ୍ର): ରାଜ୍ୟ ବିଜେପିର ଅନେକ ନେତା ଏବେ ନିଗମ ଓ ବୋର୍ଡ ଅଧ୍ୟକ୍ଷ ହେବା ଆଶାରେ ଅଛନ୍ତି। ଆଉ ୨୦ ତାରିଖ ପରେ ନିଗମ, ବୋର୍ଡ ଏବଂ କମିଟି ଘୋଷଣା ହୋଇପାରେ। ତେବେ ବର୍ତ୍ତମାନ ସମୟରେ ନିର୍ଦ୍ଦିଷ୍ଟ ତାରିଖ କହିହେବ ନାହିଁ। ନୂଆଦିଲ୍ଲୀ ଗସ୍ତରୁ ଫେରିବା ପରେ ଏଭଳି ପ୍ରତିକ୍ରିୟା ରଖିଛନ୍ତି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ। ସୁଭଦ୍ରା ଟଙ୍କାରେ ଲକ୍ଷପତି ଦିଦି ସୃଷ୍ଟି ସମ୍ପର୍କରେ ବିଜେଡିର ପ୍ରତିକ୍ରିୟା ଉପରେ ଜବାବ ରଖି ମନମୋହନ ସାମଲ କହିଛନ୍ତି, ବିଜେଡି ୫ ବର୍ଷ ଅପେକ୍ଷା କରୁ। ଅଧୈର୍ଯ୍ୟ ହେବା ଉଚିତ ନୁହେଁ। ଓଡ଼ିଶା ଲକ୍ଷ ପତି ଦିଦିରେ ଏକ ନମ୍ବର ରାଜ୍ୟ ହୋଇପାରିଛି। ଏହା ସୌଭାଗ୍ୟର ବିଷୟ। ଓଡ଼ିଶାର ମହିଳାମାନେ କଠିନ ପରିଶ୍ରମ କରୁଛନ୍ତି। କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାର ମହିଳାମାନଙ୍କୁ ବିନା ସୁଧରେ ଋଣ ଦେଉଛନ୍ତି, ଯାହା ଦ୍ୱାରା ଲକ୍ଷପତି ଦିଦି ହେବାର ସମ୍ଭାବନା ବଢ଼ିଛି। ସୁଭଦ୍ରା ମହିଳାଙ୍କୁ ସ୍ୱାବଲମ୍ବୀ ହେବାର ସୁଯୋଗ ଦେଇଛି, ମନରେ ଆତ୍ମବିଶ୍ୱାସ ବଢ଼ାଇଛି। ରାଜ୍ୟ ବିଜେପି ସଭାପତି କହିଛନ୍ତି, ଭାରତୀୟ ଜନତା ପାର୍ଟିର ନିଗମ, ବୋର୍ଡ ଏବଂ କମିଟି ତାଲିକା ଦିଲ୍ଲୀରେ ହୁଏନି ଓଡ଼ିଶାରେ ହୁଏ। ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ସାଂସଦମାନଙ୍କ ସମେତ ଅନ୍ୟ ନେତୃବୃନ୍ଦଙ୍କ ସହ ବୈଠକ ହୋଇଛି।

▶▶ପୃଷ୍ଠା ୭

## ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଲେ ନର୍ସିଂ ଛାତ୍ରୀ

ଭୁବନେଶ୍ୱର/ରାଇଘର, ୦୯/୮ (ନି.ପ୍ର): ଏକ ତରଫା ପ୍ରେମର ଶିକାର ହୋଇ ବିଷପାନ କରିଥିବା ନବରଙ୍ଗପୁରଜିଲ୍ଲା ରାଇଘର ଥାନା ଅଞ୍ଚଳର ଚର୍ଚ୍ଚିତ ବିଏସ୍‌ସି ନର୍ସିଂ ଦ୍ୱିତୀୟ ବର୍ଷର ଛାତ୍ରୀଙ୍କ ଆଜି ଚିକିତ୍ସାଧୀନ ଅବସ୍ଥାରେ ଆଖିବୁଜିଛନ୍ତି। ନବରଂଗପୁରର ଛାତ୍ରୀଙ୍କ ଆଜି ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍ସ)ରେ ମୃତ୍ୟୁ ଘଟିଛି। ଆସନ୍ତାକାଲି ମୃତ ଛାତ୍ରୀଙ୍କର ପୋଷ୍ଟମର୍ଟମ ହେବ ବୋଲି ଏମ୍ସ ଭୁବନେଶ୍ୱର ସୂତ୍ରରୁ ପ୍ରକାଶ। ପୋଷ୍ଟମର୍ଟମ ପରେ ମୃତଦେହ ଛାତ୍ରୀଙ୍କ ଗାଁକୁ ଯିବ ଓ ସମ୍ଭବତଃ ସୋମବାର ଦିନ ଅନ୍ତିମ ସଂସ୍କାର କରାଯିବ। ଏକ ତରଫା ପ୍ରେମ ନିରୀହ ଛାତ୍ରୀର ଜୀବନ ନେଇଥିବା ଅଭିଯୋଗ ହୋଇଛିକ୍ଷ ଏହି ପ୍ରେମରେ ପଡ଼ିଥିବା ଯୁବକର ଅମାନୁଷିକ କାର୍ଯ୍ୟକୁ ସହି ନପାରି ବିଏସସି ନର୍ସିଂ

▶▶ପୃଷ୍ଠା ୭

# କୋଟିଆ ପାଇଁ ସରକାରଙ୍କ କସରତ: ମନ ଜିଣିବାକୁ ମୋହନଙ୍କ ରଣନୀତି




ଭୁବନେଶ୍ୱର, ୦୯/୮ (ନି.ପ୍ର): ମୋହନ ସରକାରଙ୍କ ଫୋକସରେ ରହିଛି କୋରାପୁଟର କୋଟିଆ । କୋଟିଆ ଉପରେ ଆନ୍ଧ୍ର ବାରମ୍ବାର ଆଖି ପକାଇବା ପରେ ସେଠାକାର ଲୋକଙ୍କ ମନ ଜିଣିବାକୁ ବିଜେପି ସରକାର ଜୋରଦାର ଉଦ୍ୟମ ଆରମ୍ଭ କରିଛି । କୋଟିଆକୁ ମାରାଥନ ଗସ୍ତ କରୁଛନ୍ତି ମୋହନଙ୍କ ମନ୍ତ୍ରୀ । କୋରାପୁଟ ଗସ୍ତରେ ଥିବାବେଳେ ନିଜେ ମୁଖ୍ୟମନ୍ତ୍ରୀ କୋଟିଆ ବିକାଶ ପାଇଁ ନକ୍ସା ପ୍ରସ୍ତୁତ କରିଛନ୍ତି । ପ୍ରାକୃତିକ ସମ୍ପଦରେ ଭରପୁର କୋଟିଆ । ପଡୋଶୀ ଆନ୍ଧ୍ର ଏହି ଅଂଚଳ ଉପରେ ବାରମ୍ବାର ଆଖି ପକାଉଥିବାରୁ ମୋହନ ସରକାର ଏହାକୁ ଗୁରୁତର ସହ ନେଇଛନ୍ତି । ସ୍ୱତନ୍ତ୍ର କମିଟି ଗଠନ କରିବା ଲଗାତାର ଭାବେ କୋଟିଆ ଗସ୍ତ କରୁଛନ୍ତି ମୋହନଙ୍କ ମନ୍ତ୍ରୀ । ଶୁକ୍ରବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କୋଟିଆ ଗସ୍ତରେ ଯାଇ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। କୋଟିଆବାସୀଙ୍କ ମନ ଜିଣିବା ପାଇଁ ସେମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । କୋଟିଆର ବିକାଶ ପାଇଁ ରଣନୀତି ତିଆରି ଚାଲିଛି ବୋଲି କହିଥିଲେ। ଆଜି କୋରାପୁଟରେ ଗସ୍ତରେ ଯାଇ କୋଟିଆ ବିକାଶର କଥା କହିଛନ୍ତି ମୁଖ୍ୟମନ୍ତ୍ରୀ । ସରକାର ବଦଳିବା ପରେ କୋଟିଆ ପାଇଁ ସ୍ୱତନ୍ତ୍ର କମିଟି ଗଠନ କରିଛନ୍ତି ରାଜ୍ୟ ସରକାର । କମିଟିରେ ଥିବା ମନ୍ତ୍ରୀମାନେ ବାରମ୍ବାର କୋଟିଆ ଗସ୍ତ କରୁଛନ୍ତି।

▶▶ପୃଷ୍ଠା ୭

# ଓଟିଇଟି ପ୍ରଶ୍ନପତ୍ର ଲିକ୍‌ରେ ଗଡିବ କି ବଡମୁଣ୍ଡ ? ସ୍କାନରରେ ବୋର୍ଡ ସଭାପତି



ଭୁବନେଶ୍ୱର, ୦୯/୮ (ନି.ପ୍ର): ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ମାମଲାରେ କ୍ରାଇମବ୍ରାଞ୍ଚ ତଦନ୍ତ ଜାରି ରହିଛି । ଦିଲ୍ଲୀ ସ୍ଥିତ କେନ୍ଦ୍ର ସରକାର ଫାଇନାନ୍ସିଆଲ୍ ଇନଭେଷ୍ଟିଗେସନ ୟୁନିଟ ଏଫ୍‌ଆଇୟୁକୁ ଅଧିକ ତଥ୍ୟ ଲାଗି ଲେଖିଛି କ୍ରାଇମ ବ୍ରାଞ୍ଚ । ବୋର୍ଡ ଉପସଭାପତି ସମେତ ୮ ଜଣ ଅଭିଯୁକ୍ତ କେତେ ସମ୍ପତ୍ତି ରଖିଛନ୍ତି ସେ ତଥ୍ୟ ମାଗିଛି । ଏ ତଥ୍ୟ ମିଳିବ ପରେ ରିମାଣ୍ଡ ରେ ଆସୁଥିବା ଦୁଇ ଅଭିଯୁକ୍ତଙ୍କୁ ଘେରିବ କ୍ରାଇମ ବ୍ରାଞ୍ଚ। ବୋର୍ଡ ସଭାପତି ଗୁମର ଖୋଲିବାକୁ ଉଦ୍ୟମ ଚଳାଇଛି । ଓଟିଇଟି ପ୍ରଶ୍ନପତ୍ର ଲିକ ଘଟଣାରେ ବୋର୍ଡ ସଭାପତିଙ୍କ ସମ୍ପର୍କକୁ ନେଇ ବଡ ଖୁଲାସା କରିବାକୁ ପ୍ରସ୍ତୁତି ଚଳାଇଛି କ୍ରାଇମ ବ୍ରାଞ୍ଚ। ଗିରଫ ଉପସଭାପତି ନିହାର ମହାନ୍ତି, ଡାଟା ଏଣ୍ଟ୍ରି ଅପରେଟର ଜୀତନ ମହାରଣାଙ୍କ ସମେତ ୮ ଅଭିଯୁକ୍ତଙ୍କ ଆର୍ଥିକ କାରବାର ଖୁଲସା କରିବାକୁ ଦିଲ୍ଲୀର ଫାଇନାନ୍ସିଆଲ୍ ଇନଭେଷ୍ଟିଗେସନ ୟୁନିଟର ସହାୟତା ଲୋଡିଛି ତଦନ୍ତକାରୀ ଏଜେନ୍ସି । ଦିଲ୍ଲୀର ଫାଇନାନ୍ସିଆଲ୍ ଇନଭେଷ୍ଟିଗେସନ ୟୁନିଟକୁ ଏହି ତଥ୍ୟ ମାଗିଛି କ୍ରାଇମବ୍ରାଞ୍ଚ । ଦୁଇ ଅଭିଯୁକ୍ତ ଜୀତନ ମହାରଣା ଓ କ୍ୟାଡ଼ର ଶିକ୍ଷକ

▶▶ପୃଷ୍ଠା ୭

# ରାହୁଲଙ୍କ 'ଭୋଟ୍ ଚୋରି' ଅଭିଯୋଗ: ବିରୋଧୀ ହେଲେ ଏକଜୁଟ



ନୂଆଦିଲ୍ଲୀନୂଆଦିଲ୍ଲୀ,୯/୮ : ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଦ୍ୱାରା ନିର୍ବାଚନ କମିସନଙ୍କ ଉପରେ 'ଭୋଟ୍ ଚୋରି' ଅଭିଯୋଗକୁ ନେଇ ରାଜନୀତି ଉଷ୍ମ ହୋଇଛି । ବିରୋଧୀ ସାଂସଦମାନେ ଏବେ ଏହି ପ୍ରସଙ୍ଗରେ ଏକଜୁଟ ହେବାକୁ ପ୍ରସ୍ତୁତ ହେଉଛନ୍ତି। ରାହୁଲ ଗାନ୍ଧୀଙ୍କୁ ୨୫ଟି ବିରୋଧୀ ଦଳର ସମର୍ଥନ ମିଳିଛି। କଂଗ୍ରେସ ଦଳସେମାନଙ୍କୁ ନିଜ ସପକ୍ଷରେ ଆଣିବା ପାଇଁ ଅଗଷ୍ଟ ୧୧ ରେ ଏକ ବୈଠକ ଡାକିଛି। ଏନେଇ ଦେଶବ୍ୟାପୀ ପ୍ରତିବାଦ ଘୋଷଣା କରାଯାଇପାରେ। ରାଜନୈତିକ ବିଶ୍ଳେଷକମାନେ ମଧ୍ୟ କହିଛନ୍ତି ଯେ, ରାହୁଲଙ୍କ ଅଭିଯୋଗରେ ସତ୍ୟତା ରହିଛି। ଭୋଟ୍ ଚୋରି ଅଭିଯୋଗରେ କଂଗ୍ରେସ ସାଂସଦ ଏବଂ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ସମର୍ଥନ କରିଥିବା ରାଜନୈତିକ ଦଳଙ୍କ ମଧ୍ୟରେ ଟିଏମସି, ନ୍ୟାସନାଲ କନଫରେନ୍ସ, ପିଡିପି, ଆରଏଲପି, ସମାଜବାଦୀ ପାର୍ଟି, ଆରଜେଡି,

▶▶ପୃଷ୍ଠା ୭

## ଗୁଜରାଟ-ରାଜସ୍ଥାନ ସୀମାରେ ଭୂମିକମ୍ପ

ନୂଆଦିଲ୍ଲୀ,୯/୮ : ଶନିବାର ରାତି ୯.୦୩ ସମୟରେ ଗୁଜରାଟ-ରାଜସ୍ଥାନ ସୀମାରେ ଭୂମିକମ୍ପ ଅନୁଭୂତ ହୋଇଥିଲା । ରିକ୍ଟର ସ୍କେଲରେ ଭୂମିକମ୍ପର ତୀବ୍ରତା ୩.୬ ମାପ କରାଯାଇଥିଲା, ଯାହାର କେନ୍ଦ୍ରସ୍ଥଳ ପାଲାନପୁରରୁ ୩୧ କିଲୋମିଟର ଉତ୍ତର-ପୂର୍ବରେ ଥିଲା । ଗୁଜୁରାଟର ବନାସକାଣ୍ଠା ଜିଲ୍ଲାର ଅଧିକାଂଶ ତହସିଲରେ ଭୂମିକମ୍ପ ଅନୁଭୂତ ହୋଇଥିଲା । ଲୋକମାନେ ଭୟଭୀତ ହୋଇ ଘରୁ ବାହାରକୁ ବାହାରି ଆସିଥିଲେ । ତଥାପି, ଉଭୟ ରାଜ୍ୟର କୌଣସି ଅଞ୍ଚଳରୁ ଜୀବନ କିମ୍ବା ସମ୍ପତ୍ତି କ୍ଷୟକ୍ଷତିର କୌଣସି ରିପୋର୍ଟ ନାହିଁ ।

# ଆଲାସ୍କାରେ ଟ୍ରମ୍ପଙ୍କୁ ଭେଟିବେ ପୁଟିନ: ଅଗଷ୍ଟ ୧୫ରେ ସାକ୍ଷାତ ଆଲୋଚନା କାର୍ଯ୍ୟକ୍ରମ



ନୂଆଦିଲ୍ଲୀ,୯/୮ : କିଛି ଦିନ ତଳେ ଖବର ମିଳିଥିଲା ଯେ, ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଭାରତ ଗସ୍ତ କରିବେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଶୁଳ୍କ ଚାପ ମଧ୍ୟରେ ଭାରତ ଓ ରୁଷ୍ ଏକାଠି ହୋଇ ଏହାର ମୁକାବିଲା କରିବେ ବୋଲି ଆଶା କରାଯାଉଥିଲା। ଏବେ ଟ୍ରମ୍ପ ଏକ ବଡ଼ ଘୋଷଣା କରିଛନ୍ତି। ସେ ନିଶ୍ଚିତ କରିଛନ୍ତି ଯେ, ଅଗଷ୍ଟ ୧୫ରେ ଆଲାସ୍କାରେ ସେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ଭେଟିବେ। ଏହି ବୈଠକର ଉଦ୍ଦେଶ୍ୟ ହେଉଛି ୟୁକ୍ରେନ ଯୁଦ୍ଧ ସମାପ୍ତ କରିବା ପାଇଁ ଏକ ସମ୍ଭାବ୍ୟ ଶାନ୍ତି ଚୁକ୍ତି ଉପରେ ଆଲୋଚନା କରିବା। କିନ୍ତୁ ଟ୍ରମ୍ପ୍ ସୂଚିତ କରିଛନ୍ତି ଯେ, ଏଥିରେ 'ୟୁକ୍ରେନ୍-ରୁଷ୍ ମଧ୍ୟରେ ଅକ୍ତିଆର ହୋଇଥିବା କିଛି କ୍ଷେତ୍ରର ଅଦଳବଦଳ ସାମିଲ ହୋଇପାରେ। ହ୍ୱାଇଟ୍ ହାଉସ୍‌ରେ ଆର୍ମେନିଆ ଏବଂ ଅଜରବୈଜାନର ନେତାମାନଙ୍କୁ ଭେଟିବା ସମୟରେ ଟ୍ରମ୍ପ୍ କହିଥିଲେ, 'ଆମେ ରୁଷ ସହିତ ଆଲୋଚନା ଆରମ୍ଭ କରିବୁ। ଏହା ଏକ ବହୁତ ଜଟିଳ ବିଷୟ। କିନ୍ତୁ ଆମେ କିଛି ଫେରି ପାଇବୁ ଏବଂ କିଛି ବଦଳାଯିବ। ଏହା ଉଭୟ ପକ୍ଷ ପାଇଁ ଲାଭଦାୟକ ହେବ।' ତେବେ ୟୁକ୍ରେନ ଏବଂ ଏହାର ୟୁରୋପୀୟ ସହଯୋଗୀମାନେ ଦୀର୍ଘ ଦିନ ଧରି କ୍ରିମିଆ, ଡୋନେତସ୍କ, ଲୁହାନସ୍କ, ଖେରସନ ଏବଂ ଜାପୋରିଜିଆ ଭଳି ଅଧିକୃତ ଅଞ୍ଚଳ ଉପରେ ରୁଷକୁ ନିୟନ୍ତ୍ରଣ ଦେବାର ଚୁକ୍ତିକୁ ବିରୋଧ କରିଆସୁଛନ୍ତି। ପୁଟିନ ଜିଦ୍ ଧରି ବସିଛନ୍ତି ଯେ, ଯେକୌଣସି ଚୁକ୍ତିରେ ୟୁକ୍ରେନକୁ ୨୦୧୪ ମସିହାରୁ ରୁଷ ଦ୍ୱାରା ଅଧିକୃତ କିଛି ଅଞ୍ଚଳ ଛାଡିବାକୁ ପଡିବ। ଏହା ସହିତ, ସେ ୟୁକ୍ରେନକୁ ସାମରିକ ସହାୟତା ବନ୍ଦ କରିବାକୁ ଏବଂ ନାଟୋରେ ଯୋଗଦାନ ପାଇଁ ପ୍ରୟାସ ବନ୍ଦ କରିବାକୁ ପଶ୍ଚିମ ଦେଶଗୁଡ଼ିକୁ କହିଆସୁଛନ୍ତି। ଏମଧ୍ୟରେ ଟ୍ରମ୍ପ-ପୁଟିନ୍‌ଙ୍କ ଭେଟଘାଟ ପରେ ସମାଧାନର ବାଟ ବାହାର କରିପାରୁଛି କି ନାହିଁ ତା' ଉପରେ ସମସ୍ତଙ୍କ ନଜର ରହିଛି।

# ଅପରେସନ୍ 'ସିନ୍ଦୂର'କୁ ନେଇ ବାୟୁସେନାର ବଡ଼ ସୂଚନା: ମାଟିରେ ମିଶିଛି ପାକିସ୍ତାନର ୫ ଲଢୁଆ ବିମାନ



ନୂଆଦିଲ୍ଲୀ,୯/୮ : ପାକିସ୍ତାନ ଭିତରେ ପଶି ପହଲଗାମ ପ୍ରତିଶୋଧ ନେଇଥିଲା ଭାରତୀୟ ସେନା । ଆକ୍ରମଣ ପରେ ଆକ୍ରମଣ କରି ଆତଙ୍କୀସ୍ଥାନର ଆତଙ୍କୀ ଆଡ୍ଡାକୁ ଛାରଖାର ଘଟଣାକୁ ଦେଖିଥିଲା ପୂରା ବିଶ୍ୱ । ଏବେ ଅପରେସନ୍ ସିନ୍ଦୂର ନେଇ ବଡ଼ ଖୁଲାସା କରିଛି ଭାରତୀୟ ବାୟୁସେନା । ପାକିସ୍ତାନକୁ ହୋଇଥିବା କ୍ଷୟକ୍ଷତି ବିଷୟରେ ଭାରତୀୟ ବାୟୁସେନା ମୁଖ୍ୟ ଏୟାର ଚିଫ ମାର୍ଶାଲ ଏପି ସିଂହ ଏକ ବଡ଼ ଖୁଲାସା କରିଛନ୍ତି । ବେଙ୍ଗାଲୁରୁରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ଏୟାରଚିଫ୍ ମାର୍ଶଲ କହିଛନ୍ତି ଯେ ଅପରେସନ୍ ସିନ୍ଦୂରରେ ପାକିସ୍ତାନର ୫ଟି ଯୁଦ୍ଧ ବିମାନ ମାଟିରେ ମିଶିଛି।

▶▶ପୃଷ୍ଠା ୭

# ଅଭିନେତା ଅର୍ଦ୍ଧେନ୍ଦୁଙ୍କ ଦଶହରା ଭେଟି ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଚ୍ୟାଲେଞ୍ଜ'



ଭୁବନେଶ୍ୱର, ୦୯/୮ (ନି.ପ୍ର): ଅଭିନେତା ଅର୍ଦ୍ଧେନ୍ଦୁ ସାହୁ ଓଡ଼ିଆ ଚଳଚ୍ଚିତ୍ର ଜଗତର ଏକ ଚର୍ଚ୍ଚିତ ନାଁ । ଅଭିନୟ ସହିତ ପ୍ରଯୋଜନା କ୍ଷେତ୍ରରେ ପାଦ ରଖି ଓଡ଼ିଆ ଚଳଚ୍ଚିତ୍ର ଜଗତର ଗାରିମାକୁ ସେ ବଢ଼େଇବାରେ ସହାୟ ହୋଇଛନ୍ତି । ପୂର୍ବରୁ ବ୍ଲାକମେଲ, ଅ ଆ ହର୍ଷଇ ସହିତ ଭିଲେନ୍ ଭଳି ଆକ୍ସନ୍ ଚଳଚ୍ଚିତ୍ର ନିର୍ମାଣ କରି ଓଡ଼ିଆ ଦର୍ଶକଙ୍କୁ ବହୁତ ମନୋରଞ୍ଜନ ଯୋଗାଇଛନ୍ତି । ଗତକାଲି ଅର୍ଦ୍ଧେନ୍ଦୁଙ୍କର ଆଗାମୀ ଚଳଚ୍ଚିତ୍ର ଚ୍ୟାଲେଞ୍ଜର ଫାଷ୍ଟ ଲୁକ୍ ମୁକ୍ତିଲାଭ କରିଛି । ଚ୍ୟାଲେଞ୍ଜ ଚଳଚ୍ଚିତ୍ରରେ ଆକ୍ସନ ସହିତ ଫ୍ୟାମିଲି ଡ୍ରାମା ମଧ୍ୟ ଭରି ରହିଛି । ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ ବ୍ୟାନର ରେ ଏହା ହେଉଛି ୬ଷ୍ଠ ଅବଦାନ । ସବୁବେଳେ କିଛି ନୂଆ କରିବା ପାଇଁ ଚେଷ୍ଟା କରଥାନ୍ତି ଅର୍ଦ୍ଧେନ୍ଦୁ । ଚ୍ୟାଲେଞ୍ଜରେ ମଧ୍ୟ କିଛି ନୂଆ କରିବା ପାଇଁ ମହାଭାରତର ସେଇ ନାମୀ ଦାମୀ ଚରିତ୍ରରେ ଅଭିନୟ କରିଥିବା ପୁନିତ ଇସାର ଓରଫ ଦୁର୍ଯ୍ୟୋଧନଙ୍କୁ ଏକ ବଳିଷ୍ଠ ଚରିତ୍ରରେ ଦେଖିବାକୁ ମିଳିବ । ଅଭିନେତ୍ରୀ ଚୁଲବୁଲି ନାୟିକା ଏଲିନା ସାମନ୍ତରାୟ ଙ୍କୁ ଦର୍ଶକେ ଚ୍ୟାଲଞ୍ଜ ରେ ଦେଖିବାକୁ ପାଇବେ । ନୂଆ କଥା ମ୍ୟୁଜିକ୍ ଭିଡିଓ ଜାଇଫୁଲ ର ସଫଳ ଯୋଡ଼ି ଲିପି ଓ ପୁପିନ୍ଦର ସିଂହ ଙ୍କୁ ଏକ ବିଶେଷ ଭୂମିକାରେ ଦେଖିବାକୁ ମିଳିବ । ଯୁବ ନିର୍ଦ୍ଦେଶକ ସାଇ କିରଣ ମଙ୍ଗରାଜ ଏହି ଚ୍ୟାଲେଞ୍ଜ ଚଳଚ୍ଚିତ୍ର ର ନିର୍ଦ୍ଦେଶନା ଭାର ନେଇଥିବା ବେଳେ, ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୌରବ ଆନନ୍ଦ । ଚିତ୍ରଗ୍ରାହଣ କରିଛନ୍ତି ପ୍ରତାପ ରାଉତ, ପ୍ରଚାର ପ୍ରସାର ଓ କ୍ରିଏଟିଭ ହେଡ୍ ଅଛନ୍ତି ପ୍ରଣୟ ଜେଠୀ । ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଅମିତ୍ ନାୟକ । ଚଳଚ୍ଚିତ୍ରଟି ଆସନ୍ତା ଦଶହରାରେ ସାରା ଓଡ଼ିଶାରେ ପ୍ରକାଶ ଫିଲ୍ମସ ଡିଷ୍ଟ୍ରିବ୍ୟୁସନ ବ୍ୟାନରରେ ମୁକ୍ତିଲାଭ କରିବ ।

# ଦିବଂଗତ ପ୍ରଫେସର ଜୟନ୍ତ କୁମାର ଦାସଙ୍କ ପଞ୍ଚମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ସ୍ମୃତି ଚାରଣ ସଭା ଅନୁଷ୍ଠିତ




ଜଳେଶ୍ୱର, ୦୯/୮ (ନି.ପ୍ର): ଶନିବାର ପୂର୍ବାହ୍ନ ୧୦ ଘଟିକା ସମୟରେ ଗୋପ ସ୍ଥିତ ନିଜସ୍ୱ ବାସଭବନ ରେ ପ୍ରଥମେ ଭଗବାନ ସତ୍ୟସାଇ ବାବାଙ୍କ ଜଳେଶ୍ୱର ସଂଗଠନ ର ଶ୍ରଦ୍ଧାଳୁଙ୍କ ଦ୍ୱାରା ଭଜନ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା । ପରେପରେ ସ୍ମୃତି ଚାରଣ ସଭା ପୌ ।ରହିତ୍ୟ କରିଥିଲେ ସମୁଦି ତଥା ଶିକ୍ଷାବିତ୍, ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ଦିଗମ୍ବରୀଦେବୀ ଶିକ୍ଷାନୁଷ୍ଠାନ ସମୂହ ର ପ୍ରାଣ ପ୍ରତିଷ୍ଠାତା +୨ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଅଧ୍ୟକ୍ଷ ଡଃ ଅଜିତ କୁମାର ମହାନ୍ତି ବକ୍ତବ୍ୟ ରେ କହିଥିଲେ ପ୍ରଫେସର ଦାସ ଜଳେଶ୍ୱର ଦୀନକୃଷ୍ଣ ମହାବିଦ୍ୟାଳୟର ପ୍ରାକ୍ତନ ଅର୍ଥନୀତି ପ୍ରାଧ୍ୟାପକ, ଜଣେ ଶିକ୍ଷାବିତ୍, ସମର୍ପିତ ଆଧ୍ୟାତ୍ମିକ ଚେତନାର ମଣିଷ, ପରୋପକାରୀ, ପ୍ରବୀଣ ଅର୍ଥନୀତି ବିଶାରଦ, ପ୍ରଗଳ୍ଭ ପ୍ରବକ୍ତା, ଅହଂକାର ଶୂନ୍ୟ ମଣିଷ ତଥା ବିଚକ୍ଷଣ ବିଚାର ଧାରା ସମ୍ପନ୍ନ ଅମିଳନ ପ୍ରତିଭା ବୋଲି କହିଥିଲେ। ପ୍ରଫେସର ଦାସ ଙ୍କ ସୁପୁତ୍ର ସୁଦୂର ଆମେରିକାରେ ଚାକିରୀ କରୁଥିବା ଇ ରାମକୃଷ୍ଣ ଦାସ ପ୍ରକାଶ କରିଥିଲେ ବାପାଙ୍କ ନାମ ରେ ଏକ ଟ୍ରଷ୍ଟ ଗଠନ କରି ଦୀନକୃଷ୍ଣ କଲେଜ ରେ ତୈଳ ଚିତ୍ର ଲଗାଯିବା ପାଇଁ ଅଧ୍ୟକ୍ଷଙ୍କୁ ଆବେଦନ । କଲେଜ ରେ ଟପ୍ପର ଛାତ୍ର ଛାତ୍ରୀ ଙ୍କୁ ସମ୍ବର୍ଦ୍ଧନା କରାଯିବା ଏବଂ ପ୍ରତ୍ୟେକ ବର୍ଷ ଜଳେଶ୍ୱର ବ୍ଲକ ର ଦୁଇ ଜଣ କୃତି ଶିକ୍ଷକ ଙ୍କୁ ସମ୍ବର୍ଦ୍ଧନା କରାଯିବା ସମ୍ପର୍କରେ କହିଥିଲେ। ପ୍ରଫେସର ଦାସଙ୍କ ପୁତ୍ର ବଧୂ ତଥା ଡଃ ଅଜିତ କୁମାର ମହାନ୍ତିଙ୍କ କନ୍ୟା ଡାକ୍ତର ଅଭିଶ୍ୱେତା ମହାନ୍ତି କହିଥିଲେ ମୋ ଶ୍ୱଶୁର ଆଗାମୀ ପିଢ଼ି ପାଇଁ ଏକ ଉଦାହରଣ । ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ବିଶିଷ୍ଟ କବି ଡଃ ଶ୍ରୀ କୁମାର, ମୁଖ୍ୟ ଅତିଥି ଭାବରେ ପ୍ରାଧ୍ୟାପକ ତଥା ଦୀନକୃଷ୍ଣ ସ୍ମୃତି ପରିଷଦ ର ସମ୍ପାଦକ ବିପିନ ବିହାରୀ ବିଶ୍ୱାଳ ବକ୍ତବ୍ୟରେ କହିଥିଲେ ଆଗାମୀ ପିଢ଼ି ପାଇଁ ପ୍ରଫେସର ଦାସ ଏକ ଅନନ୍ୟ ଉଦାହରଣ ତଥା ପ୍ରସ୍ତାବ ରଖିଥିଲେ ପ୍ରଫେସର ଦାସ ଙ୍କ ଉପରେ ଏକ ଜୀବନୀ ପୁସ୍ତକ ଆଗାମୀ ବର୍ଷ ଶ୍ରାଦ୍ଧ ବାର୍ଷିକୀ ରେ ପ୍ରକାଶ ପାଇବା ପାଇଁ। ବରେଣ୍ୟ ଅତିଥି ଭାବରେ ପ୍ରାକ୍ତନ ଫରେଷ୍ଟ ରେଞ୍ଜ ଅଫିସର ବିଶିଷ୍ଟ କବି ସ୍ତମ୍ଭକାର ସୁକୁମାର ଦାସ, ବକ୍ତବ୍ୟରେ ପ୍ରଫେସର ଦାସଙ୍କ ଅତ୍ୟନ୍ତ ଘନିଷ୍ଠ ବନ୍ଧୁ ଏବଂ ତାଙ୍କ ସହିତ ବିତାଇଥିବା ସମସ୍ତ ଅନୁଭୂତି ଗୋଡ଼ିକ ଏକ ଲିଖିତ ପୁସ୍ତକ ପ୍ରକାଶ ସମ୍ପର୍କରେ କହିଥିଲେ। ପ୍ରାକ୍ତନ ବି ଇ ଓ ବନମାଳୀ ଧଳ ବକ୍ତବ୍ୟ ରଖିଥିଲେ। ଅଧ୍ୟାପିକା ଇନ୍ଦୁମତି ଗିରି ପ୍ରଫେସର ଦାସ ଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ସ୍ୱରଚିତ କବିତା ପାଠ କରି ଥିଲେ । କବି ବସନ୍ତ କୁମାର ଦାସ ପ୍ରଫେସର ଦାସଙ୍କ ସମ୍ପର୍କରେ କବିତା ପାଠ କରିଥିଲେ। ଜଳଧର ଭଞ୍ଜ କବିତା ପାଠ କରିଥିଲେ ।, କବି ସୁଶୀଲ କୁମାର ମାହାନା ମଧ୍ୟ ପ୍ରଫେସର ଦାସ ଙ୍କ ବାଲ୍ୟ ବନ୍ଧୁ ଥିଲେ ଘଟିଥିବା ଘଟଣାର ସ୍ୱରଚିତ କବିତା ପାଠ କରିଥିଲେ। ଶରତ ଚନ୍ଦ୍ର ପରିଡା ଅନୁଭୂତି ରୁ ଜଳେଶ୍ୱର ଉଚ୍ଚ ବିଦ୍ୟାଳୟ ରେ ଦୁଇଟି ଉପର ଶ୍ରେଣୀର ପଢୁଥିବା ଜୀବନର କଟେଇ ଥିବା ସମୟ କୁ ସମସ୍ତ ଙ୍କ ସାମ୍ନା ରେ ପ୍ରକାଶ କରିଥିଲେ ।ଇ ଅଂଶୁମାନ ମହାନ୍ତି, ବିକ୍ରମ ଦାସ, ରାଜବରଲାଲ ଚୈ ।ଦାସିଆ, ଚିତ୍ତ ରଞ୍ଜନ ଘୋଷ, ଇ ରାମଚନ୍ଦ୍ର ସାହୁ, ଅନନ୍ତ କୁମାର ଦାସ, କଳ୍ପନା ସେନ, ପତ୍ନୀ ଅନିନ୍ଦିତା ଦାସ, ପୁତରା ସୁମନ ଦାସ, ସରୋଜ କୁମାର ପାଣିଗ୍ରାହୀ ବେଦ ପାଠ କରିଥିଲେ । ଅଞ୍ଜନ କୁମାର ମହାନ୍ତି, ଶ୍ୟାମଳ କୁମାର ଦାସ, ଅଧ୍ୟାପକ ମାନସ କୁମାର ମାଇତୀ, ଅଧ୍ୟକ୍ଷ ପ୍ରକାଶ କୁମାର ଦିନ୍ଦା, ରେଣୁବାଳା ଦେ, ତାରାପଦ ମହାନ୍ତି, ଭାଗ୍ୟ ଲକ୍ଷ୍ମୀ ଦାସ, ଇନ୍ଦ୍ରାଣୀ ଦାସ, ହରିଶଙ୍କର ପରିଡା, ସରୋଜ କୁମାର ପ୍ରଧାନ, ଗଦାଧର ଜେନା, ସୁରେଶ ଚନ୍ଦ୍ର ଦେ, ସଞ୍ଜୟ କୁମାର ପଣ୍ଡା, ପ୍ରିତମ ପବିତ୍ର ପଣ୍ଡା, ଜ୍ୟୋସ୍ନା ରାଣୀ ଧଳ, ଶିକ୍ଷକ ପ୍ରଦୀପ କୁମାର ଜେନା, ପ୍ରାକ୍ତନ ଏ ବି ଇ ଓ ପ୍ରଫୁଲ୍ଲ କୁମାର ମହାନ୍ତି। ଧନ୍ୟବାଦ ଅର୍ପଣ କରିଥିଲେ ସମୂଦୁଣୀ ତଥା ଦିଗମ୍ବରୀଦେବୀ ଶିକ୍ଷାନୁଷ୍ଠାନ ସମୂହ ର ସମ୍ପାଦୀକା ମଧୁଛନ୍ଦା ମହାନ୍ତି।

# ସାରଳା ମହାଭାରତରେ ଜ୍ୟୋତିଷ ଚର୍ଚ୍ଚା ପୁସ୍ତକର ଲୋକାର୍ପଣ




ଭୁବନେଶ୍ୱର, ୦୯/୮ (ନି.ପ୍ର): ପକ୍ଷୀଘର ପ୍ରକାଶନୀ ପ୍ରକାଶିତ ଡ. ରଜନୀ ରଞ୍ଜନ ଦାଶ ଙ୍କ ଲିଖିତ 'ସାରଳା ମହାଭାରତରେ ଜ୍ୟୋତିଷ ଚର୍ଚ୍ଚା ' ପୁସ୍ତକ ର ପରିବର୍ଦ୍ଧିତ ସଂସ୍କରଣ ଆଜି ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ କେଦାରନାଥ ଗବେଷଣା କେନ୍ଦ୍ରରେ ଲୋକାର୍ପିତ ହୋଇଯାଇଛି । ପକ୍ଷୀଘର ପ୍ରକାଶନୀ ର ବନୋଜ ତ୍ରିପାଠୀ ଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସଭାରେ ସାରଳା ସାହିତ୍ୟର ବିଶିଷ୍ଟ ଗବେଷକ ଜେଏନୟୁ ର ପ୍ରଫେସର ଡ. ଉଦୟନାଥ ସାହୁ ଏବଂ ଓଡ଼ିଶା ସଂସ୍କୃତି ବିଶ୍ୱବିଦ୍ୟାଳୟ ର ପ୍ରଫେସର ଡ. ପ୍ରେମାନନ୍ଦ ମହାପାତ୍ର ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ଭାବରେ ଏବଂ ଡ. ଅଜୟ ସ୍ୱାଇଁ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ସାରଳା ଦାସଙ୍କ ଜ୍ଞାନ ଓ ବହୁଶାସ୍ତ୍ରଦର୍ଶିତା ଉପରେ ବିଶେଷ ଆଲୋଚନା କରିଥିଲେ । ଲେଖକ ଡ. ଦାଶ ନିଜ ଲେଖକୀୟ ଆଭିମୁଖ୍ୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଓଡ଼ିଶା ମିରର ର ସମ୍ପାଦକ ଦିଲ୍ଲୀପ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିଲେ । ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ତନୟା ଦାସଗୋସ୍ୱାମୀ ।

# ନାରୀ ନିର୍ଯ୍ୟାତନା ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ବିରୋଧରେ ସିପିଆଇ(ଏମ) ପକ୍ଷରୁ ଦାବିପତ୍ର

ଭଦ୍ରକ, ୦୯/୮ (ନି.ପ୍ର): ଗୋପାଳପୁର ସମୁଦ୍ର ବେଳାଭୂମି ଛାତ୍ରୀ ଧର୍ଷଣ ଘଟଣା, ଚନ୍ଦକା ଅଭୟାରଣ୍ୟ ଭିତରେ ମହିଳା ଦୁଷ୍କର୍ମ, ଚାନ୍ଦିପୁର ବେଳାଭୂମିରେ ମହିଳା ଧର୍ଷଣ, ଫକୀର ମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଙ୍କ ଆନୁଷ୍ଠାନିକ ହତ୍ୟା ଘଟଣା, ବଲାଙ୍ଗୀ ଛାତ୍ରୀ ହତ୍ୟା ଘଟଣା, କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ବଡବଡା କଲେଜରେ ଅଧ୍ୟୟନ କରୁଥିବା କାଠୁଆପଡା ଗ୍ରାମର ଛାତ୍ରୀ ଙ୍କ ଆତ୍ମହତ୍ୟା ଘଟଣାରେ ମହିଳା ବିଚାରପତିଙ୍କ ଦ୍ୱାରା ନ୍ୟାୟିକ ତଦନ୍ତ, ଦ୍ରୁତ ବିଚାର ପ୍ରକ୍ରିୟା ମାଧ୍ୟମରେ ଅଭିଯୁକ୍ତ ମାନଙ୍କ ବିରୁଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ , ନିଜ କର୍ତ୍ତବ୍ୟରେ ଅବହେଳା ପ୍ରଦର୍ଶନ କରିଥିବା ସଂପୃକ୍ତ ପୋଲିସ ଅଫିସର, ବିଭାଗୀୟ ମନ୍ତ୍ରୀ ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଏଫ୍ ଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ଆତ୍ମହତ୍ୟା ଘଟଣାରେ ବାଲେଶ୍ୱର ସଦର ବିଧାୟକ ଓ ବାଲେଶ୍ୱର ସାଂସଦ ଙ୍କୁ ନ୍ୟାୟିକ ତଦନ୍ତ ପରିସରଭୁକ୍ତ କରିବା ଦାବିରେ ଓ ଓଡିଶାରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ବିରୁଧରେ ସିପିଆଇ(ଏମ) ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଭଦ୍ରକ ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ଉପରୋକ୍ତ ଦାବି ଗୁଡିକ ପୂରଣ ନହେଲେ ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ନସୁଧୁରିଲେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ ହେବ ବୋଲି ପ୍ରତିନିଧି ଦଳ ତାଙ୍କ ଦାବିପତ୍ରରେ ଚେତାବନୀ ଦେଇଛନ୍ତି ।

# ବାଲେଶ୍ୱରରେ ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ବଣ୍ଟନ

ବାଲେଶ୍ୱର, ୦୯/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଗୋପାଳ ଗାଁସ୍ଥିତ ଆୟୁଷ୍ମାନ ମଣ୍ଡପରେ ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହେଲା । ଏଥିରେ ମାନ୍ୟବର ସାଂସଦ ପ୍ରତାପ ଷଡ଼ଙ୍ଗୀ , ବାଲେଶ୍ୱର ସଦର ବିଧାୟକ ମାନସ ଦତ୍ତ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଉପ ଜିଲ୍ଲାପାଳ ଶିବ ମାଲ୍ଲିକ୍, ଉପ ଜିଲ୍ଲାପାଳ ମଧୁସ୍ମିତା ସାମନ୍ତରାୟ, ଡିଏସଡବ୍ଲୁଓ ଜ୍ୟୋସ୍ନା ମହାନ୍ତି ସହିତ ବିଭିନ୍ନ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଧାୟକମାନେ ରାକ୍ଷୀର ମହତ୍ତ୍ୱ ବିଷୟରେ କଥା କହି, ସୁଭଦ୍ରା ଯୋଜନା କିପରି ଓଡ଼ିଶାର ଲକ୍ଷ୍ୟ-ଲକ୍ଷ୍ୟ ମା-ଭଉଣୀଙ୍କୁ ସଶକ୍ତ କରୁଛି, ତାହା ଉଲ୍ଲେଖ କଲେ। ସାଂସଦ ପ୍ରତାପ ସରଙ୍ଗୀ ଗହ୍ମା ପୂର୍ଣ୍ଣିମା, ରାକ୍ଷୀ ପୂର୍ଣ୍ଣିମା ଓ କ୍ରାନ୍ତିଦିବସର ମାହାତ୍ମ୍ୟ ବ୍ୟାଖ୍ୟା କରି, ଏହି ଯୋଜନା ମହିଳାଙ୍କ ଆର୍ଥିକ ସ୍ୱାଧୀନତା ଓ ସ୍ୱାଭିମାନ ବୃଦ୍ଧି କରୁଥିବା କଥା କହିଥିଲେ। ବିଭିନ୍ନ ବ୍ଲକରୁ ବକ୍ତୃତା, କୁଇଜ୍, ପେଣ୍ଟିଂ ଓ ରଚନା ପ୍ରତିଯୋଗିତାରେ କୃତି ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ କୋରାପୁଟରୁ ମୁଖ୍ୟ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖାଯାଇଥିଲା, ଯେଉଁଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରାୟ ୧ କୋଟି ମହିଳାଙ୍କ ବ୍ୟାଙ୍କ ଖାତାକୁ ସୁଭଦ୍ରା ସହାୟତା ରାଶି ପ୍ରେରଣ କରିଥିଲେ। ପୁଣି ୭୬୨ କୋଟି ଟଙ୍କାରୁ ଅଧିକର ଉନ୍ନୟନ ପ୍ରକଳ୍ପର ଶୁଭାରମ୍ଭ ମଧ୍ୟ କରିଥିଲେ ଓ ଜୟପୁର-ଭୁବନେଶ୍ୱର ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ ଚାଲିବା, କାଗଜ କଳର ର ପୁନରୁଦ୍ଧାର, ନୂଆ ପ୍ଲସ୍ ଥ୍ରି କଲେଜ୍ ସ୍ଥାପନା ପରି ପ୍ରକଳ୍ପ ଆଦିର ଘୋଷଣା କରିଥିଲେ। ସୁଭଦ୍ରା ଯୋଜନା କିପରି ମହିଳାଙ୍କ ଜୀବନରେ ପ୍ରଗତି ଓ ପରିବର୍ତ୍ତନ ଆଣୁଛି, ତାହାକୁ ସେ ନିଜର ଅଭିଭାଷଣରେ ଉଲ୍ଲେଖ କରିଥିଲେ। ବାଲେଶ୍ୱର ଜିଲ୍ଲାର ୫,୬୬,୮୫୨ ହିତାଧିକାରୀ ଏହି ତୃତୀୟ କିସ୍ତିରୁ ଲାଭାନ୍ୱିତ ହୋଇଛନ୍ତି।

# ଉଦଳା ରୋଟାରି କ୍ଲବର ଅଷ୍ଟମ ପ୍ରତିଷ୍ଠାନ ଦିବସ ପାଳିତ

## ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ସଭାପତି, ସୁଦର୍ଶନ ପ୍ରଧାନ ସଂପାଦକ ମନୋନୀତ




ଉଦଳା , ୦୯/୮ (ନି.ପ୍ର): ଉଦଳା ରୋଟାରି କ୍ଲବର ୮ମ ପ୍ରତିଷ୍ଠାନ ଦିବସ ଚଳିତ ଅଗଷ୍ଟ ୮ ତାରିଖ ଶୁକ୍ରବାର ଦିନ ସ୍ଥାନୀୟ ହୋଟେଲ ସିପ୍ରନଇନ ପରିସରରେ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇ ଯାଇଛି । ଏହି ଅବସରରେ କ୍ଲବ ତରଫରୁ ବିଗତ ୭ ବର୍ଷ ଧରି ଚାଲିଥିବା ସେବାମୂଳକ କାର୍ଯ୍ୟକ୍ରମର ସମୀକ୍ଷା, ସାଧାରଣ ସଭା ଓ ଆଗାମୀ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ରୋଟାରି ଜିଲ୍ଲା – ୩୨୬୨ର ଗଭର୍ଣ୍ଣର ମନୋଜ କୁମାର ତ୍ରିପାଠୀ ଏଥିରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିବା ସହ ଉଦଳା ରୋଟାରୀ କ୍ଲବ କିପରି ଆଜି ଅନ୍ୟ ମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଡ୍ରିଷ୍ଟ୍ରିକ ସେକ୍ରେଟେରୀ ଜେନେରାଲ ସୁରେଶ କୁମାର ସାହୁ, ଆସିଷ୍ଟାଣ୍ଟ ଗଭର୍ଣ୍ଣର ପ୍ରଦୀପ୍ତ କୁମାର ପଣ୍ଡା ଓ ଜୋନାଲ ଚେୟାର ରାକେଶ କୁମାର ସିଂ ଅତିଥି ଭାବରେ ଯୋଗ ଦେଇ ଉଦଳା ରୋଟାରୀ କ୍ଲବର ସେବା ମୂଳକ କାମ ଆଜି କିପରି ସମଗ୍ର ପୃଥିବୀର ବିଭିନ୍ନ ଦେଶବାସୀଙ୍କ ପାଖରେ ପହଂଚି ପାରିଛି ଓ ବିଭିନ୍ନ ଦେଶରୁ ଡ଼ୋନର ମାନଙ୍କ ପାଖରୁ ଏଠାକୁ ଆର୍ଥିକ ଅନୁଦାନ ଆସିପାରିଛି ଏହାର ସ୍ୱଷ୍ଟ ଚିତ୍ର ଉପସ୍ଥାପନ କରିଥିଲେ । ଏହାପରେ ବିଗତ ବର୍ଷର ସଭାପତି ପ୍ରହ୍ଲାଦ ଦାସ ଓ ସମ୍ପାଦକ ଚିତରଂଜନ ବାରିକ ଦାୟିତ୍ୱରେ ଥିବା ସମୟରେ ହାତକୁ ନେଇଥିବା କାମ ଓ ଏହାର ଅଗ୍ରଗତି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହାପରେ ଆଗାମୀ ବର୍ଷ ପାଇଁ ମନୋନିତ ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ଓ ସମ୍ପାଦକ ସୁଦର୍ଶନ ପ୍ରଧାନ ଦାୟିତ୍ୱ ଗ୍ରହଣ କରିଥିଲେ । ନୂତନ ସଭାପତି ଶ୍ରୀଯୁକ୍ତ ବିଶ୍ୱାଳ ଓ ସମ୍ପାଦକ ଶ୍ରୀଯୁକ୍ତ ପ୍ରଧାନ ତାଙ୍କର ବକ୍ତବ୍ୟରେ ଉଦଳା ରୋଟାରୀ କ୍ଲବର ଥିବା ସମ୍ମାନ କିପରି ସବୁଦିନ ପାଇଁ ଅକ୍ଷୁର୍ଣ୍ଣ ରହିବ ସେଥିପାଇଁ ଆମେ ସବୁ ସମୟରେ ପ୍ରସ୍ତୁତ ରହିଛୁ ବୋଲି ବ୍ୟକ୍ତ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଉଦଳା ଇନରହୁଇଲ କ୍ଲବ ସହଯୋଗ କରିଥିବା ବେଳେ ବାଲେଶ୍ୱର, ବାରିପଦା, ବେତନଟୀ, ଜଳେଶ୍ୱର ଓ ରାଇବଣିଆ ଅଂଚଳର ରୋଟାରିଆନ ମାନେ ଉପସ୍ଥିତ ଥିଲେ । ପ୍ରାରମ୍ଭରେ କୁନ୍ତଳା ମହାନ୍ତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହିତ ମଂଚ ପରିଚାଳନା ଦାୟିତ୍ୱ ତୁଲାଇଥିବା ବେଳେ ଉପସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ । ଆଜିର କାର୍ଯ୍ୟକ୍ରମକୁ ସଫଳ କରିବାରେ ଇଂ. ସୁବାଷ ଚନ୍ଦ୍ର ପଣ୍ଡା, ଲୋକପାଳ ବେହେରା, ପ୍ରତାପ ଚନ୍ଦ୍ର ମହାନ୍ତି, ହରେନ କୁମାର ପଟ୍ଟନାୟକ, ଅଜୟ ବେହେରା, ବ୍ରହ୍ମାନନ୍ଦ ନାୟକ, ମନୋରଂଜନ ପାଢ଼ି, ଅଶୋକ ମହାନ୍ତି, ଦୀପକ ଦାସ ପ୍ରମୁଖ ସହଯୋଗ କରିଥିଲେ ।

# ସେଲ୍, ଆରଏସପିର ଦଳ ଉଭୟ 'ସକ୍ଷମ' ଏବଂ 'ସମୃଦ୍ଧି' କୁଇଜ୍ ପ୍ରତିଯୋଗିତାରେ ଚାମ୍ପିଅନ୍



ରାଉରକେଲା, ୦୯/୮ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ର ଦଳଗୁଡ଼ିକ ସେଲ୍ ସ୍ତରୀୟ 'ସକ୍ଷମ୍' ଏବଂ 'ସମୃଦ୍ଧି' ମ୍ୟାନେଜମେଣ୍ଟ ବିଜିନେସ କୁଇଜ୍- ୨୦୨୫ (ଏମବିକ୍ୟୁ) ରେ ବିଜୟୀ ହୋଇଛନ୍ତି। କୋକ ଓଭେନ ବିଭାଗର ଏଜିଏମ ଶ୍ରୀ ସମ୍ପଦ ମିଶ୍ର, ଏବଂ ବ୍ଲାଷ୍ଟ ଫର୍ଣ୍ଣେସ୍ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଶ୍ରୀ ଅଭିଷେକ କୁମାର ମିଶ୍ରଙ୍କୁ ନେଇ ଗଠିତ ଦଳ 'ସକ୍ଷମ୍' ରେ ପ୍ରଥମ ପୁରସ୍କାର ଜିଣିଥିବା ବେଳେ ସିଭିଲ୍ ଇଞ୍ଜିନିୟରିଂ (ସେବା) ବିଭାଗର ଏଜିଏମ ସୁଶ୍ରୀ ଦିବ୍ୟା ଦାସ ଏବଂ ଆଇ ଆଣ୍ଡ ଏ ବିଭାଗର ସିନିୟର ମ୍ୟାନେଜର ସୁଶ୍ରୀ ରୋଜାଲିନ୍ ଦାସଙ୍କ ଦଳ 'ସମୃଦ୍ଧି' ଏମବିକ୍ୟୁ ରେ ବିଜେତା ହୋଇଛନ୍ତି। ଏହି କାର୍ଯ୍ୟକ୍ରମ ଅଗଷ୍ଟ ୫ ତାରିଖରୁ ୬ ତାରିଖ ପର୍ଯ୍ୟନ୍ତ ଭିଲାଇ ଷ୍ଟିଲ୍ ପ୍ଲାଣ୍ଟରେ ଅନୁଷ୍ଠିତ ହୋଇଥିଲା। ମନ୍ଥନ ସମ୍ମିଳନୀ ହଲରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା ବିଜେତାମାନଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବିଶ୍ୱରଞ୍ଜନ ପଲାଇ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏସ.ପାଲ ଚୌଧୁରୀ, ବିତ୍ତ ଓ ଲେଖା ବିଭାଗର ସିଜିଏମ ଶ୍ରୀ ରାଜେଶ ଦାସଗୁପ୍ତା ଏବଂ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ଏହି ଅବସରରେ, ଶ୍ରୀ ଆଲୋକ ବର୍ମା ଆରଏସପି ପାଇଁ ଗୌରବ ଆଣିଥିବାରୁ ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଓ କୁଇଜ୍ ପାଇଁ ସେମାନଙ୍କର ଆଗ୍ରହକୁ ଜାରି ରଖିବାକୁ କହିବା ସହିତ ଅନ୍ୟମାନଙ୍କୁ ମଧ୍ୟ ଏପରି ପ୍ରୟାସ କରିବାକୁ ଉତ୍ସାହିତ କରିଥିଲେ। ଜ୍ଞାନକୁ ସୁଦୃଢ଼ କରିବା ଏବଂ ଜ୍ଞାନାତ୍ମକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବାରେ କୁଇଜ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ବୋଲି ଉଲ୍ଲେଖ କରି ସେ ନିୟମିତ ବ୍ୟବଧାନରେ କୁଇଜ୍ କାର୍ଯ୍ୟକ୍ରମ ଆୟୋଜନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ଯାହା ଦ୍ୱାରା ଅଧିକ କର୍ମଚାରୀଙ୍କୁ କୁଇଜ୍ ପ୍ରତି ଆକର୍ଷିତ କରାଯାଇପାରିବ।

ଉପସ୍ଥିତ ନିର୍ବାହୀ ନିର୍ଦ୍ଦେଶକମାନେ ମଧ୍ୟ ଦୁଇଟି ଦଳର ସଫଳତାକୁ ପ୍ରଶଂସା କରିଥିଲେ ଏବଂ କୁଇଜ୍ ସଂସ୍କୃତିକୁ ଉତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

ଏହା ଉଲ୍ଲେଖନୀୟ ଯେ, 'ସକ୍ଷମ' ଏମବିକ୍ୟୁ ରେ ଇସ୍କୋ ଷ୍ଟିଲ୍ ପ୍ଲାଣ୍ଟ, ବର୍ନପୁର ଏବଂ ଭିଲାଇ ଷ୍ଟିଲ୍ ପ୍ଲାଣ୍ଟର ଦଳଗୁଡ଼ିକ ଯଥାକ୍ରମେ ପ୍ରଥମ ଏବଂ ଦ୍ୱିତୀୟ ରନର୍ସ ଅପ୍ ହୋଇଥିଲେ ଯେତେବେଳେ 'ସମୃଦ୍ଧି' ଏମବିକ୍ୟୁ ରେ ବୋଖାରୋ ଷ୍ଟିଲ୍ ଲିମିଟେଡ୍ ଏବଂ ଭିଲାଇ ଷ୍ଟିଲ୍ ପ୍ଲାଣ୍ଟର ଦଳଗୁଡ଼ିକ ପ୍ରଥମ ଏବଂ ଦ୍ୱିତୀୟ ରନର୍ସ ଅପ୍ ହୋଇଥିଲେ। ଆରଏସପି, ଡ଼ିଆଇସି ସଚିବାଳୟର ପୂର୍ବତନ ଜିଏମ ଶ୍ରୀ ଶ୍ରୀମନ୍ତ ମଲ୍ଲିକ ଏବଂ ଡ଼ିଜିଏମ ଶ୍ରୀ ରିକି ଅଗ୍ରୱାଲଙ୍କୁ ନେଇ ଗଠିତ ଦଳ 'ସକ୍ଷମ' ବର୍ଗରେ ଫାଇନାଲିଷ୍ଟ ହୋଇଥିଲେ। ସେହିଭଳି ଆରଏସପିର କୋକ ଓଭେନ ବିଭାଗର ଜୁନିଅର ଇଞ୍ଜିନିୟରିଂ ଆସୋସିଏଟ୍ ଶ୍ରୀ ଦୀପକ ଦେ ଏବଂ ଶ୍ରୀ ତରୁଣ ନନ୍ଦ ଉଭୟ 'ସମର୍ଥ' ବ୍ୟବସାୟ କୁଇଜ୍‌ରେ ଫାଇନାଲିଷ୍ଟ ଥିଲେ। ଏହା ବ୍ୟତୀତ କୋକ୍ ଓଭନ୍ସ ବିଭାଗର ଏଜିଏମ ଶ୍ରୀ ତନୁଶ୍ରୀ ପରିଡା 'ସମୃଦ୍ଧି' କୁଇଜ୍‌ରେ ଏକମାତ୍ର ଖେଳାଳି ଭାବରେ ଚତୁର୍ଥ ସ୍ଥାନ ହାସଲ କରିଥିଲେ।

ସେଲ ର ସମସ୍ତ ସହଯୋଗୀ ୟୁନିଟ୍‌ରୁ ମୋଟ ୧୨ ଟି ଟିମ ପ୍ରତ୍ୟେକ ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ।

# ସାମାଜିକ ସୁରକ୍ଷାରୁ ବଂଚିତ ବିଧବା ମା' 'ପାତନ'



ଉଦଳା , ୦୯/୮ (ନି.ପ୍ର): ୟେ ହେଉଛି ଉଦଳା ବ୍ଲକର ବଡ଼ଖମଣ ପଂଚାୟତ ଅନ୍ତର୍ଗତ ଫୁଲଝରି ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ଲମ୍ବୋଦର ମଢ଼େଇଙ୍କର ଦେହାନ୍ତ ହୋଇଯିବା ପରେ ତାଙ୍କର ସହଧର୍ମିଣି 'ପାତନ' ଆଜକୁ ଗୋଟିଏ ବର୍ଷ ଧରି ବିଧବା ଜୀବନ ବିତାଇବା ସାଙ୍ଗକୁ ଦିନ ମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଛନ୍ତି । ସାମାଜିକ ସୁରକ୍ଷା ଯୋଜନାରେ ବିଧବା ମା' ମାନଙ୍କୁ ସରକାର ଯେଉଁ ଭତା ଯୋଗାଇ ଦେଉଛନ୍ତି ତାହା ଏ ପର୍ଯ୍ୟନ୍ତ 'ପାତନ' ପାଇପାରିନଥିବାର ଗଣ ମାଧ୍ୟମକୁ ଜଣାଇଛନ୍ତି । ଏ ବାବଦରେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ବାରମ୍ବାର ଗୁହାରି ଜଣାଇଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବାର କଥା 'ପାତନ' ଅଭିଯୋଗ କରିଛନ୍ତି । ବିଭାଗୀୟ କର୍ତୃପକ୍ଷ ତୁରନ୍ତ ଏ ବାବଦରେ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

# ସରସ୍ୱତୀ ଶିଶୁ ମନ୍ଦିରରେ ରକ୍ଷା ବନ୍ଧନ ଉତ୍ସବ ପାଳିତ

ସମ୍ବଲପୁର, ୦୯/୮ (ନି.ପ୍ର): ରାକ୍ଷୀ ପୂର୍ଣ୍ଣିମା ଭଳି ଜନପ୍ରିୟ ପାରମ୍ପରିକ ପର୍ବ ସୁରକ୍ଷାର ଏକ ବିରଳ ଦୃଷ୍ଟାନ୍ତ। ଏହି ପର୍ବ ଭାଇ ଓ ଭଉଣୀଙ୍କ ମଧ୍ୟରେ ସ୍ନେହ, ଶ୍ରଦ୍ଧା, ପ୍ରେମ ଆବିଳତାର ସୁରକ୍ଷା ବନ୍ଧନ ବୋଲି ଧନୁପାଲି ସରସ୍ୱତୀ ଶିଶୁ ମନ୍ଦିର ଠାରେ ଆୟୋଜିତ ରକ୍ଷା ବନ୍ଧନ ଉତ୍ସବରେ ବକ୍ତା ମାନେ ମତ ଦେଇଥିଲେ। ଧନୁପାଲି ଶିଶୁ ବିଦ୍ୟାମନ୍ଦିର ଠାରେ ପବିତ୍ର ରକ୍ଷା ବନ୍ଧନ ଉତ୍ସବର ମୁଖ୍ୟ ଅତିଥି ଆୟୁର୍ବେଦ ଚିକିତ୍ସକ ଡା. ରାଜାରାମ ଷଡଙ୍ଗୀ ଦୀପ ପ୍ରଜ୍ୱଳନ କରିଥିଲେ। ବିଦ୍ୟାଳୟ ର ଭଉଣୀ ମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ମୁଖ୍ୟ ଅତିଥି ଡାକ୍ତର ଷଡଙ୍ଗୀ ଦିବସ ର ମହତ୍ୱ ଓ ଉଦେଶ୍ୟ ବିଷୟରେ ଅବତାରଣା କରିଥିଲେ। ମୁଖ୍ୟବକ୍ତା ବେବିରାଣୀ ସମାଜ ପାଇଁ ରାକ୍ଷୀର ଗୁରୁତ୍ୱ ଓ ତାତ୍ପର୍ଯ୍ୟ ନେଇ ଆଲୋଚନା କରିଥିଲେ। ବିଦ୍ୟାଳୟ ର ସଭାପତି ଡ଼. ପଣ୍ଡା ଭାଇ ଓ ଭଉଣୀଙ୍କ ଅତୁଟ ବନ୍ଧନ, ସ୍ୱଭାବକବି ଗଙ୍ଗାଧର ମେହେର ଙ୍କ ତପସ୍ୱିନୀ କାବ୍ୟ ବିଷୟରେ ମତବ୍ୟକ୍ତ କରିଥିଲେ। ଆଜିର ଉତ୍ସବରେ ବିଦ୍ୟାଳୟ ର ସମ୍ପାଦକ ଜୟ ଶଙ୍କର ପାଢ଼ୀ ରକ୍ଷା ବନ୍ଧନ ର ଆଭିମୁଖ୍ୟ ବିଷୟ ରେ ଅବତାରଣ କରିଥିଲେ ।

# ବିଧାୟକଙ୍କ ଗୁରୁତ୍ୱପୂର୍ଣ୍ଣ ୫ଟି ଦାବି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସ୍ୱୀକୃତ

ଜୟପୁର, ୦୯/୮ (ନି.ପ୍ର): ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ସରକାରୀ ମଂଚରେ ଯୋଗଦେଇ, ଜୟପୁର ଓ କୋରାପୁଟ ଜିଲ୍ଲାର ଦୀର୍ଘଦିନର ସ୍ୱପ୍ନ ଓ ଜନସମସ୍ୟାଗୁଡ଼ିକୁ ଗୁରୁତ୍ୱର ସହ ଉପସ୍ଥାପନ କରିଥିଲେ। ସେଥିରୁ ପ୍ରମୁଖ ୫ଟି ଦାବୀକୁ ମୁଖ୍ୟମନ୍ତ୍ରୀ ନିଜେ ସ୍ୱୀକୃତି ପ୍ରଦାନ କରିଛନ୍ତି ଓ ଜୟପୁର କାଗଜ କଳର ପୁନରୁଥାନ – ଶତାଧିକ ପରିବାରଙ୍କ ଜୀବନ ଜୀବିକା ସୁରକ୍ଷିତ ରଖିବା।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୧୦ ଅଗଷ୍ଟ ୨୦୨୫
email :
rabibarachayan2015@gmail.com

# ରବିବାର ଚୟନ

......ସୁଚୟନ ସୁଚୟନ ସୁଚୟନ......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର


## ଧାରାବାହିକ ଉପନ୍ୟାସ



# ବୈଦେହୀ

**ଡ.ଭାଗବତ ବେହେରା**



'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ. ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଭାଗ-୧୦୮
(ପୂର୍ବ ପ୍ରକାଶିତ ଉତ୍ତାରୁ...)

ନା ତାହା କେବେ ସମ୍ଭବ ନୁହେଁ । ସନ୍ଧ୍ୟା ଯାଇ ରାତି ହେବାକୁ ବସିଲାଣି । ତୁମେ ଯାଅ ମହର୍ଷି ତେଣେ ତୁମକୁ ଅପେକ୍ଷା କରି ବସିଥିବେ। ବିଳମ୍ବ କଲେ ସେ ପୁଣି ଲୋକ ପଠାଇବେ । ମୋ କଥା ପଚାରିଲେ କହିବ, ମାଙ୍କ ଦେହ ଭଲ ନାହିଁ । ସେ କ୍ଲାନ୍ତ ହୋଇ ଶୋଇ ପଡ଼ିଛନ୍ତି । ମାଆଙ୍କ ଠାରୁ ବିଦାୟ ନେଇ ଲବକୁଶ ଚାଲି ଯାଇଥିଲେ । ଅବଶ ହୋଇ ତଳେ ବସି ପଡ଼ିଥିଲେ ସୀତାଦେବୀ । ଚକ୍ଷୁର ଲୁହକୁ ପୋଛି ପକାଇଲେ । ନିଜକୁ ଧିକ୍କାରିବାକୁ ଲାଗିଲେ ସେ। ନଜାଣି ସ୍ୱାମୀଙ୍କୁ ସେ ଦୋଷାରୋପ କରୁଥିଲେ। ସତରେ କେତେ ଉଦାର ସ୍ୱାମୀ ତାଙ୍କର । ମା ମାନଙ୍କର ଆଦେଶ, ଆଚାର୍ଯ୍ୟ ମୁନିଋଷିମାନଙ୍କର ପରାମର୍ଶ, ପ୍ରଜାମାନଙ୍କର ଅନୁରୋଧ ସତ୍ତ୍ୱେ ମଧ ସେ ଦ୍ୱିତୀୟ ପତ୍ନୀ ଗ୍ରହଣ କଲେ ନାହିଁ । ସୁନାର ସୀତା ନିର୍ମାଣ କଲେ ଯଜ୍ଞ ପାଇଁ । ସୀତା ପୁଣି ସୁନାର ହୋଇପାରେ । ଶିହରି ଉଠିଥିଲେ ସୀତାଦେବୀ । କେମିତି ହୋଇଥିବ ସେ ସୁନାର ସୀତା । ସେ କ'ଣ ତାଙ୍କ ପରି ହୋଇଥିବ ? ଏମିତି କାରିଗର କ'ଣ ଅଛନ୍ତି ସୁନାରେ ଅବିକଳ ଜୀବନ୍ତ ମୂର୍ତ୍ତି ଗଢ଼ି ଦେଇପାରିବେ ? ମନ ବ୍ୟାକୁଳ ହେଉଛି ତାଙ୍କର । ଇଚ୍ଛା ହେଉଛି ଅଯୋଧ୍ୟା ଧାଇଁଯାଇ ସେ ସୀତା ମୂର୍ତ୍ତିକୁ ଦେଖି ଆସନ୍ତେ । ହେଲେ ତାହା କ'ଣ ସମ୍ଭବ ? କାହିଁ ଅଯୋଧ୍ୟା, କାହିଁ ବାଲ୍ମିକୀ ଆଶ୍ରମ । ଆଉ ପାଞ୍ଚଦିନ ପରେ ଯଜ୍ଞ ଆରମ୍ଭ ହେବ । କେମିତି ସେ ସୀତା ମୂର୍ତ୍ତିକୁ ଦେଖିବେ । ମନ ଅତ୍ୟନ୍ତ ବ୍ୟାକୁଳିତ ହୋଇପଡୁଥାଏ ତାଙ୍କର । ଥରଟିଏ ତାଙ୍କ ପତିଦେବତାଙ୍କୁ ଆଉ ସେ ସୀତା ମୂର୍ତ୍ତିକୁ ଯଦି ସେ ଦେଖିପାରନ୍ତେ, ତାହେଲେ ତାଙ୍କ ପତ୍ନୀ ଜୀବନରେ ସାର୍ଥକତା ଆସି ଯାଆନ୍ତା । ଜୀବନ ଧନ୍ୟ ହୋଇଯାଆନ୍ତା । ହେଲେ କ'ଣ କରିବେ ସେ । ସବୁ ଭାଗ୍ୟର ବିଡ଼ମ୍ବନା । ଏ ଜନ୍ମରେ ତାହା ସମ୍ଭବ ନୁହେଁ । ଏମିତି ଭାବନା ଭିତରେ ବୁଡ଼ି ଯାଇଛନ୍ତି ସୀତାଦେବୀ । ଚକ୍ଷୁର ଅଶ୍ରୁକୁ ଦୃଢ଼ତାର ପଥର ଦେଇ ଯେତେ ବାନ୍ଧିବାକୁ ଚାହିଁଲେବି ସେ ଅମାନିଆ ଜଳ କିଛି ମାନୁନାହିଁ। ଅନବରତ ବହି ଗୃହର ଚଟାଣକୁ ଭିଜାଇ ଦେଲାଣି । ୟା' ଭିତରେ କେତେ ରାତି ହେଲାଣି ତାହା ସୀତାଦେବୀଙ୍କୁ ଜଣାନାହିଁ । ବାହାରେ ମହର୍ଷି ବାଲ୍ମିକୀଙ୍କ କଣ୍ଠସ୍ୱର, ମାଆ ତପସ୍ୱିନୀ । ଏକାକୀ ଗୃହକୋଣରେ ଥାଇ କ'ଣ କରୁଛ ମା।

ମହର୍ଷିଙ୍କ କଣ୍ଠ ଶୁଣି ବାହାରକୁ ବାହାରି ଆସିଥିଲେ ସୀତାଦେବୀ । ପିତା ପିତା କହି ଲୋଟି ଯାଇଥିଲେ ତାଙ୍କ ପାଦତଳେ । ତାଙ୍କୁ ପାଦତଳୁ ଉଠାଇ ମହର୍ଷି କହିଥିଲେ କାହିଁକି କାନ୍ଦୁଛ ମା । ଆଉ ତୋତେ କାନ୍ଦିବାକୁ ପଡ଼ିବ ନାହିଁ । ଅଶ୍ରୁ ଢାଳିବାର ସମୟ ତୋର ଶେଷ ହୋଇ ଆସିଲାଣି। କୁଶ ଲବ କହୁଥିଲେ ସେମାନେ ତୋ ନିକଟରେ ସବୁକଥା ପ୍ରକାଶ କରି ଦେଇଛନ୍ତି ।

ସେମାନେ ଯାହା କହିଗଲେ ସବୁ କ'ଣ ସତ୍ୟ ପିତା ?

ହଁ ସବୁ ଅକ୍ଷରେ ଅକ୍ଷରେ ସତ୍ୟ । ଅଯୋଧ୍ୟା ଛାଡ଼ିବା ତୋର ଦଶବର୍ଷ ବିତିଗଲାଣି। ୟା' ଭିତରେ ଅନେକ ଘଟଣା ଘଟିଯାଇଛି, ତୁ କିଛି ଜାଣିନାହୁଁ । ଆଗକୁ ଯାହା ଘଟିବ ତାହା ତୁ ତୋ ନିଜ ଆଖିରେ ଦେଖିବୁ । ଏବେ ପ୍ରଭୁ ରାମଚନ୍ଦ୍ର ତୋର ଅଶ୍ୱମେଧ ଯଜ୍ଞର ଆୟୋଜନ କରିଛନ୍ତି । ସେ ଯଜ୍ଞ ପାଇଁ, ଅଟକିଗଲା ମହର୍ଷି ବାଲ୍ମିକୀଙ୍କ କଣ୍ଠର ସ୍ୱର ।

ସେ ବଚନକୁ ପୂର୍ଣ୍ଣାଙ୍ଗ କରି ସୀତା କହିଥିଲେ ସେ ସୁନାର ସୀତା ନିର୍ମାଣ କରିଛନ୍ତି । ଏହା କ'ଣ ସତ୍ୟ ପିତା ।

ହଁ ଏହା ସତ୍ୟ । ସ୍ୱଷ୍ଟ ଦିବାଲୋକ ଭଳି ସତ୍ୟ । ମହର୍ଷି ବିଶ୍ୱାମିତ୍ର ଏକଥା କହୁଥିଲେ ।

ମୁଁ କ'ଣ ସେ ସୁନାର ସୀତାକୁ ଦେଖିପାରିବି ପିତା ?

ତୁ କେମିତି ଦେଖିବୁ ମା' । ଅଯୋଧ୍ୟା ଏଠାରୁ ଅନେକ ଦୂର । ତୁ ଚାହିଁଲେ ବି ଯାଇପାରିବୁ ନାହିଁ । ତା' ଛଡ଼ା ତୋ ସ୍ୱାମୀ ଯେତେବେଳେ ତୋତେ ଅଯୋଧ୍ୟାରୁ ନିର୍ବାସିତ କରିଛନ୍ତି ତୁ ସେଠାକୁ ଯିବୁ କେମିତି ?

ମୁଁ ଯିବାକୁ ଚାହୁଁନାହିଁ ପିତା । ଆପଣ ଯଦି ଦୟା କରିବେ....

ତୋତେ ଯଦି ମୁଁ ଦିବ୍ୟ ଚକ୍ଷୁ ଦାନ କରିବି, ତାହେଲେ ତୁ ଏଠାରେ ଥାଇ ସବୁ ଦେଖିପାରିବୁ । ବିଶ୍ୱାମିତ୍ର କହୁଥିଲେ ତୋତେ ତୋ ସ୍ୱାମୀ ବହୁତ ଝୁରି ହେଉଛନ୍ତି । ସେମାନେ ଅନେକ ଚେଷ୍ଟା କରିଥିଲେ ତାଙ୍କୁ ଦ୍ୱିତୀୟ ଦାର ଗ୍ରହଣ କରିବାପାଇଁ । ହେଲେ ତୋ ସ୍ୱାମୀଙ୍କର ଏକା ଜିଦ୍, ବରଂ ଅଶ୍ୱମେଧ ଯଜ୍ଞ ନହେବ ନହେଉ ସେ ଦ୍ୱିତୀୟ ପତ୍ନୀ ଗ୍ରହଣ କରିବେ ନାହିଁ । ସୀତା ତାଙ୍କର ମନ, ପ୍ରାଣ ସବୁକିଛି । ଯଦି ପତ୍ନୀ ପାଖରେ ନଥାଇ ଯଜ୍ଞ କାର୍ଯ୍ୟ ନହେବ, ତାହେଲେ ସେ ଆୟୋଜନ ବନ୍ଦ କରାଯାଉ । ଶେଷରେ ବଶିଷ୍ଠ, ବିଶ୍ୱାମିତ୍ର ଆଦି ମହର୍ଷି ମାନେ ସିଦ୍ଧାନ୍ତ ନେଲେ ତୋ ସ୍ଥାନରେ ସୁନାର ସୀତା ମୂର୍ତ୍ତିଟିଏ ଗଢ଼ାଇ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିବେ । ତାହାହିଁ ହେଲା । ସୁନା ସୀତା ନିର୍ମାଣ ହେଲା, ହେଲେ ସେ ସୀତା ପୂର୍ଣ୍ଣ ନୁହେଁ । ତୁମେ ଯେମିତି ସିନ୍ଥିରେ ସିନ୍ଦୂର ପିନ୍ଧ, ସେମିତି ସେ ସୁନା ସୀତା ମସ୍ତକରେ କେହି ସିନ୍ଦୂର ପିନ୍ଧାଇ ପାରୁନାହାନ୍ତି । ତୁମ ସ୍ୱାମୀ ସେଥିପାଇଁ ଚିନ୍ତିତ । ସଧବା ନାରୀର ସିମନ୍ତରେ ସିନ୍ଦୂର ନରହିଲେ ସେ ଅପୂର୍ଣ୍ଣାଙ୍ଗ । ଅଶ୍ୱମେଧ ଯଜ୍ଞ ଧାର୍ଯ୍ୟ ତିଥି ଆଉ ପାଞ୍ଚଦିନ ରହିଲା । ସେ ସୁବର୍ଣ୍ଣ ସୀତାକୁ ପୁଣି ଯଜ୍ଞସ୍ଥଳ ନୈମିଷାଅରଣ୍ୟକୁ ଅଣାଯିବ । କ'ଣ କରିବେ ରାଜା ରାମଚନ୍ଦ୍ର ତାହା ସେହିଦିନ ଜଣାଯିବ । ସେ ଯଜ୍ଞସ୍ଥଳକୁ ମୁଁ ଯିବି ମା' । ମୋ ସହିତ ତୋ ପୁତ୍ର କୁଶ, ଲବ ବି ଯିବେ । ସେଠାରେ ସେମାନେ ରାମାୟଣ ଗାନ କରିବେ । ତାପରେ ମୁଁ ଦେଖିବି ମର୍ଯ୍ୟାଦା ପୁରୁଷୋତ୍ତମ ତାଙ୍କ ପୁତ୍ର ଦ୍ୱୟକୁ ଚିହ୍ନି ପାରୁଛନ୍ତି କି ନାହିଁ । ରାତି ଅନେକ ହେଲାଣି । ତୁ ଏବେ ବିଶ୍ରାମ ନେବୁ ଯା । ଆଜି ରାତିରେ ତୁ ସବୁ ଜାଣିପାରିବୁ, ସବୁ ଦେଖି ପାରିବୁ । ଏହିକଥା କହିଦେଇ ମହର୍ଷି ବାଲ୍ମିକୀ ସେଠାରୁ ବିଦାୟ ନେଇ ଯାଇଥିଲେ ।

ମହର୍ଷିଙ୍କ କଥାକୁ ଖୟଟିଏ ଭଳି ଛିଡ଼ା ହୋଇ ଶୁଣି ଯାଉଥିଲେ ସୀତାଦେବୀ । କେତେ ଉଦାର ସ୍ୱାମୀ ତାଙ୍କର । ଯିଏ ଯେତେ ଅନୁରୋଧ କଲେ ବି ସେ ଦ୍ୱିତୀୟ ପତ୍ନୀ ଗ୍ରହଣ କଲେ ନାହିଁ । ସୁନାର ସୀତାଟିଏ ନିର୍ମାଣ କଲେ ? ସତରେ କ'ଣ ପ୍ରଭୁ ମୋର ସୁନାର ସୀତା ମୂର୍ତ୍ତି କରିଛନ୍ତି ନା ମୋ ମନରେ ଦୁଃଖ ହେବ ବୋଲି ଏମାନେ ଏମିତି କହୁଛନ୍ତି ? କାହିଁକି କେଜାଣି ମନ ମଧ୍ୟରେ ତାଙ୍କର ସନ୍ଦେହ ଉପୁଜିଲା । ପ୍ରଭୁ ଆଉ ମୋର ଦ୍ୱିତୀୟ ବିବାହ କରିନାହାନ୍ତି ତ ? ନାରୀର ମନ ଅତଳ ସମୁଦ୍ର ଭଳି ଗଭୀର, ଆକାଶ ଭଳି ଅକଳିତ ଦୂର, ଆଉ ଅଗ୍ନି ଭଳି ଅବିଶ୍ୱାସର ଦାବାନଳ । ମହାସତୀ ସୀତାଙ୍କ ମନରେ ବି ସ୍ୱାମୀ ରାମଚନ୍ଦ୍ରଙ୍କ ପ୍ରତି ସନ୍ଦେହ । କ'ଣ କରିବେ ସେ । ସେ ବି ଜଣେ ସାଧାରଣ ନାରୀ । ମନ ମଧ୍ୟରେ ସନ୍ଦେହ ଜାଗିବା ସ୍ୱାଭାବିକ । କେମିତି ହେଉଥିବ ଅଶ୍ୱମେଧ ଯଜ୍ଞ । କେତେ ଲୋକ ସେ ସ୍ଥାନକୁ ଆସିଥିବେ ?

(କ୍ରମଶଃ)


♥ ଦର୍ଜୀପୋଖରୀ, ରାଣୀପାଟଣା,
ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪


## ତୀର୍ଯ୍ୟକ୍ — ଜ୍ଞାନ ଗଙ୍ଗାର ଗୁପ୍ତ ରହସ୍ୟ



**ସୁବ୍ରତ ପଟ୍ଟନାୟକ**

ସୁଦୂର ହରିଆନାରୁ ପ୍ରକାଶିତ 'ଜ୍ଞାନ ଗଙ୍ଗା' ଓଡ଼ିଆ ପୁସ୍ତକ ଆମର ହସ୍ତଗତ। ବହିର ଭିତର ପୃଷ୍ଠାରେ ସନ୍ଥ କବୀରଜୀଙ୍କ ସହିତ ଜଗତଗୁରୁ ତତ୍ତ୍ୱଦର୍ଶୀ ସନ୍ଥ ରାମପାଲ୍‌ଜୀ ମହାରାଜାଙ୍କ ରଙ୍ଗୀନ ଫଟୋ ରହିଛି। ହରିଆନର ହିସାର ଜିଲ୍ଲା ସତ୍‌ଲୋକ ଆଶ୍ରମରୁ ବହିଟି ପ୍ରକାଶିତ। ୩୧୫ ପୃଷ୍ଠା ବହିର ଧାର୍ମିକ ମୂଲ୍ୟ- ମାତ୍ର ୨୦ ଟଙ୍କା। ତେବେ, ଏହି ପୁସ୍ତକଟି କେବଳ ଗୁପ୍ତରେ ଉପଲବ୍ଧ। 'ଜ୍ଞାନ ଗଙ୍ଗା' ପୁସ୍ତକରେ ସନ୍ଥ ରାମପାଲ ଭାରତର ପୁରାଣ, ଶାସ୍ତ୍ର, ଗୀତା, ଭାଗବତ, ବେଦ ଆଦିର ତର୍ଜମା କରି ସାରାଂଶ ଲେଖିଛନ୍ତି। ଆମେ କୌଣସି ବିଶ୍ଳେଷଣ ନକରି ବିଷୟବସ୍ତୁକୁ ପୃଷ୍ଠା ସଂଖ୍ୟା ସହ ସିଧାସଳଖ ଉଦ୍ଧୃତ କରୁଛୁ।

ବ୍ରହ୍ମାଙ୍କ ପ୍ରୟାସ ଅଧ୍ୟାୟରେ ଲେଖାଅଛି - x x ବ୍ରହ୍ମା ଚିନ୍ତା କଲେ ଯେ ପିତାଙ୍କ ଦର୍ଶନ ବିନା ମାତାଙ୍କ ସମ୍ମୁଖକୁ ଗଲେ ଲାଜ ଲାଗିବ। ଏହା ସହିତ ସେ ଗାୟତ୍ରୀଙ୍କ ସହିତ ରତିକ୍ରୀଡ଼ା ଓ ସମ୍ଭୋଗ କଲେ। ଗାୟତ୍ରୀ ନିଜ ଶକ୍ତି ଦ୍ୱାରା ଏକ କନ୍ୟା 'ପୁହପବତୀ' ଉତ୍ପନ୍ନ କଲେ। ଗାୟତ୍ରୀ ଉସ୍‌କାଇବାରୁ ବ୍ରହ୍ମା 'ପୁହପବତୀ' ସହିତ ସମ୍ଭୋଗ କଲେ (ପୃଷ୍ଠ-୩୭)। x x ବ୍ରହ୍ମ କାଳ କହୁଛନ୍ତି ଯେ ପ୍ରକୃତି ବା ଦୁର୍ଗା ମୋ ପତ୍ନୀ ଅଟେ। ମୁଁ ବ୍ରହ୍ମକାଳ ଦୁର୍ଗାଙ୍କ ପତି। ଆମ ଦୁହିଁଙ୍କ ସମ୍ଭୋଗରୁ ସର୍ବପ୍ରାଣୀଙ୍କ ସହ ତିନିଗୁଣ- ରଜଗୁଣ ବ୍ରହ୍ମା, ସତଗୁଣ ବିଷ୍ଣୁ, ତମଗୁଣ ଶିବଙ୍କର ଉତ୍ପତି ହୋଇଛି (ପୃଷ୍ଠା-୭୧)। x x ଯୁବତୀ ଦୁର୍ଗାଙ୍କ ରୂପରେ ମୋହିତ ହୋଇ ଜ୍ୟୋତି ନିରଂଜନ ବ୍ରହ୍ମ ଦୁର୍ଗାଙ୍କୁ ବଳାତ୍କାର କରିବାକୁ ଚେଷ୍ଟା କଲେ (ପୃଷ୍ଠା - ୭୯)। x x ଏହା ପ୍ରମାଣିତ ହେଲା ଯେ, ଶ୍ରୀକୃଷ୍ଣ କୌରବଙ୍କ ସଭାରେ ପ୍ରଥମେ ବିରାଟ 'ବିଶ୍ୱରୂପ' ଦେଖାଇଥିଲେ। ତେଣୁ, ଅର୍ଜୁନଙ୍କ ବ୍ୟତୀତ ଅନ୍ୟ କେହି 'ବିଶ୍ୱରୂପ ଦର୍ଶନ' କରି ନଥିବା ଭ୍ରାନ୍ତ (ପୃଷ୍ଠା-୨୦୨)। x x କେବଳ ଅଜ୍ଞାନୀ ବ୍ୟକ୍ତିଗଣ ରଜଗୁଣ ବ୍ରହ୍ମା, ସତଗୁଣ ବିଷ୍ଣୁ ଓ ତମଗୁଣ ଶିବଙ୍କର ପୂଜା କରନ୍ତି। ଏମାନଙ୍କୁ ପୂଜା କରୁଥିବା ମନୁଷ୍ୟ ରାକ୍ଷସ ସ୍ୱଭାବ ଧାରଣ କରିବ। (ପୃଷ୍ଠା-୨୨୧)।

ଓଡ଼ିଶାରେ ଇନ୍ଦ୍ରଦମନ ( ରାଜା ଇନ୍ଦ୍ରଦ୍ୟୁମ୍ନ) ନାମକ ଜଣେ ରାଜା ଥିଲେ। ଏକଦା ଭଗବାନ ଶ୍ରୀକୃଷ୍ଣ ତାଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ କହିଲେ- ମୋର ପୁରୀରେ ଏକ ମହଲ (ମନ୍ଦିର) କରିଦିଅ। ମାତ୍ର ସେଠାରେ ମୂର୍ତ୍ତି ପୂଜା କରାଯିବ ନାହିଁ। କେବଳ ଜଣେ 'ସନ୍ଥ' ରହିବେ। ଯିଏ ପବିତ୍ର ଗୀତା ଅନୁସାରେ ଦର୍ଶକମାନଙ୍କୁ 'ଜ୍ଞାନ' ଶୁଣାଇବେ (ପୃଷ୍ଠା-୨୪୨)। x x ମନ୍ଦିରରେ ସେହି ପ୍ରଭୁଙ୍କୁ ପ୍ରାଣ ପ୍ରତିଷ୍ଠା ଓ ଜୀବନଦାନ କରିବେ ଏହି ପଣ୍ଡା, ପଢ଼ିହାରୀ, ଦଇତାପତି ଓ ପୂଜାରୀଗଣ । କାଠର ପ୍ରଭୁ କଣ ସକଳ କାର୍ଯ୍ୟ ସିଦ୍ଧି କରିଥାନ୍ତି ? ବାଃ, ବାଃରେ ପଣ୍ଡିତଗଣ ! ନିରୀହ ପ୍ରଭୁ ପ୍ରେମୀ ଆତ୍ମାମାନଙ୍କୁ ତୁମେ ଖୁବ୍ ଭୁଆଁ ବୁଲାଉଚ (ପୃଷ୍ଠା-୨୪୭)। x x ଜଗନ୍ନାଥଙ୍କ ଦର୍ଶନ କଲେ କିମ୍ବା ଅଭଡ଼ା ପ୍ରସାଦ ଖାଇଲେ କୌଣସି ଲାଭ ହୁଏନାହିଁ। କାରଣ ଏହା ଶାସ୍ତ୍ର ବିରୁଦ୍ଧ ଅଟେ (ପୃଷ୍ଠା-୨୪୯)। x x ବର୍ତ୍ତମାନ ସମୟରେ ୨୧ ବ୍ରହ୍ମାଣ୍ଡରେ ଏକମାତ୍ର ଜଗତଗୁରୁ ତତ୍ତ୍ୱଦର୍ଶୀ ସନ୍ଥ ରାମପାଲଜୀ ମହାରାଜ 'ମୋକ୍ଷମନ୍ତ୍ର' ପ୍ରଦାନ କରିବାର ଅଧିକାରୀ ଅଟନ୍ତି ଓ ଶାସ୍ତ୍ର ସାଧନା ବତାଇଥାନ୍ତି (ପୃଷ୍ଠା-୩୧୦)।

ସନ୍ଥ ରାମପାଲଜୀଙ୍କ ଦୀକ୍ଷା ଲାଭ କରିଥିବା ପ୍ରାୟ ୩୫ରୁ ଅଧିକ ଭକ୍ତଙ୍କ ଚିଠି ମଧ୍ୟ ପୁସ୍ତକରେ ପ୍ରକାଶିତ। ସେମାନେ ଗୁରୁଦେବଙ୍କ କୃପାରୁ ଗୁରୁତର ଦୁର୍ଘଟଣାରୁ ରକ୍ଷା ପାଇଥିବା, ଦୂରାରୋଗରୁ ଆରୋଗ୍ୟ, ମକଦ୍ଦମାରେ ବିଜୟ, ଅପୁତ୍ରିକ ମହିଳାଙ୍କ ସନ୍ତାନ ଲାଭ, ଦରିଦ୍ର ଲୋକ କୁବେର ପାଲଟିବା, ବାଣିଜ୍ୟ ବ୍ୟବସାୟରେ ବୃଦ୍ଧି, ପ୍ରେମ ସମ୍ପର୍କ ଅତୁଟ ଆଦି ନାନା ରକମର ଚମତ୍କାର ଫଳ ପାଇଥିବା ଉଲ୍ଲେଖ କରିଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଭକ୍ତ ଲେଖିଛନ୍ତି- ସେ ଭୁଲବଶତଃ ୧୧ ହଜାର କିଲୋ ଭୋଲଟ୍ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଛଟପଟ ହେଉଥିଲେ। ସନ୍ଥ ରାମପାଲଜୀ ତାଙ୍କୁ ଆକାଶମାର୍ଗରୁ ତତ୍‌କାଳ ଉଦ୍ଧାର କଲେ (ପୃଷ୍ଠା-୩୦୫)। ଛୋଟିଆ ସ୍ତମ୍ଭରେ ସବୁକଥା ଗୋଟି ଗୋଟି କରି ଲେଖିବା ଆମ ପକ୍ଷରେ ସମ୍ଭବ ହେଉନାହିଁ। ତେଣୁ ଆମେ ଏଇଠି ଅଟକିବାକୁ ବାଧ୍ୟ ହେଉଛେ।

ପ୍ରିୟ ପାଠକ ! ସନ୍ଥ ରାମପାଲଜୀଙ୍କ ସମ୍ପର୍କରେ ଆମେ ସଂଗ୍ରହ କରିଥିବା କେତୋଟି ତଥ୍ୟ ଉଲ୍ଲେଖ କରି ଏହି ସ୍ତମ୍ଭ ଶେଷ କରିବୁ। ଆତ୍ମଘୋଷିତ ଭଗବାନଙ୍କ ଅସଲ ନାମ- ଗୁରୁମିତ ରାମ ରହିମ ସିଂହ ଇନସାନ୍। ଜନ୍ମ-୧୫ ଅଗଷ୍ଟ ୧୯୬୭। ବର୍ତ୍ତମାନ ବୟସ ୮୫। ପୈତୃକ ଘର - ରାଜସ୍ଥାନ, ଶ୍ରୀଗୁରୁସାଗର, ଗୋଦିଆ। ପିତା-ମଘର ସିଂହ, ମାତା- ନସିବ କୌର। ପତ୍ନୀ- ହରଜିତ କୌର। ୪ ସନ୍ତାନ ସନ୍ତତି। ୧୯୯୦ ମସିହାରେ ସେ ହରିଆନାରେ ଡେରା ସଚ୍ଚା ସୌଦା (ଡିଏସ୍‌ଏସ୍) ଗଠନ କରି ଏହାର ମୁଖ୍ୟ ପାଲଟିଥିଲେ। ସରକାରୀ ଜମି ଜବରଦଖଲକରି ବିଳାସପୂର୍ଣ୍ଣ ଆଶ୍ରମ ତିଆରି କରିଥିଲେ। ଅଚଳାଚଳ ସମ୍ପତ୍ତିର ମାଲିକ ହେବାପରେ ପ୍ରାୟ ୨୦ରୁ ଅଧିକ ମ୍ୟୁଜିକ୍ ଆଲବମ୍‌ରେ ଅଭିନୟ କରିଥିଲେ। କେବଳ ସେତିକି ନୁହେଁ, 'ମେସେଞ୍ଜର ଅଫ୍ ଗଡ଼' ଚଳଚ୍ଚିତ୍ରରେ ନିଜେ ହିରୋ ପାଲଟିଥିଲେ। ଆଶ୍ରମର ସୁନ୍ଦରୀ ଶିଷ୍ୟାମାନଙ୍କ ସହିତ ଯୌନ କାର୍ଯ୍ୟରେ ଲିପ୍ତ ରହୁଥିଲେ। ପ୍ରାୟ ୪ଶହ ଶିଷ୍ୟ ଓ ଶିଷ୍ୟାଙ୍କୁ ସେ ବଳପୂର୍ବକ ବନ୍ଧ୍ୟାକରଣ କରାଇଥିଲେ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

## କବିତା...



### ନିଆଁ ନଥାଇ ଧୂଆଁ
**ବାବାଜୀ ଚରଣ ଜେନା**

ନିଆଁ ନଥାଇବି ଧୂଆଁ ଉଠେ ଏଠି
ଛୋଟ ଏଇ ସହରରେ
ସକାଳରୁ ସନ୍ଧ୍ୟା ଚର୍ଚ୍ଚା ହୁଏ ଭାରି
ବାଉଳୀ ଦାସ ଗଳିରେ ।

ସବୁ ଚା' ଖଟିରେ ଭିଡ଼ ଲାଗିଯାଏ
ଶୁଣିବାକୁ ଏ ଖବର
ହକର ପିଲାଟି ଡାକି ଡାକି ଯାଏ
ଖବର ଭାରି ଯବର
ଯାହା ପାଇଁ ଏ ଖବର ସିଏ ହସେ
ବନ୍ଦ କ୍ୟାବିନ ପାଖରେ
ନିଆଁ ନଥାଇ ବି ଧୂଆଁ ଉଠେ ଏଠି
ଛୋଟ ଏଇ ସହରରେ ।

ହୋ ହାଲ୍ଲା ଚାଲଇ ରାଜ ରାସ୍ତାରେ
ବନ୍ଦ ହୁଅଇ ବଜାର
ନବୁଝିବି ଥୋକେ ଅଟକାନ୍ତି ଗାଡ଼ି
ଜାଳି ପୁରୁଣା ଟାୟାର
ଚୋର ଗଲା କହି ଚୋର ଖସିଯାଏ
ଦିନ ଦି'ପହରରେ
ନିଆଁ ନଥାଇବି ଧୂଆଁ ଉଠେ ଏଠି
ଛୋଟ ଏଇ ସହରରେ ।


♥ ଅହଲ୍ୟା ନିବାସ, ପୋପରଡା,
ନୂଆବଜାର, କଟକ-୪
ମୋ -୯୪୩୭୮୩୪୭୧୯


### ଦେଶ
**ଐଶ୍ୱର୍ଯ୍ୟା ପ୍ରଧାନ**



ତୁମେ ସବୁ ଭୋକରେ
ଆଉଟୁ ପାଉଟୁ ହୋଇ ମରିଲେ ମର
ଆଉ ଥରେ ପଡ଼ିଲେ ପଡୁ ନଅଙ୍କ ଦୁର୍ଭିକ୍ଷ
ଗଣି ହେଉ ତୁମମାନଙ୍କ ପଞ୍ଜରା ହାଡ଼
ତଥାପି
ଆମେ ଖାଇବୁ ଛପନ ଭୋଗ,
ଅର୍ଗାନିକ୍ ଫଳ
ଶୋଷରେ ଶୁଖିଯାଉ ଥାଉ ପଛେ
ତୁମମାନଙ୍କ ତଣ୍ଟି
ଆମେ ପିଇବୁ ବିଦେଶରୁ ମଗା ଯାଇଥିବା
ଦାମିକା ମିନେରାଲ ୱାଟର ।

ବନ୍ୟା, ବାତ୍ୟାରେ ଉଡିଯାଉ ତୁମ ଛପର
ଭାଙ୍ଗିଯାଉ ତୁମ ଝାଳନାଳ ହେଇ
ରକ୍ତରେ ସିଞ୍ଚିଥିବା ଦଦରା ଘର
ଆମେ ଆରାମରେ ରହିବୁ ଶୀତତାପ ନିୟନ୍ତ୍ରିତ
ଅଟ୍ଟାଳିକାରେ ।

ସୀମାନ୍ତରେ ଶହୀଦ୍ ହୋଇଯାଉ
କାହାର ସ୍ୱାମୀ, କାହାର ପୁଅ
କାହାର ଭାଇ ଅବା ବାପା
କିଛି ଫରକ ପଡିବ କି ଆମକୁ ?
ଆମେ ତ ତ୍ରିରଙ୍ଗାର ଦ୍ୱାହି ଦେଇ
ଦେଶର ସନ୍ତାନ ଘୋଷଣା କରିଦେବୁ
ସେ ପତ୍ନୀ, ପୁତ୍ର, କନ୍ୟା ଅଥବା
ପିତାମାତାଙ୍କ ଲୁହ ଝରୁଥାଉ
ଆମର କିଛି ଯାଏ ଆସେ ନାହିଁ
ସମସ୍ୟା ତ ଅଛି
ତଥାପି ଦେଶକୁ ତ ଆଗେଇବାକୁ ପଡ଼ିବ
ଆଉ ଟିକେ ଓଜନଦାର ହେବ
ଆମ କଳାଧନର ଟ୍ରେଜେରୀ ।

ଖେଳୁଥାଅ ତୁମେମାନେ
ହିନ୍ଦୁ ମୁସଲମାନର ରକ୍ତରେ ହୋଲି
ଆମେ ପାଲଟି ଯିବୁ ଧୃତରାଷ୍ଟ୍ର
ଅନ୍ଧ, ମୂକ,ବଧିର
ଆମକୁ ତ ସିଂହାସନର ଲୋଭ
ଆମେ ଦେଖେଇବୁ ତମ ମାନଙ୍କ
ନିରୀହ ଆଖିରେ ଛଳନାର ସ୍ୱପ୍ନ
ଏମିତି ଚାଲିଥିବ ଆମ ଦେଶ
ଉନ୍ନତି ପଥରେ !!


♥ ପୋଷ୍ଟାଲ୍ କଲୋନୀ,
ଭବାନୀପାଟଣା, କଳାହାଣ୍ଡି
ମୋ-୭୦୦୮୯୩୧୫୯୯


### ମୁଁ କହୁଛି : ଅଙ୍ଗରାଜା କର୍ଣ୍ଣ !
**ମମତା ପ୍ରିୟଦର୍ଶିନୀ ସାହୁ**



କବଚ କୁଣ୍ଡଳ !

ଆଚ୍ଛା, ମୁଁ କିଏ କି ?
ସାରଥୀ ପୁତ୍ର ପାଖେ କ'ଣ
ସମ୍ଭବ କି ? କବଚ କୁଣ୍ଡଳ !
ରାଧେୟ ମୁଁ,
ବ୍ୟାପ୍ତ ନ ଥିଲା ପୃଥ୍ୱୀ ।
ସ୍ୱଳ୍ପ ଧନ, ନଥିଲା ଆଡମ୍ବର ।

ତଥାପି ! ଆକର୍ଷଣ ରାଜକୀୟ ପରିବେଶେ
ମିତ୍ରତା ରାଜକୁମାର ସାଥେ,
ସାହସ ଓ ଦମ୍ଭ
ମହା ପରାକ୍ରମଶାଳୀର
କେମିତି ଏ ଚମତ୍କାର ???
ସୂର୍ଯ୍ୟ ସମ ପ୍ରତାପ, ଅଗ୍ନି ସମ ତେଜ
କାହୁଁ ଅଇଲା ଏ ବୀରତ୍ୱ ???

ବାସୁଦେବଙ୍କ ସାଥେ ତର୍କ----
କୃଷ୍ଣ .....ତୁମେ ମିତ୍ର,
ନୁହଁ ଯେ ରାଧେୟ ।
ତୁମେ କୌନ୍ତେୟ ......
ପାଣ୍ଡବଙ୍କ ଅଗ୍ରଜ .....

ମୁଁ: ନା ନା ନା ମଦନମୋହନ
ମିଥ୍ୟା ଏଇ ବଚନ
ନୁହଁ ମୁଁ ରାଜପୁତ୍ର, ମାତା କୁନ୍ତୀଙ୍କ କୁମାର ।

ବାସୁଦେବ: ମିତ୍ର ! ଅଙ୍ଗ ରାଜା କର୍ଣ୍ଣ !
ତୁମେ କ'ଣ ଆକର୍ଷିତ ହୁଅ ନାହିଁ
ପାଣ୍ଡବଙ୍କ ପ୍ରତି,
ଆପେ ଆପେ ନଇଁଯାଏ ନାହିଁକି
ତୁମ ମଥା ସେ ପାଦ ହଳକ ପାଶେ ।

ମୁଁ: ହଁ...,
ନା...
ହଁ...

ବାସୁଦେବ: ହଁ ମିତ୍ର କର୍ଣ୍ଣ
ସୂର୍ଯ୍ୟ ପୁତ୍ର ତୁମେ,
ମାତା ତୁମ କୁନ୍ତୀ
ପିତା ତୁମ ବିଶ୍ୱ ପାଳକ ଭାସ୍କର ।
କବଚ କୁଣ୍ଡଳ ତୁମର
ସୂଚିତ କରେ ତବ ପରାକ୍ରମର ।

ମୁଁ: (ଧାର ଧାର ଲୁହ ସାଥେ)
ତେବେ କଣ ମୁଁ କୌନ୍ତେୟ !
ସୂର୍ଯ୍ୟଙ୍କର ପୁତ୍ର !
ହଁ ! ନଇଁ ଯାଏ ମଥା ମାତାଙ୍କ ପାଦରେ
ଅଛି ସୋହାଗ ଯୁଧିଷ୍ଠିର,ଭୀମ ,
ଅର୍ଜୁନ, ନକୁଳ, ସହଦେବ ପାଖରେ

ବାସୁଦେବ: ହଁ ମିତ୍ର, କୁନ୍ତୀ ପୁତ୍ର ।

ମୁଁ : କଣ ପାଇଁ ତାହେଲେ ???
ଭସେଇଲେ ନଦୀ ସ୍ରୋତରେ,
ପାଶୋରିଲେ କଅଁଳ ଶିଶୁକୁ,
ତା ଲୁହ, କୋହକୁ ।
ମାତା ରାଧା ଆଦରିଲେ,
ଦୁଗ୍ଧ ଦେଇ ରକ୍ତ କଲେ,
ହଁ ମୁଁ ରାଧେୟ, ମୁଁ ରାଧେୟ ।
ଅଛି ମମତା, ଭକ୍ତି ସମ୍ମାନ
ରାଜମାତା ପ୍ରତି
ଅଛି ସ୍ନେହ ଭାଇ ସହୋଦର ଲାଗି,
ମୁଁ ରାଧେୟ ... ରାଧେୟ ....
ହଁ ବାସୁଦେବ ମୁଁ ରାଧେୟ
ମୁଁ ...ମୁଁ କର୍ଣ୍ଣ ।


♥ (ମୋ) ୯୩୩୭୦୬୭୧୮୬


### ବଂଚିବା ଏହାର ନାମ
**ମୂଳ ହିନ୍ଦୀ : ରୁଚିକା ରାୟ**
**ଅନୁବାଦ : ପ୍ରଶାନ୍ତ ଚନ୍ଦନ**





କୋଉଠି କେବେ
ସମ୍ଭବ ହୋଇ ପାରିଲାଣି
କି ଭାବନା ଉପରେ ବନ୍ଧ ତିଆରିବା,
ଅନୁଭବ ଯାକର ବେଗକୁ
ଅଟକାଇବା
ଆଉ ନିଜର ଭୁଲ୍ ଠିକ୍'ର ଦ୍ୱନ୍ଦକୁ ବଞ୍ଚି
ସୁଖ ପାଇବା !

ଇୟେ ତ ବିଜ୍ଞାନର ସେ
ନିୟମ ଭଳି ହୋଇ ଗଲାଣି
ପ୍ରତ୍ୟେକ କ୍ରିୟାର ବିପରୀତ ପ୍ରତିକ୍ରିୟା
ଯେତେକ ଆମେ ବନ୍ଧ ବାନ୍ଧିବାକୁ
ଚେଷ୍ଟାକରିବୁ
ସେତେକ ହିଁ ସେ ବନ୍ଧ ଭାଙ୍ଗି
ନିଜର ଉଚ୍ଚତମ ସ୍ତରକୁ ଉଠିବ ।

ଅଥବା ପୁଣି ଯେତେକ ଆମେ
ଅନୁଭବ ଯାକର ବେଗକୁ
କମ୍ କରିବାକୁ ଚାହିଁବୁ
ସେତେକ ହିଁ ତେଜ ବେଗରେ ସେ
ଆମର ଅନୁଭବ ଯାକକୁ
ଆମର ଅନ୍ତର୍ମନ ଭିତରେ
ଚିତ୍କାର କରାଇବ ।

ତ ଏଥିପାଇଁ ଛାଡି ଦେଲୁଣି
ଆମେ ଭାବନା ଆଉ ଅନୁଭବ ଯାକକୁ
ସେମାନଙ୍କ ଅବସ୍ଥାରେ...
ବୋହି ଯାନ୍ତୁ ପ୍ରବାହ ସାଥିରେ
ସମୟ ତା'ର ସୁଅକୁ କମ୍ ଅବା
ଅଧିକ କରିବ ।


♥ ଇରିଗେସନ୍ କଲୋନୀ, ଲେନ୍ ୩
ଭବାନୀପାଟଣା, କଳାହାଣ୍ଡି
ମୋ - ୬୩୭୦୦୬୪୭୯୨


### ମୋ ଗାଁ
**ବିଜନ ରାୟ**



ପ୍ରତି କାହିଁ ମୋର ଟିକି ଗାଆଁ ଛବି ଭଳି ଅଙ୍କା ।
ବାଲି ମାଟି ଗାଆଁ ଦାଣ୍ଡ ସାପ ଭଳି ବଙ୍କା ?
ଗାଆଁ କଡେ କଡେ ବହେ ଭଣ୍ଡାରୀଆ ନଈ !
ଡେଙ୍ଗା ତାଳ ଗଛ ଥାଏ ଆକାଶରେ ଚାହିଁ !!

ପୁନେଇଁ ପର୍ବ ଯାତ୍ରା ଚାନ୍ଦିନୀ ରେ ମେଳି
ମାଆ ଜାଗୁଳାଇ ବେଢା ବରଗଛ ଦୋଳି
ଗାଆଁ କୋଠ ପୋଖରୀର ଧୋବ ନୀଳ କଇଁ ।
ତୁଠେ ଭୁଆସୁଣୀ ଭିଡ ଗାଧୋଇବା ପାଇଁ ?
ନାଲି ଅଳତାର ପାଦ ହଳଦୀର ବାସ ।

ଚୁପି ଚୁପି କଥା ପୁଣି କୁତୁ କୁତୁ ହସ ?
ବନିଶି ରେ ମାଛ ଧରା ଗଡିଆ ରେ ବୁଡ଼ା !
ବୋଉ ହାତ ବଢି ଚୁରା ମହୁରାଳୀ ପୋଡା !!
ଅର୍ଜୁନୀ ସାର ଙ୍କ ବେତ ଭାରି ଡର ମାଡ଼େ !
ଏବେ ଯେବେ ନିରୋଳା ରେ ସବୁ ମନେ ପଡେ !!


♥ (ମୋ) ୯୪୩୮୧୪୧୩୬୪

# ସାହିତ୍ୟର ମୂଳଲକ୍ଷ୍ୟ ଜୀବନାୟନର ଅନ୍ୱେଷଣ : ଡ. ଦେବାଶିଷ ପାତ୍ର

**ଡ. ଦେବାଶିଷ ପାତ୍ର** ଓଡିଆ ସାହିତ୍ୟ ଜଗତର ଜଣେ ସ୍ୱର୍ଦ୍ଧିତ ଉଚ୍ଚାରଣ । ଅଧ୍ୟାପନାରେ ମଗ୍ନ ଥାଇ ନିରବଚ୍ଛିନ୍ନ ଭାବେ କରିଚାଲିଛନ୍ତି ସାହିତ୍ୟ ସାଧନା । କେବଳ ଗଳ୍ପ କି କବିତା ନୁହେଁ ଜନଜାତି ଉପରେ ଗବେଷଣା କରି ତିଆରିଛନ୍ତି ନିଜର ପ୍ରତିଷ୍ଠା । ଜଣେ ସୃଜନଶୀଳ ସ୍ରଷ୍ଟା ଭାବରେ ସେ ପ୍ରମାଣିତ କରିସାରିଛନ୍ତି ନିଜର ଅନନ୍ୟ ପାରଦର୍ଶିତା । "ମାତୃଭାଷା ଯଦି ଜୀବନ ଓ ଜୀବିକାର ଭାଷା ଭାବରେ ପ୍ରାଧାନ୍ୟ ପାଇବ ଓ ସାହିତ୍ୟ ମଙ୍ଗୁଆଳ ପାଲଟିବ ତା' ହେଲେ ମାତୃଭାଷାର ଭବିଷ୍ୟତ ଉଜ୍ଜ୍ୱଳ" ବୋଲି କହୁଥିବା ଲେଖକଙ୍କ ସହ ଏଥରର ଆଳାପ...

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



■ **ଅଳ୍ପରେ ଡ. ଦେବାଶିଷ ପାତ୍ର**



ନାମ - ଦେବାଶିଷ ପାତ୍ର
ଜନ୍ମସ୍ଥାନ- ଭୋଗରାଇ, ବାଲେଶ୍ୱର
ଜନ୍ମ- ୨୦ ସେପ୍ଟେମ୍ବର ୧୯୭୦
ପ୍ରଫେସର ଓଡ଼ିଆ ଭାଷା ଓ ସାହିତ୍ୟ
ମୁଖ୍ୟ ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

**ପ୍ରକାଶିତ ପୁସ୍ତକ:**

ଗଳ୍ପ ସଂକଳନ-
ସନାତନର ଦେଶ
ଢୋଲ ଓ ଅନ୍ୟାନ୍ୟ ଗଳ୍ପ
ଚକ୍‌ଲେଟ୍

ଜନଜାତି ଗବେଷଣା ଗ୍ରନ୍ଥ-
ମୁଦୁଲିପଡ଼ାର ଲୋକେ
ଡଙ୍ଗର ଯେଉଁଠି କଥାକହେ
ଜନଜାତି ଲୋକଧାରା ଓ ବିବିଧ ପ୍ରସଙ୍ଗ
ପାହାଡ଼ୀ ନଈର ଗୀତ
ଜନଜାତି ସାଂସ୍କୃତିକ ପରିଭାଷା

କବିତା ଗ୍ରନ୍ଥ-
ଖୋଲା ଆକାଶ ତଳେ
ଏବଂ ଜହ୍ନରାତି, ଶବ୍ଦ ସଂଗମ
୫୦ରୁ ଅଧିକ ପୁସ୍ତକ
୧୦୦ରୁ ଅଧିକ ଗବେଷଣା ନିବନ୍ଧ ପ୍ରକାଶିତ




ସାହିତ୍ୟ ଉତ୍ସବରେ ଲେଖକ ଦେବାଶିଷ ପାତ୍ର...

■ **କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?**

■■ ସର୍ଜନଶୀଳତା ଏକ ମାନବୀୟଗୁଣ, ଯାହା ସମସ୍ତଙ୍କ ଭିତରେ ଅଳ୍ପ ବହୁତ ଥାଏ । ତେବେ ଯେଉଁମାନେ ତାକୁ ଉନ୍ମୁଖ କରିବା ପାଇଁ ଯତ୍ନଶୀଳ ହୁଅନ୍ତି, ସେମାନେ ହିଁ ସର୍ଜନଶୀଳତାରେ ଓ ପ୍ରେରଣାରେ ସର୍ଜନଶୀଳ ସୃଷ୍ଟି କରି ଜଗତକୁ କଲ୍ୟାଣମୟ ଦିଗରେ ନେବାପାଇଁ ପ୍ରୟାସ କରିଥାନ୍ତି । ମୋ ପାଇଁ ସର୍ଜନଶୀଳତା ହେଉଛି ଦୃଶ୍ୟମାନ ଜଗତରୁ ଏକ ଅଦୃଶ୍ୟମୟ ଜଗତକୁ ଯାତ୍ରା । ଏହି ଯାତ୍ରା ଆରମ୍ଭ ହୋଇଥିଲା ହାଇସ୍କୁଲର ଅଷ୍ଟମଶ୍ରେଣୀରେ ପଢ଼ିବା ବେଳେ । ତେବେ ପରିବାରଠାରୁ ଦୂରରେ ରହିବା ଓ ପାଠ୍ୟକ୍ରମର ଚାପ ହ୍ରାସ କରିବା ଉଦ୍ଦେଶ୍ୟରେ ଯେଉଁ ଚିନ୍ତନ ଓ ବିଚାରସବୁ ଆସୁଥିଲା ହୁଏତ ସର୍ଜନଶୀଳତା ଆଡ଼କୁ ତାହା ବାଟ କଢ଼ାଇ ନେଇଥିବ । ଭାବିନିଅନ୍ତୁ ଏକ ଅର୍ଥପୂର୍ଣ୍ଣ ଜୀବନରୁ ତା'ର ସୃଷ୍ଟି ହୋଇଥିଲା ।

■ **ଆପଣଙ୍କ ଲେଖକ ଜୀବନର ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?**

■■ ପ୍ରତି ଲେଖକଙ୍କ ଲେଖକୀୟ ଜୀବନର ପ୍ରେରଣା ବହୁବିଧ ହେବା ପରି ମୋ ଲେଖକୀୟ ଜୀବନ । ପରିବାର ହିଁ ପ୍ରଥମ ପ୍ରେରଣା । ମୋର ଜେଜେମା ମୂଳତଃ ଜଣେ କବି ଥିଲେ, ସେ ଅନେକ କବିତା ରଚନା କରିଥିଲେ । ଭାରତୀୟ ପୁରାଣ, ଲୋକକଥା ଶୁଣାଉଥିଲେ । ମୋ ବାପା ବି ଥିଲେ ଜଣେ ଲେଖକ । ସେ ନାଟକ, ଗଳ୍ପ, ଗୀତିକବିତା ରଚନା କରୁଥିଲେ । ପରିବାର ଭିତରେ ସାହିତ୍ୟ ଚର୍ଚ୍ଚା ହେଉଥିଲା । ବୋଉ ତା'ର ଅବସର ସମୟରେ ଉପନ୍ୟାସ ପଢ଼ି ସମୟ ଅତିବାହିତ କରୁଥିଲା । ସମ୍ବାଦପତ୍ର, ସାହିତ୍ୟ ପତ୍ରିକା ଏସବୁ ନିୟମିତ ଆସୁଥିଲା ଆଉ ଦଶବର୍ଷ ବୟସରୁ ଏସବୁ ଭିତରେ ମୋର ସଂପର୍କ ଗଢ଼ି ଉଠିଥିଲା । ଭାବି ନିଅନ୍ତୁ ଏହିସବୁ ମୋ ଲେଖକ ଜୀବନର ପ୍ରେରଣା । ସାହିତ୍ୟ ଆଦ୍ୟଗୁରୁ ଭାବରେ ମୋ ଚାରିପାଖରେ ମଣିଷମାନଙ୍କୁ ଗ୍ରହଣ କରିବି । ସେମାନଙ୍କ ପରାମର୍ଶ, ପ୍ରେରଣା ମୋତେ ଆଗକୁ ବଢ଼ିବାକୁ ସୁଯୋଗ ଦେଇଛି । ତେବେ ପ୍ରକୃତିକୁ ଭଲ ପାଇବା କାରଣରୁ ଏବଂ ମୋ ଭିତରେ ସମ୍ବେଦନା ତାକୁ ନିରେଖିବା ମୋତେ କହିଦେଇଛି ମୋ ସାହିତ୍ୟର ଉତ୍ସ ହିଁ ସେଇଟା । ଅତଏବ ଅନୁଭବର ପ୍ରତିଟି ମୁହୂର୍ତ୍ତ ହିଁ ମୋର ଗୁରୁ ।

■ **ବର୍ତ୍ତମାନ କେଉଁ କେଉଁ ସମସ୍ୟା ଉପରେ ଲେଖକ ମାନେ ଗୁରୁତ୍ୱ ଦେବା ଆବଶ୍ୟକ ? ସାହିତ୍ୟ ମାଧ୍ୟମରେ ସମାଜ ପରିବର୍ତ୍ତନ ସମ୍ଭବ କି ?**

■■ ସାହିତ୍ୟ ଯଦି ସମାଜର ଉତ୍ତରଦାୟିତ୍ୱ ନେବା ମୂଳକଥା ତେବେ ସମସ୍ୟାକୁ କେମିତି ସେଥିରୁ ବାଦ୍ ଦେଇହେବ ! ଅତଏବ ସାମାଜିକ ସମସ୍ୟାର ମୂଳବିନ୍ଦୁଟିଏ ଖୋଜି ପାଇବା ଓ ତା'ର ସମାଧାନର ସୂତ୍ର ପାଠକଙ୍କୁ ପରଷିବା ଲେଖକଙ୍କ ଦାୟିତ୍ୱ ହେବା ଉଚିତ । ଯଦି ତାହା ହେଉନାହିଁ ବା ପାଠକଙ୍କ ଭିତରେ ଚିନ୍ତନ ଓ ମନନ ସମ୍ଭବ ନୁହେଁ ତାହାହେଲେ ସେ ସୃଷ୍ଟି ଓ ସ୍ରଷ୍ଟାର ଭୂମିକା କ'ଣ ? ତେଣୁ ସମସ୍ୟାକୁ ଗ୍ରହଣ କରିବା ଓ ସାହିତ୍ୟରେ ପ୍ରୟୋଗ କରିବା ଲେଖକର ଦାୟିତ୍ୱବୋଧର ପରିଚୟ ଦିଏ । ଆମର ଅନେକ ସମସ୍ୟା ଅଛି, ଯାହା ପ୍ରତିନିୟତ ଆମେ ସାମ୍ନାକରୁ ଏବେ କୃତ୍ରିମ ବୁଦ୍ଧିମତାର ଯୁଗରେ ଆହୁରି ନୂଆ ନୂଆ ସମସ୍ୟାକୁ ଲେଖକମାନେ ଏବେ ଗୁରୁତ୍ୱ ଦେବା ଆରମ୍ଭ କଲେଣି । ସାହିତ୍ୟ ଦ୍ୱାରା ଅତୀତରେ ଅନେକ ସମସ୍ୟାର ସମାଧାନ ହୋଇଛି, ରାଜନୀତିକ ପରିବର୍ତ୍ତନ ଓ ସାମାଜିକ ପରିବର୍ତ୍ତନ କେଉଁଠି କେଉଁଠି ହୋଇଛି । ଏହାର କାରଣ ଗୋଟିଏ ଛତା ତଳେ ଏକ ବିଚାରକୁ କେନ୍ଦ୍ରକରି ଅନେକ ସ୍ରଷ୍ଟା ସାହିତ୍ୟ ସୃଷ୍ଟି କରିଥିଲା ବେଳେ ଏବେ ସେପରି ହେଉନାହିଁ । ତେଣୁ ବୈଚାରିକ ବିବିଧତା ଓ ନିରନ୍ତରତାର ଅଭାବରୁ ଆଜିର ସାହିତ୍ୟ ସାମୟିକ ଆଲୋଡ଼ନ ମାତ୍ର ସୃଷ୍ଟି କରୁଛି, ମାତ୍ର ସେଥିରେ ସାମାଜର ପରିବର୍ତ୍ତନ ହେବା ସମ୍ଭବ ମନେ ହେଉ ନାହିଁ ।

■ **ତୁଳନାତ୍ମକ ଭାବେ ପୂର୍ବ ଅପେକ୍ଷା ଏବେ ଅଧିକ ସଂଖ୍ୟାରେ ଗଳ୍ପ ଲେଖା ଯାଉଥିଲେ ମଧ୍ୟ ସାଧାରଣ ପାଠକଙ୍କ ସଂଖ୍ୟା ସେହି ପରିମାଣରେ ବୃଦ୍ଧି ପାଉନଥିବା ଅଭିଯୋଗ ହୁଏ, ଏ ବାବଦରେ କ'ଣ କହିବେ ? କ'ଣ କଲେ ସେ ସମସ୍ୟାର ସମାଧାନ ହେବ ?**

■■ ପୂର୍ବରୁ ଭାବି ନିଅନ୍ତୁ ଦୁଇଦଶନ୍ଧି ପୂର୍ବରୁ ଆମ ସମୟ କଟାଇବାର ମାଧ୍ୟମ ଥିଲା ସାହିତ୍ୟ। ଏବେ ଦୁଇ ଦଶନ୍ଧି ଭିତରେ ଆମେ ଯେତେ ପରିମାଣରେ ଡିଜିଟାଲ ଦୁନିଆ ଭିତରେ ନିମଜ୍ଜମାନ ଆଗରୁ ତାହା ନଥିଲା, ଏପରିକି ବହୁବିଧ କାର୍ଯ୍ୟର ଚାପ ସାହିତ୍ୟ ପାଖରୁ ସାଧାରଣ ପାଠକଙ୍କୁ ଦୂରେଇ ନେଇଛି । ଆପଣଙ୍କ ମତ ସହିତ ମୁଁ ଏକମତ ଯେ, ପୂର୍ବ ତୁଳନାରେ ଗପଲେଖା ବଢ଼ିଛି କିନ୍ତୁ କବିତାର କ୍ଷେତ୍ର ଗପଠାରୁ ଆଗରେ ଅଛି। ସାଧାରଣ ଲୋକଙ୍କ ନିକଟରେ ସାହିତ୍ୟ ପ୍ରତି ଅନୁରକ୍ତି କ୍ରମଶଃ କମିଯାଉଥିବା କାରଣରୁ ସାହିତ୍ୟର ପାଠକ ସଂଖ୍ୟା ଯେଉଁ ପରିମାଣରେ ବଢ଼ିବା କଥା ବଢ଼ି ନାହିଁ । ତାହାର ଅନ୍ୟ ଦିଗ ବି ରହିଛି । ଭାବନ୍ତୁ ଗପ ବୋଲି କହି ଯାହାକୁ ଆମେ ବଜାରକୁ ଆଣୁଛୁ ସେଥିରୁ ଗପର ଯୋଗ୍ୟତା କେତେ ପରିମାଣର ଗପରେ ରହିଛି ? ଗପ ଯଦି ତାର ଆକର୍ଷଣ କ୍ଷମତା ହରାଇ ବସିଲା ପାଠକେ ନିଶ୍ଚେ ନାସିକା କୁଞ୍ଚନ କରିବେ । ଗପ ଲେଖିବାର ବାଧବାଧକତାରେ ଆପଣ ଯଦି ଗପ ନିର୍ମାଣ କରିବେ ଏହା କାରଖାନାର ଏକ ଉତ୍ପାଦ ବ୍ୟତୀତ ଆଉ କିଛି ହେଇ ନପାରେ । ଆଉ ବ୍ରାଣ୍ଡର ଚାହିଦା ତ' ରହିଆସିଛି, ପାଠକେ ନିଶ୍ଚୟ ସେଇଠି ଭିଡ଼ କରିବେ । ନବ୍ୟ ପିଢ଼ିରେ ପାରସ୍ପରିକ ପ୍ରତିଯୋଗିତା ବି କିଛି କମ୍ ନୁହେଁ ତେବେ ସେଠାରେ ବି ଅନେକ ପାକଳ ହାତର କରାମତି ଦିଶୁଛି ପ୍ରବୀଣଙ୍କ ପରି ଏହା ଯେ ଅନନ୍ତ ସମ୍ଭବନା, ଆମକୁ ଏହା ଦିଶୁଛି । ପାଠକଙ୍କ ସଂଖ୍ୟା ବଢ଼ିବାରେ ସବୁଠୁ ବଡ଼କଥା ଅଭିରୁଚି ସୃଷ୍ଟି ହେବା । ସାହିତ୍ୟ ଯେ ଖାଦ୍ୟ, ବସ୍ତ୍ର, ବାସଗୃହ ପରି ଏକ ମୌଳିକ ଆବଶ୍ୟକତା ଏହା ଯେତେଦିନ ଯାଏଁ ସାମୁହିକ ହୃଦ୍‌ବୋଧ ଭିତରକୁ ନ ଆସିଛି ସେତେଦିନ ଯାଏଁ ପାଠକ ସଂଖ୍ୟା ଆଶାତୀତ ଭାବେ ବଢ଼ିବ, ଏହା ବିଚାର କରିବା ଏକ କଳ୍ପନାର କଥା ।

■ **କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?**

■■ ଆମ ମାତୃଭାଷା ଯେ ସଂକଟରେ ଅଛି ତାହା କହିବା ଭୁଲ୍ ହେବ । ହଁ, ସେଥିରେ ଅନ୍ୟଭାଷିକ ବ୍ୟବସ୍ଥାର ମିଶ୍ରଣ ଏକ ସଂଶୟ ଭିତରକୁ ନେଇ ଯାଉଛି ବୋଲି ଅନେକଙ୍କ ମତ । ତେବେ ଆଜି ଆମ ମାତୃଭାଷାର ଭାଷିକ ବ୍ୟବସ୍ଥା ଯାହା ଅଛି ଶୁଦ୍ଧତା ଦୃଷ୍ଟିରୁ ଅତୀତରେ ନିଶ୍ଚୟ ସେତେ ମାତ୍ରାରେ ଅନ୍ୟ ଭାଷାର ପ୍ରଭାବ ନଥିଲା । କିନ୍ତୁ ଆଞ୍ଚଳିକତା ଭିତ୍ତିରେ ଭାଷାର ବିବିଧରୂପ ସୃଷ୍ଟ ବାରି ହେଉଥିଲା, ମାତ୍ର ଆଜି ସେଥିରେ ପରିବର୍ତ୍ତନ ଘଟିଛି। ଛୋଟ ଛୋଟ ଭାଷିକ କ୍ଷେତ୍ର ତାର ଗୁରୁତ୍ୱ ହରାଇବା ସହ ବୃହତ୍ତର ଭାଷା କ୍ଷେତ୍ରରେ ନିଜକୁ ସାମିଲ କରାଇଛନ୍ତି । ଏପରିକି ସାହିତ୍ୟରେ ମଧ୍ୟ ଆମ ମାତୃଭାଷାର ଯେଉଁ ପରିବର୍ତ୍ତନ ଘଟିଛି ସେହି ବାଚିକ ଦିଗ ସେଠାରେ ବି ପ୍ରୟୋଗ ହୋଇଛି ଅଧିକାଂଶ ଲେଖକଙ୍କ ଦ୍ୱାରା । ସାମାଜିକ ବ୍ୟବସ୍ଥାକୁ ନେଇ ଜଗତୀକରଣର ପ୍ରଭାବ ସାହିତ୍ୟ ଓ ଭାଷାରେ ଘଟିଛି । ତେବେ ମାତୃଭାଷା ଯଦି ଜୀବନ ଓ ଜୀବିକାର ଭାଷା ଭାବରେ ପ୍ରାଧାନ୍ୟ ପାଇବ ଓ ସାହିତ୍ୟ ମଙ୍ଗୁଆଳ ପାଲଟିବ ତା' ହେଲେ ମାତୃଭାଷାର ଭବିଷ୍ୟତ ଉଜ୍ଜ୍ୱଳ।

■ **ସମାଜରେ ଯେଉଁ ଯେଉଁ ଅବ୍ୟବସ୍ଥା ଦେଖାଯାଉଛି, ଲେଖକଟିଏ ଚାହିଁଲେ ତା' ଲେଖାରେ ସେ ସବୁର ପରିବର୍ତ୍ତନ କରିପାରିବ ବୋଲି ଆପଣ କେତେ ଆଶାବାଦୀ ?**

■■ ଲେଖକର ମୂଳଲକ୍ଷ୍ୟ ଉଭୟ ଦୃଶ୍ୟ ଓ ଅଦୃଶ୍ୟମୟ ଜଗତର କଥା ବଖାଣିବା ସହ ସାମାଜିକ ସମତୁଲତା, ସମ୍ବେଦନା ଓ ସଂଶୟମୁକ୍ତ ଭବିଷ୍ୟତ ଭବିଷ୍ୟତ ପାଇଁ ସମ୍ଭାବନା ସୃଷ୍ଟି କରିବା । ତେବେ ସାମାଜିକ ପରିବର୍ତ୍ତନର କାରକ ହେଉଛନ୍ତି ବ୍ୟକ୍ତି ଓ ସାମାଜିକ କାର୍ଯ୍ୟଧାରା । ଲେଖକଟିଏ ତା' ସାହିତ୍ୟରେ ସମସ୍ୟାକୁ ବଖାଣିପାରେ, ବହୁବିଧ ଦିଗ ସଂପର୍କରେ ପରାମର୍ଶ ଦେଇପାରେ ପରିବର୍ତ୍ତନ ପାଇଁ ମାତ୍ର ତାହା ଲେଖକର ଆୟତ୍ତର ବାହାରେ, ଯାହା ବ୍ୟକ୍ତି ନିର୍ଭରଶୀଳ । ତେବେ ବିବେକମାନ ପାଠକ ଲେଖକଙ୍କ ଲେଖାରେ ପ୍ରଭାବିତ ହୋଇ ପରିବର୍ତ୍ତନ ପାଇଁ ଅଣ୍ଟା ଭିଡ଼ିବାର ଦୃଷ୍ଟାନ୍ତ ବି ଅଛି । ଅତଏବ ଏହି ପରିବର୍ତ୍ତନ କେବଳ ସ୍ରଷ୍ଟା ଓ ସୃଷ୍ଟିର ହାତରେ ନାହିଁ ବରଂ ପରିବର୍ତ୍ତନ ପାଇଁ ସମାଜକୁ ଆଗକୁ ଆସିବାକୁ ପଡ଼ିବ, ଲେଖକଟିଏ ତ କେବଳ ମାର୍ଗ ଦେଖାଇ ପାରେ ।

■ **ଓଡିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ ଆପଣ କେତେ ଆଶାବାଦୀ ?**

■■ ଓଡ଼ିଆ ସାହିତ୍ୟର ସ୍ଥିତି ଓ ଭବିଷ୍ୟତ ନେଇ ଯେ କେହି ବି ଆଶାବାଦୀ ହେବା ଦରକାର । କାରଣ ଆମ ସାହିତ୍ୟ ଏକ ସାଂସ୍କୃତିକ ବିଷୟ ଓ ଐତିହ୍ୟବୋଧ ଉପରେ ଛିଡ଼ା ହୋଇଛି । ଅନେକ ପରିବର୍ତ୍ତନ ସତ୍ତ୍ୱେ ସାହିତ୍ୟ ଲୋକ ଚେତନାରୁ ବିଚ୍ୟୁତ ହୋଇନାହିଁ । ଯାହାର ପରିଣତିରେ ସାହିତ୍ୟର ଭବିଷ୍ୟତ ଅତୁଟ ଓ ସମୃଦ୍ଧ ରହିବାର କୌଣସି ସନ୍ଦେହ ନାହିଁ।

■ **ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?**

■■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ ରହିଛି ମାତ୍ର ତାହା ଗୌଣ । କାରଣ, ପୁରସ୍କାର ଜଣେ ଲେଖକର ସମ୍ମାନ ବଢ଼ାଇଥାଏ ବା ଗୁରୁତ୍ୱ ବଢ଼ାଇଥାଏ ବୋଲି ସାଧାରଣରେ ଧାରଣା ରହିଛି । ଏହା ସେତେ ଯୁକ୍ତିଯୁକ୍ତ ନୁହେଁ, ଏହା ଏକ ପ୍ରେରଣା ବା ପ୍ରୋତ୍ସାହନ ବୋଲି ଭାବି ପାରନ୍ତି ତେଣୁ ଏହା ଗୌଣ । ପୁରସ୍କାର ଭଲ ସାହିତ୍ୟ ସୃଷ୍ଟିର କାରକ ନୁହେଁ । କାରଣ, ଉଚ୍ଚାଙ୍ଗ ସାହିତ୍ୟ ସୃଷ୍ଟି ପାଇଁ ପୁରସ୍କାରର କିଛି ବି ଭୂମିକା ନାହିଁ । ସାଧାରଣତଃ ଏଠି ବ୍ୟକ୍ତିକୁ ଦେଖି ପୁରସ୍କାର ପ୍ରକ୍ରିୟା ଯେ ଆଗକୁ ବଢ଼ୁଛି ଏଥିରେ ଆପଣ ବି ମୋ ସହିତ ଏକମତ ହେବେ । ତେବେ କ୍ୱଚିତ୍ ପୁରସ୍କାର ସାହିତ୍ୟକୃତିକୁ ସମ୍ମାନ ଦେଇଥାଏ । ସାହିତ୍ୟର ମୂଳଲକ୍ଷ୍ୟ ଜୀବନାୟନର ଅନ୍ୱେଷଣ। ତେବେ ଜୀବନର ମୌଳିକ ଲକ୍ଷ୍ୟକୁ ବାଦ୍ ଦେଇ ବ୍ୟକ୍ତି ଯେଉଁଭଳି ଭାବରେ ବଢ଼ିବାରେ ଲାଗିଛି ତାହା ଦିନେ ସାମାଜିକତାକୁ ନଷ୍ଟ କରିଦେବ । ତେଣୁ ବ୍ୟକ୍ତି ଭିତରେ ମୂଲ୍ୟବୋଧ ଓ ସମ୍ବେଦନା ବଞ୍ଚାଇ ରଖିବାର ବାର୍ତ୍ତା ନେଇ ସାହିତ୍ୟ ଆଗକୁ ବଢ଼ିବା ଉଚିତ୍ । ଯାହାର ପରିଣତିରେ ସାହିତ୍ୟ ବ୍ୟକ୍ତିର ହାତଧରି ବାଟ କଢ଼ାଇ ଉଜ୍ଜ୍ୱଳ ଭବିଷ୍ୟତ ଆଡ଼କୁ ନେଇ ପାରିବ ।

♥♥



ସୁଖୀ ପରିବାର : ପତ୍ନୀ, ପୁତ୍ର ଓ ଆଦରଣୀୟା କନ୍ୟାଙ୍କ ସହ ଲେଖକ ଦେବାଶିଷ ପାତ୍ର.....




ସମ୍ବର୍ଦ୍ଧିତ ହେବାର ସ୍ମରଣୀୟ ମୁହୂର୍ତ୍ତ....

## ପ୍ରଥମ ବିଦେଶ ଯାତ୍ରା

ଭାଗ-୩୦

# ମୋ ଝର୍କାରୁ ଆମେରିକା...

ନନ୍ଦିତା ମହାନ୍ତି



**ମୋର ମନେ ପଡୁଥିଲା ମୁଁ ଏଠାକୁ ଆସିବା ସମୟରେ ସବୁ ଏୟାରପୋର୍ଟରେ ଦେଖିଥିବା ସେଇ କାଚଘେରା କୋଠରି ଯେଉଁଠି ଲେଖା ଯାଇଥିଲା ‘ ସ୍ମୋକିଂ ଜୋନ’ । ଯାହା ଭିତରକୁ ଯାଇ ଜଣେ ସିଗାରେଟ ଟାଣିପାରିବ ଅନ୍ୟ କାହାକୁ ଅସୁବିଧାରେ ନପକେଇ । କାରଣ ସାରା ପୃଥିବୀରେ ସିଧାସଳଖ ବା ପ୍ରତ୍ୟକ୍ଷ ଧୂମ୍ରପାନ କରି ଯେତିକି ଲୋକ ମୃତ୍ୟୁମୁଖରେ ପଡନ୍ତି ପ୍ରାୟ ସେତିକି ଲୋକ ପରୋକ୍ଷ ଧୂମ୍ରପାନ ଦ୍ୱାରା ଅର୍ଥାତ ସିଗାରେଟରୁ ବାହାରୁଥିବା ଧୂମ୍ରକୁ ଆଘ୍ରାଣ କରି ତତୋଧିକ ବ୍ୟକ୍ତି ମୃତ୍ୟୁ ମୁଖରେ ପଡିଥାନ୍ତି ।**

ସପ୍ତାହାନ୍ତ ଛୁଟି ସରି ଯାଇଥିଲା । ଏବେ ସମସ୍ତେ ଯେଝା’ କାମରେ ଯିଏ ଲାଗି ଯାଇଥିଲେ । ସୋମବାର ଦିନ ସକାଳୁ ଚିକୁ ଫ୍ଲାଇଟ ଧରି ଯାଇଥିଲେ ନର୍ଥ କାରୋଲିନା । ତାଙ୍କ କମ୍ପାନୀର କ୍ଲାଏଣ୍ଟ ସେଠାରେ ରହେ । ସିଏ ଫେରିବେ ଗୁରୁବାର ଦିନ ରାତିରେ । ମିକି ସବୁଦିନ ସକାଳୁ ଉଠି ନ୍ୟୁଜର୍ଷୀ ଟ୍ରାଞ୍ଜିଟର ଟ୍ରେନ ଧରି ଯାଉଛି ନ୍ୟୁୟର୍କ । ସେମାନେ ଗଲା ପରେ ମୁଁ ଏକୁଟିଆ ଘରେ। କଣ ଟିକେ ନିଜ ପାଇଁ ରୋଷେଇ କରିଦେଇ ମୁଁ ବସିପଡେ ଟିଭି ଦେଖିବାକୁ । ଏଠାରେ ଲୋକମାନେ ସିରିଜ ଦେଖିବାକୁ ଭଲ ପାଆନ୍ତି ଯାହାକୁ ଆମ ଦେଶରେ ଆମେ କହୁ ସିରିଏଲ । ପ୍ରଥମେ ଇଂରାଜୀ ସିରିଜ ବୁଝିବାକୁ ଟିକେ କଷ୍ଟ ହେଉଥିଲା ମୋତେ କାରଣ ଆମର ଏମିତି ଫାଏଁ ଫାଏଁ ଆମେରିକାନ ଇଙ୍ଗ୍ଲିସ ଶୁଣିବାର ଅଭ୍ୟାସ ନାହିଁ । ହେଲେ ଧୀରେ ଧୀରେ ସ୍କ୍ରିନ ତଳକୁ ଆସୁଥିବା ସବ-ଟାଇଟଲ ପଢି ପଢି ବୁଝିବା ଅଭ୍ୟାସରେ ପଡିଗଲା । ମୁଁ ଏବେ ନୂଆ ନୂଆ ସିରିଜ ଦେଖୁଥିଲି । ସବୁଠାରୁ ଭଲ ଲାଗୁଥିଲା ‘ଗେମ ଅଫ ଥ୍ରୋନସ’ । ଏବେ ଯାଏଁ ସେହି ସିରିଜର ଛଅଟି ସିଜିନ ଆସି ସାରିଥିଲା । ଏବେ ଏବେ ଆସୁଥିଲା ସପ୍ତମ ସିଜିନ । ପ୍ରଥମ ସିଜିନଗୁଡିକ ନ ଦେଖିଲେ ସପ୍ତମ ସିଜିନର କାହାଣୀ ବୁଝିବା କଷ୍ଟ ହେବ ଭାବି ମୁଁ ଏବେ ପୁରୁଣା ସିଜିନଗୁଡିକୁ ଗୋଟି ଗୋଟି କରି ଦେଖୁଥିଲି ।

‘ଗେମ ଅଫ ଥ୍ରୋନସ’ ସାରା ପୃଥିବୀରେ ଆଜି ଯାଏଁ ତିଆରି ହୋଇଥିବା ସମସ୍ତ ଟିଭି ଧାରାବାହିକ ମଧ୍ୟରେ ସବୁଠାରୁ ଅଧିକ ବ୍ୟୟବହୁଳ ଓ ସର୍ବାଧିକ ଆଦୃତ ସିରିଜ ମଧ୍ୟରେ ଅନ୍ୟତମ । ଏହାର ଗୋଟିଏ ଗୋଟିଏ ଏପିସୋଡ ପାଇଁ ଖର୍ଚ୍ଚ ହୋଇଥାଏ ପ୍ରାୟ ୧.୫ କୋଟି ଡ଼ଲାରରୁ ଅଧିକ ଅର୍ଥରାଶି । କାରଣ ଏସବୁ ପୃଥିବୀର ଭିନ୍ନ ଭିନ୍ନ ପ୍ରାନ୍ତରେ ଶୁଟିଙ୍ଗ କରାଯାଏ । ଆମେରିକୀୟ ଲେଖକ ଜର୍ଜ ଆର ଆର ମାର୍ଟିନଙ୍କ ଦ୍ୱାରା ଲିଖିତ ଉପନ୍ୟାସ ‘ଏ ସଙ୍ଗ ଅଫ ଆଇସ ଏଣ୍ଡ ଫାୟାର’ ଉପରେ ଆଧାରିତ ଏହି ସିରିଜ । ଏଥିରେ ବର୍ଣ୍ଣିତ ହୋଇଛି ସାତୋଟି ସାମ୍ରାଜ୍ୟର କାହାଣୀ । ସାମ୍ରାଜ୍ୟର ମୁଖିଆଙ୍କ ମଧ୍ୟରେ ବିବାଦ, ସର୍ବୋଚ୍ଚ ସିଂହାସନ ‘ଆଇରନ ଥ୍ରୋନ’ ହାସଲ କରିବା ପାଇଁ ପ୍ରତିଯୋଗୀତା, ପାତ୍ରମନ୍ତ୍ରୀମାନଙ୍କର ଷଡଯନ୍ତ୍ର ଇତ୍ୟାଦିର କାହାଣୀ ପର୍ଯ୍ୟବେଶିତ ଏଥିରେ । ଏହି ଉପନ୍ୟାସରେ ମାର୍ଟିନ ପନ୍ଦରଶ ଶତାବ୍ଦୀର ଇଂଲଣ୍ଡ, ମଧ୍ୟଯୁଗୀୟ ୟୁରୋପର ବିଭିନ୍ନ କିଲ୍ଲା ବା ଗଡ, ଯୁଦ୍ଧ ଓ ରଣନୀତି, ରାଜନୈତିକ କଳାକୌଶଳ ଇତ୍ୟାଦି ଉପରେ ଏହି କାହାଣୀରେ ଆଲୋକପାତ କରିଛନ୍ତି । କାହାଣୀକୁ ଅଧିକ ରୋଚକ କରିବାକୁ ଏଥିରେ କିଛି ଅଲୌକିକ ପାତ୍ରଙ୍କର ଅବତାରଣା ମଧ୍ୟ କରାଯାଇଛି ଯେମିତିକି ଡ୍ରାଗନ, ହ୍ୱାଇଟ ୱାକରସ ଓ ଐନ୍ଦ୍ରଜାଲିକ କଳାକୌଶଳ ଇତ୍ୟାଦି ।

ଗୋଟିଏ/ ଦୁଇଟି ଏପିସୋଡ ଦେଖିସାରିଲା ପରେ ମୁଁ ବୁଲିବାକୁ ବାହାରେ ବାହାରକୁ । ଝିଅ ଫେରିଲା ବେଳକୁ ସନ୍ଧ୍ୟା ପାଞ୍ଚଟା ହେଇଯାଏ । ମୁଁ ପାର୍କରେ ବୁଲାବୁଲି ସାରି ଫେରିଆସେ ଆପାର୍ଟମେଣ୍ଟ କଡରେ ଥିବା ଷ୍ଟେସନକୁ । ଷ୍ଟେସନଟି ଟିକେ ଉଚ୍ଚ ସ୍ଥାନରେ । ପାଖାପାଖି ସାତ/ ଆଠଟି ପାହାଚ ଚଢିଲେ ଯାଇ ପହଞ୍ଚି ହେବ ଷ୍ଟେସନରେ । ତଳେ ବସିବା ପାଇଁ ବେଞ୍ଚ ଅଛି । ଲୋକମାନେ ଟ୍ରେନରୁ ଓହ୍ଲେଇ ତଳକୁ ଆସି ବସନ୍ତି ବେଞ୍ଚରେ । ମୁଁ ବି ଗୋଟେ ବେଞ୍ଚରେ ବସି ଅପେକ୍ଷା କରେ ଝିଅକୁ । ଟ୍ରେନ ଆସୁଥାଏ ଯାଉଥାଏ । ଲୋକମାନେ ଯାଉଥାନ୍ତି, ଆସୁଥାନ୍ତି । ମୁଁ ଚୁପଚାପ ବସି ଲକ୍ଷ୍ୟ କରୁଥାଏ ସମସ୍ତଙ୍କୁ। କିଛି ସ୍ତ୍ରୀପୁରୁଷ କୁକୁର ଧରି ବୁଲୁଥାନ୍ତି। ସକାଳସନ୍ଧ୍ୟା କୁକୁରକୁ ମଳମୂତ୍ର ତ୍ୟାଗ ପାଇଁ ସେମାନେ ଅମାନତି ପଦାକୁ । ଏଠାରେ ମନଇଚ୍ଛା ଯେଉଁଠି ନାହିଁ ସେଇଠି କୁକୁରଙ୍କୁ ମଳମୂତ୍ର ତ୍ୟାଗ କରାଇବା ଅପରାଧ। ସେଥିପାଇଁ ଅଛି ସ୍ୱତନ୍ତ୍ର ସ୍ଥାନ । ମଳତ୍ୟାଗ କଲା ପରେ କୁକୁରର ମାଲିକ ହାତରେ ଗ୍ଲୋବ୍ସ ପିନ୍ଧି ମଳକୁ ଉଠାଇ ଗୋଟେ ପଲିବ୍ୟାଗରେ ରଖନ୍ତି । ବ୍ୟାଗର ମୁହଁକୁ ଭଲଭାବରେ ସିଲ କରି ତାପରେ ତାକୁ ନେଇ ପକାନ୍ତି ସ୍ୱତନ୍ତ୍ର ଟ୍ରାସବିନରେ। ଆମେରିକାର ବିଭିନ୍ନ ଷ୍ଟେଟରେ ଏଥିପାଇଁ ଭିନ୍ନ ଭିନ୍ନ ନିୟମ ରହିଛି ଯାହାକୁ କୁକୁରର ମାଲିକମାନଙ୍କୁ ମାନିବାକୁ ପଡେ ।





ଏତେ ଦିନ ମଧ୍ୟରେ ମୁଁ ଯାହା ଲକ୍ଷ୍ୟ କରିଛି, ଏଠାକାର ଲୋକମାନେ ଖୁବ କୁକୁରପ୍ରେମୀ । ଘରେ ଘରେ ଲୋକେ କୁକୁର ରଖନ୍ତି । କିଛି ଲୋକ ତ ଏକରୁ ଅଧିକ କୁକୁର ମଧ୍ୟ ପୋଷିଥାନ୍ତି ଘରେ । ୟା ପଛର କାରଣଟି ହେଲା କୁକୁରଟିର ମଧ୍ୟ ସାଥିଟିଏ ଦରକାର । ନହେଲେ ସିଏ ବି ଚିଡଚିଡା ହୋଇଯିବ । ଯେହେତୁ ଏଠାରେ ସାମାଜିକ ବ୍ୟବସ୍ଥାଟି ଉଣା ଅଧିକେ ବିପର୍ଯ୍ୟସ୍ତ ତେଣୁକରି ନିଃସଙ୍ଗତା ଏକ ବଡ ଆହ୍ୱାନ ଏଠାକାର ଲୋକଙ୍କ ପାଇଁ । ଏହି ଏକୁଟିଆପଣରୁ ନିସ୍ତାର ପାଇଁ ଲୋକେ ଘରେ କୁକୁର ରଖନ୍ତି । କୁକୁର ସେମାନଙ୍କ ପାଇଁ ଗୋଟେ ପୋଷା ଜନ୍ତୁ ନୁହେଁ ବରଂ ଘରର ସଦସ୍ୟ ପରି। ତା ଛଡା ଯେହେତୁ କୁକୁରମାନେ ଖୁବ ବିଶ୍ୱସ୍ତ ସେଥିପାଇଁ ଘରର ଛୁଆ, ବୟସ୍କଙ୍କ ପାଇଁ ସେମାନେ ଖୁବ ଉପଯୋଗୀ । ଏଠାରେ ବୟସ୍କ, ରୋଗଗ୍ରସ୍ତଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ପ୍ରଶିକ୍ଷିତ କୁକୁର ଅଛନ୍ତି ଯେଉଁମାନେ ତାଙ୍କ ମାଲିକମାନଙ୍କୁ ସେମାନଙ୍କ ନିତିଦିନିଆ କାର୍ଯ୍ୟରେ ସାହାଯ୍ୟ କରନ୍ତି। ଅଧିକାଂଶ ମଲ ବା ସୁପରମାର୍କେଟରେ ଏପରି ଦୃଶ୍ୟ ଆପଣ ଦେଖିପାରିବେ ଯେଉଁଠି କୁକୁରଟିଏ ତାର ମାଲିକକୁ ରାସ୍ତା କଢେଇ ନେଉଥିବ ।

ଏଇ କିଛି ଦିନ ପୂର୍ବରୁ ମୁଁ ଦେଖିଥିଲି ଟ୍ୱିନ ଟାୱାର ଆପାର୍ଟମେଣ୍ଟର ଗେଟ ନିକଟରେ ଥିବା ଅଫିସରେ ଗୋଟେ ନୋଟିସ ଲଗା ଯାଇଥିଲା। ଯେଉଁଥିରେ ଲେଖାଥିଲା ଜୁଲାଇ ମାସ ଶେଷ ରବିବାର ପର ଠାରୁ ଟ୍ୱିନ ଟାୱାର ଆପାର୍ଟମେଣ୍ଟ, ‘ନୋ ସ୍ମୋକିଂ ଜୋନ’ ହୋଇଯିବ। ତାପର ଦିନ ଠାରୁ କେହି ଆପାର୍ଟମେଣ୍ଟ ପରିସରରେ ସ୍ମୋକିଂ କରି ଧରା ପଡିଲେ ତାକୁ ଅଫେନ୍ସ ବା ଅପରାଧ ବୋଲି ଗଣାଯିବ । ଜୁଲାଇ ଶେଷ ସପ୍ତାହ ପୂର୍ବରୁ ଏପରି ନୋଟିସ ଆପାର୍ଟମେଣ୍ଟ ବାହାର କାନ୍ଥରେ ଏପରିକି ବିଲଡିଙ୍ଗ ଭିତର କରିଡୋରରେ ମଧ୍ୟ ଲାଗିଥିବାର ଦେଖିଲି ମୁଁ । ହେଲେ ମୁଁ ଏହାକୁ ଏତେ ବେଶୀ ମହତ୍ତ୍ୱ ଦେଇ ନଥିଲି। କାରଣ ମୁଁ ଆମ ଦେଶରେ ଦେଖିଛି ଏମିତି ନୋଟିସ ଅନେକ ସ୍ଥାନରେ ଲେଖା ହୋଇଥାଏ ‘ଧୂମ୍ରପାନ ମୁକ୍ତ ଅଞ୍ଚଳ’। ସ୍କୁଲ, କଲେଜ, ବସଷ୍ଟାଣ୍ଡ, ରେଲୱେ ଷ୍ଟେସନ ଇତ୍ୟାଦି ସ୍ଥାନରେ । କିନ୍ତୁ ଲୋକମାନେ ସେଇ ନୋଟିସ ତଳେ ଛିଡା ହୋଇ ସିଗାରେଟ ଟାଣୁ ଥାଆନ୍ତି । ନା ଡର ନା ଭୟ । ହୁଏତ ନିୟମକୁ ନାଲି ଆଖି ଦେଖେଇ ସେଇ ସ୍ଥାନରେ ଲୋକ ବେଶୀ ଧୂମ୍ରପାନ କରନ୍ତି । ତେଣୁ କରି ମୁଁ ଟ୍ୱିନ ଟାୱାର ଆପାର୍ଟମେଣ୍ଟର ଏହି ନୋଟିସକୁ ବି ଅଣଦେଖା କରିଥିଲି। କିନ୍ତୁ ଏହା ଅଚିରେ ଭୁଲ ପ୍ରମାଣିତ ହେଲା। ମୁଁ ଟ୍ରେନ ଷ୍ଟେସନ ତଳକୁ ପଡିଥିବା ବେଞ୍ଚରେ ବସି ଲକ୍ଷ୍ୟ କଲି। ଲୋକମାନେ ଟ୍ରେନରୁ ଓହ୍ଲେଇ, ତଳକୁ ଆସି ସେହି ବେଞ୍ଚ ଉପରେ ବସି ସିଗାରେଟ ଟାଣୁଛନ୍ତି ଆଉ ତାପରେ ଟ୍ୱିନ ଟାୱାର ଗେଟ ଭିତରକୁ ପ୍ରବେଶ କରୁଛନ୍ତି। କିଛି ଲୋକ ତ ଗେଟ ବାହାରେ ଛିଡା ହୋଇ ସିଗାରେଟ ଟାଣି ସାରି ବଟକୁ ବାହାରେ ଫିଙ୍ଗି ତାପରେ ଭିତରକୁ ଯାଉଛନ୍ତି । ଆମେରିକା ଲୋକଙ୍କର ଦାୟବଦ୍ଧତା ଓ ନିୟମାନୁବର୍ତ୍ତିତା ହେବା ମୋତେ ଅନେକ ଥର ଆଶ୍ଚର୍ଯ୍ୟ କରିଛି । ଆଉ ଆଜି ବି ଆଶ୍ଚର୍ଯ୍ୟ କଲା। ମୋର ମନେ ପଡୁଥିଲା ମୁଁ ଏଠାକୁ ଆସିବା ସମୟରେ ସବୁ ଏୟାରପୋର୍ଟରେ ଦେଖିଥିବା ସେଇ କାଚଘେରା କୋଠରି ଯେଉଁଠି ଲେଖା ଯାଇଥିଲା ‘ ସ୍ମୋକିଂ ଜୋନ’ । ଯାହା ଭିତରକୁ ଯାଇ ଜଣେ ସିଗାରେଟ ଟାଣିପାରିବ ଅନ୍ୟ କାହାକୁ ଅସୁବିଧାରେ ନପକେଇ । କାରଣ ସାରା ପୃଥିବୀରେ ସିଧାସଳଖ ବା ପ୍ରତ୍ୟକ୍ଷ ଧୂମ୍ରପାନ କରି ଯେତିକି ଲୋକ ମୃତ୍ୟୁମୁଖରେ ପଡନ୍ତି ପ୍ରାୟ ସେତିକି ଲୋକ ପରୋକ୍ଷ ଧୂମ୍ରପାନ ଦ୍ୱାରା ଅର୍ଥାତ ସିଗାରେଟରୁ ବାହାରୁଥିବା ଧୂମ୍ରକୁ ଆଘ୍ରାଣ କରି ତତୋଧିକ ବ୍ୟକ୍ତି ମୃତ୍ୟୁ ମୁଖରେ ପଡିଥାନ୍ତି ।

ସମସ୍ତେ ଭୁଲିଯିବା ଅନୁଚିତ ଯେ ଲୋକଙ୍କ ପାଇଁ ଯାହା ସବୁ ନିୟମକାନୁନ ପ୍ରଣୟନ କରାଯାଏ ତାହା ଲୋକଙ୍କର ହିତ ପାଇଁ କରାଯାଇଥାଏ । ତେଣିକି ତାହା ସାର୍ବଜନିକ ସ୍ଥାନରେ ଧୂମ୍ରପାନ ହେଉ ବା ହେଉ ଦୁଇଚକିଆ ଯାନ ଚଳେଇବା ସମୟରେ ହେଲମେଟ ପିନ୍ଧିବା ହେଉ । ହେଲେ ନିୟମ ପ୍ରଣୟନ ହେବା ସାଙ୍ଗେ ସାଙ୍ଗେ ଆମେ ତାକୁ ଅଣଦେଖା କରିବାର ଗଳାବାଟ ଖୋଜୁ । ସାର୍ବଜନିକ ସ୍ଥାନରେ ଲୁଚିଛପି ସିଗାରେଟ ଟାଣିବା ହେଉ କି ହେଉ ବିନା ହେଲମେଟରେ ଗାଡି ଚଳେଇବା । ଲୋକମାନେ ଟ୍ରାଫିକ ପୋଷ୍ଟ ଆସିବା ବେଳକୁ ହ୍ୟାଣ୍ଡେଲରେ ଗଳା ହୋଇଥିବା ହେଲମେଟକୁ ପିନ୍ଧିପକାନ୍ତି ଯେମିତି ଆକ୍ସିଡେଣ୍ଟ ହେଲେ ଟ୍ରାଫିକ ପୁଲିସର ମୁଣ୍ଡ ଫାଟିବ । କିମ୍ବା ସିଗାରେଟ ଟାଣି ରୋଗଗ୍ରସ୍ତ ହେଲେ ସରକାରଙ୍କ ଶରୀରକୁ କଷ୍ଟ ହେବ।

ସମୟାନୁବର୍ତ୍ତିତା ଆମେରିକୀୟ ମାନଙ୍କର ଆଉ ଏକ ଭଲ ଗୁଣ । ଆମେରିକୀୟମାନେ ସମୟକୁ ସବୁଠାରୁ ମୂଲ୍ୟବାନ ମନେକରନ୍ତି। ସେଠାରେ ଅଫିସ, ମିଟିଂ କିମ୍ବା ନିଜର କାର୍ଯ୍ୟସ୍ଥଳୀରେ ବିଳମ୍ବରେ ପହଞ୍ଚିବାକୁ ଖରାପ ଦୃଷ୍ଟିରେ ଦେଖାଯାଏ । ଟ୍ରେନଗୁଡିକ ମଧ୍ୟ ଏହି ନିୟମକକୁ କଡାକଡି ଭାବରେ ପାଳନ କରନ୍ତି। ଝିଅର ଟ୍ରେନ ଠିକ ପାଞ୍ଚଟା ଅଠେଇଶରେ ଆସି ଷ୍ଟେସନରେ ଲାଗେ। ମୁଁ ତାକୁ ଅପେକ୍ଷା କରିଥାଏ। ଝିଅ ଫେରିଲା ପରେ ଆମେ ଦୁହେଁ ମିଶି ଘରକୁ ଫେରୁ।

ଆଜି ସିଏ ଆସିଲା ପରେ ଆମେ ଗଲୁ ନିକଟରେ ଥିବା କ୍ରାଉନ ଫ୍ରାଏଡ ଚିକେନ ଷ୍ଟୋରକୁ । ଏଠାରେ ଖୁବ ଭଲ ଚିକେନ ୱିଙ୍ଗସ ମିଳେ । କିଛି ଚିକେନ ୱିଙ୍ଗସ, ଗ୍ରୀଲ୍ଡ ଚିକେନ ଓ କୋଲ୍ଡ ଡ୍ରିଂକ୍ସ କିଣି ଆମେ ଚାଲି ଚାଲି ଘରକୁ ଫେରିଲୁ।

(ଆରଥରକୁ)

❤ ମଧୁସୂଦନ ନଗର ପୋଷ୍ଟ ଅଫିସ, ଭୁବନେଶ୍ୱର- ୭୫୧୦୨୨
(ମୋ) ୮୨୪୯୪୩୭୨୭୬

# ଆଜି ବି ପ୍ରାସଙ୍ଗିକ ଚାଣକ୍ୟନୀତି

ଗୋପାଳ ମହାପାତ୍ର



ଆଜିଠାରୁ ପାଖାପାଖି ୨୫୦୦ବର୍ଷ ପୂର୍ବେ ଜନ୍ମଗ୍ରହଣ କରିଥିଲେ ବିଷ୍ଣୁଗୁପ୍ତ କୌଟିଲ୍ୟ(ଚାଣକ୍ୟ) । ଅତ୍ୟାଚାରୀ ନନ୍ଦ ବଂଶକୁ ସମାପ୍ତ କରି ଚାଣକ୍ୟ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କୁ ରାଜଗାଦିରେ ବସାଇଥିଲେ । ବିଷ୍ଣୁଗୁପ୍ତ କୌଟିଲ୍ୟ ଓ ଚାଣକ୍ୟ ଏଇ ତିନି ନାମ ଜଣେ ବ୍ୟକ୍ତିଙ୍କର ଯିଏ ନିରପେକ୍ଷ ଶାସନ ପ୍ରସଙ୍ଗରେ ଅନେକ କଥା ଉଲ୍ଲେଖ କରିଯାଇଛନ୍ତି । ସେ ସୁଶାସନ ପାଇଁ ବିକେନ୍ଦ୍ରିତ ସମାଜ ସଂପୂର୍ଣ୍ଣ ଭାବେ ଦାୟୀ ବୋଲି କହିଛନ୍ତି । ଚାଣକ୍ୟଙ୍କ ମତରେ “ଶାସନ ରାଜ୍ୟର ସୈନ୍ୟବଳ ବା ଧର୍ମ ବଳରେ ନୁହେଁ, ଜନଶକ୍ତିରେ ସଫଳ ହୋଇଥାଏ” । ନିର୍ଭୀକ ଭାବେ ଏକଥା କହିଥିବା ଚାଣକ୍ୟ ଶାସନ ଠାରୁ ଦୂରରେ ଏକ ଜୀର୍ଣ୍ଣ ଶୀର୍ଣ୍ଣ କୁଡିଆ ଘରେ ଜୀବନ କାଟୁଥିଲେ । ସେନାର ବଳ ଉପରେ ନିର୍ଭର କରୁଥିବା ଦେଶର ଅବସ୍ଥା କିପରି ବିଗିଡିଯାଉଛି ସେ କଥା ଆମେ ତ ଦେଖୁଛେ । ଧର୍ମାନ୍ଧ ଦେଶ ବର୍ତ୍ତମାନର ସମୟରେ ମଧ୍ୟ କେମିତି ଅବ୍ୟବସ୍ଥା ଦେଇ ଗତି କରୁଛି ସେ କଥା ମଧ୍ୟ ଆମେ ଦେଖୁଛେ। ଏକଥା ସତ୍ୟ ଯେ ଚାଣକ୍ୟଙ୍କ କାଳ ବା ସମୟରେ ଉଦ୍ୟୋଗର ବିକାଶ ନଥିଲା କିନ୍ତୁ ଏବେର ସମୟ ଭଳି ସେ ସମୟରେ ବିଦେଶୀ ପ୍ରଭାବ ଥିଲା । ଯେତେବେଳେ ଚନ୍ଦ୍ରଗୁପ୍ତଙ୍କ ରାଜ୍ୟ ଉପରେ ବିଦେଶୀ ଆକ୍ରମଣ ହୋଇଥିଲା ସେତେବେଳେ ଚାଣକ୍ୟଙ୍କ କୁଶଳ ମାର୍ଗଦର୍ଶନ ପାଇଁ ଚନ୍ଦ୍ରଗୁପ୍ତଙ୍କ ସେନା ସିକନ୍ଦରଙ୍କୁ ପରାସ୍ତ କରିପାରିଥିଲେ । ରାଜ୍ୟ(ରାଷ୍ଟ୍ର)ର ସଫଳତା ପାଇଁ ଶସ୍ତ୍ର, ଶାସ୍ତ୍ର ଏବଂ ଭୂମିର ସମୁଚିତ ଦୋହନ ଜରୁରୀ ଅଟେ। ଏହି ଚାଣକ୍ୟ ବିଧାନ ଆଜି ବି ପ୍ରାସଙ୍ଗିକ ଅଟେ । ଆମ ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀ ଏକଦମ୍ ଠିକ୍ ସ୍ଲୋଗାନ ଦେଇଥିଲେ “ଜୟ ଯବାନ ଜୟ କିଶାନ” ।

ଭାରତରେ ପଞ୍ଚାୟତିରାଜ ବ୍ୟବସ୍ଥା ଚାଣକ୍ୟ ହିଁ ଆରମ୍ଭ କରିଥିଲେ । ଭାରତକୁ ଚାଣକ୍ୟଙ୍କର ଏହା ହେଉଛି ସର୍ବୋତ୍ତମ ଉପହାର । ଜମି ଏବଂ ଜଙ୍ଗଲ ହେଉଛି ଭାରତର ମୂଳଧନ । କିନ୍ତୁ ଯେତେବେଳେ ବେପାରୀ ତାର ମୂଳଧନକୁ ଖାଇବା ଆରମ୍ଭ କରେ ସେତେବେଳେ ତାର ବେପାର ବୁଡିଯାଏ ବା ନଷ୍ଟ ହୋଇଯାଇଥାଏ । ଏକଥାକୁ ନେଇ ଚାଣକ୍ୟ ଜମିକୁ ସୁଧାରିବା ପାଇଁ କାମ କରିଥିଲେ । ଦେବଦାସୀ, ବିଧବା, ପରିତ୍ୟକ୍ତା, ବିକଳାଙ୍ଗ ଏବଂ ଯୌନକର୍ମୀମାନଙ୍କ ଗୁଜୁରାଣ ପାଇଁ ଚାଣକ୍ୟଙ୍କ ପରାମର୍ଶରେ ରାଜା ରୋଜଗାର ଉପଲବ୍ଧ କରାଉଥିଲେ । ସେମାନଙ୍କୁ ସୂତାକାଟିବା, ମନ୍ଦିରରେ ଦୀପ ପାଇଁ ବଳିତା ତିଆରି କରିବା ଭଳି ଛୋଟ ଛୋଟ କାମ କରିବା ପାଇଁ ସେମାନଙ୍କୁ ପ୍ରୋତ୍ସାହିତ କରାଯାଉଥିଲା ପ୍ରତି ଗ୍ରାମରେ ପୁଷ୍କରିଣୀ ଓ ଗୋରୁ ଚରିବା ପାଇଁ ଗୋଚର ଜମି ରଖାଯିବାର ବ୍ୟବସ୍ଥା ଥିଲା କୌଟିଲ୍ୟଙ୍କ ପରାମର୍ଶ । ଗୋଚର ଜମି ରଖାଯିବା ବ୍ୟବସ୍ଥା ଅବୈଜ୍ଞାନିକ ନୁହେଁ । ପତିତ ଜମିରେ ପଶୁମାନଙ୍କୁ ରଖାଯାଉଥିଲା । ଗୋରୁ ବା ପଶୁମାନଙ୍କ ପାଇଁ ଘାସ ଓ ପାଣିର ବ୍ୟବସ୍ଥା ପଞ୍ଚାୟତ କରୁଥିଲା । ୧୨ବର୍ଷ ଧରି ପଶୁମାନେ ଗୋଟିଏ ଜାଗାରେ ରହିବା ପରେ ଗୋବର ଓ ଗୋମୂତ୍ର ଯୋଗୁଁ ସେହି ଭୂମି ଉର୍ବର ହୋଇଯାଉଥିଲା । ଏଣୁ ପଶୁମାନଙ୍କୁ ପୁନଃ ଏକ ପତିତ ଜମିରେ ନେଇ ରଖାଯାଉଥିଲା । ଏହି ଭଳି ଭାବେ କୃଷି ଉପଯୋଗୀ ଭୂମିର ବିସ୍ତାର କରାଯାଉଥିଲା ।

ଜଙ୍ଗଲ ଏବଂ ଜମି ପଞ୍ଚାୟତ ଅଧୀନରେ ରହିବ ବୋଲି ଚାଣକ୍ୟ ରାଜାଙ୍କୁ ପରାମର୍ଶ ଦେଇଥିଲେ ଓ ତାହା କାର୍ଯ୍ୟକାରୀ ହୋଇଥିଲା। ଚାଣକ୍ୟଙ୍କ ମତରେ ଗାଁ(ଗ୍ରାମ) ଏବଂ ଭୂମି(ଚାଷଯୋଗ୍ୟ ଜମି)ର ଆକାର ଛୋଟ ହେବା ଆବଶ୍ୟକ । ପ୍ରତି ଗାଁରେ ୧୦୦ ରୁ ୫୦୦ ଘର ରହିବା ଦରକାର । ଚାଣକ୍ୟ ବନୀକରଣ କୁ ମଧ୍ୟ ଗୁରୁତ୍ୱ ଦେଇଥିଲେ । ବୃକ୍ଷରୁ ପଶୁମାନଙ୍କ ପାଇଁ ଚାରା(ଡାଳପତ୍ର), ଘର ତିଆରି ପାଇଁ କାଠ ଏବଂ ଜାଳେଣୀ କାଠର ବ୍ୟବସ୍ଥା କରାଯାଉଥିଲା । ଚନ୍ଦ୍ରଗୁପ୍ତଙ୍କ ଶାସନ କାଳରେ ଜଙ୍ଗଲ କାଟୁଥିବା ବ୍ୟକ୍ତିଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରାଯାଉଥିଲା । ପଶୁମାନଙ୍କ ପାଇଁ ପ୍ରତି ଗ୍ରାମରେ ଚିକିତ୍ସକ ଥିଲେ । ସେହି ଚିକିତ୍ସକମାନଙ୍କ ଭରଣ ପୋଷଣ ପାଇଁ ରାଜା ଜମି ଯୋଗାଇ ଦେଉଥିଲେ । କିନ୍ତୁ ସର୍ତ୍ତ ଥିଲା ଯେ ସେମାନେ ଜମି ବିକ୍ରୟ କରିପାରିବେ ନାହିଁ। କୃଷକଙ୍କ ଠାରୁ ଉଚିତ ମୂଲ୍ୟରେ ଶସ୍ୟ କ୍ରୟ କରାଯାଉଥିଲା । ପ୍ରତି ଗାଁରେ ଜଣେ ଜଣେ ସନ୍ଦେଶ ବାହକଙ୍କୁ ରଖାଯାଉଥିଲା ଯିଏ ଗାଁର ସମସ୍ୟା ରାଜାଙ୍କ ପାଖରେ ପହଞ୍ଚାଇ ପାରୁଥିଲା ।

କୌଟିଲ୍ୟଙ୍କ ଅର୍ଥଶାସ୍ତ୍ରରେ ମୁଦ୍ରା ବିନିମୟ ଏବଂ ନେଣ ଦେଣ କଥା ଉଲ୍ଲେଖ ନାହିଁ । ତାଙ୍କ ଲିଖିତ ଅର୍ଥଶାସ୍ତ୍ର ଏକ ପ୍ରକାରର ସମାଜ ଶାସ୍ତ୍ର ଯେଉଁଥିରେ ରାଜା ଓ ସାଧାରଣ ଲୋକଙ୍କର କର୍ତ୍ତବ୍ୟ ବାବଦରେ ଅନେକ କଥା ଉଲ୍ଲେଖ ରହିଛି । ଦୁର୍ଭାଗ୍ୟର କଥା ଯେ ଆମ ଦେଶରେ ସ୍କୁଲ ଏବଂ କଲେଜରେ କୌଟିଲ୍ୟଙ୍କ ଅର୍ଥଶାସ୍ତ୍ର ପଢାଯିବା ତ ଦୂରର କଥା ତା ଉପରେ ଆଲୋଚନା ମଧ୍ୟ କରାଯାଉନାହିଁ । ଚାଣକ୍ୟ ଗାଁର ବିକାଶ କଥା ସହ ନଗର(ସହର)ର ବିଧାନ ମଧ୍ୟ ଲେଖିଛନ୍ତି। ନଗରମାନଙ୍କର ଲୋକ ସଂଖ୍ୟା ସୀମିତ ରହିବା ଉପରେ ଚାଣକ୍ୟ ଗୁରୁତ୍ୱ ଦେଇଛନ୍ତି । ସେ ସମୟରେ ନଗରମାନଙ୍କରେ ଭିଡ ବଢିଲେ ସେମାନଙ୍କୁ ଗାଁକୁ ପଠାଇ ଦିଆଯାଉଥିଲା । ସନ୍ଧ୍ୟାରେ ନଗରର ମୁଖ୍ୟ ଦ୍ୱାର ବନ୍ଦ କରିଦିଆଯାଉଥିଲା । ସୁଖର କଥା ଯେ ଭାରତର ବିଭିନ୍ନ ରାଜ୍ୟମାନଙ୍କର ଅନେକ ପଞ୍ଚାୟତ କ୍ରାନ୍ତିକାରୀ ପଦକ୍ଷେପ ନେଇ ସେ ଅଞ୍ଚଳର ସମାଜକୁ ସସକ୍ତ କରିପାରିଛି । ଧର୍ମ ସ୍ଥଳ ହେଉ ବା ହସ୍ତଶିଳ୍ପ, ତେଲ ଉତ୍ପାଦନ(ଘଣା ଦ୍ୱାରା ପେଶାଯାଇ ), ସାବୁନ ଏପରିକି ସୌନ୍ଦର୍ଯ୍ୟକରଣ ପାଇଁ ସ୍ଥାନୀୟ ବସ୍ତୁ ନଷ୍ଟକୁ ବିରୋଧ ହେଉ ପଞ୍ଚାୟତ ସ୍ତରରେ ଅନେକ କାମ କରାଯାଇପାରିଛି । ଏସବୁକୁ ସୂଚାରୁ ରୂପେ ପରିଚାଳନା କରିବା ପାଇଁ ଏବଂ ସସକ୍ତ କରିବା ପାଇଁ ଚାଣକ୍ୟ ଅଜି ବି ପ୍ରାସଙ୍ଗିକ । ଗାନ୍ଧୀ ବିଚାରରେ ଏହି ଦର୍ଶନକୁ ଗଭୀର ଭାବେ ବୁଝିବା ପାଇଁ ସମସ୍ତ ପ୍ରମାଣ ମହଜୁଦ ରହିଛି ।

❤ ରାମଚନ୍ଦ୍ରପୁର, ରଣପୁର
ମୋ-୯୪୩୮୪୮୫୦୯୪

## ଶ୍ରୁତିପତ୍ର

## ପତ୍ରିକା ସମୀକ୍ଷା



### ସୃଜନ ସ୍ୱପ୍ନ

ସମ୍ପାଦିକା :
ଶ୍ରୀମତୀ ଦେବଶ୍ରୀ ଧଳ
ଠିକଣା : ଏଲ.ବି-୨୨୬, ବରଗଡବ୍ରିଟ କଲୋନୀ, ବରଗଡ, ଭୁବନେଶ୍ୱର-୧୮
ପୃଷ୍ଠା-୯୬, ମୂଲ୍ୟ : ୮୦/-

“ପ୍ରତି ମୁହୂର୍ତ୍ତରେ ଏ ପୃଥିବୀ କେତେ ଯେ ଦୁର୍ଦ୍ଦଶା ଭୋଗ କରୁଛି ତାର ହିସାବ କାହା ପାଖରେ ଅଛିକି ? କେଉଁଠି ଦୁର୍ଦ୍ଦାନ୍ତ ମାନବିକତା ଦଂଶନ କରିଚାଲିଛି ଶାନ୍ତ ସରଳ ପରିବେଶକୁ ତ କେଉଁଠି ନିରୀହା ନାରୀମାନଙ୍କ ଆର୍ତ୍ତଚିତ୍କାର ମେଘରେ ମିଶୁଛି । ଇଞ୍ଚେ ଜାଗା ପାଇଁ ଭାଇଭାଇ, ପରିବାର ଭିତରେ ରକ୍ତପାତ, ବଂଶନାଶର ଧାରା ବଢିଚାଲିଛି ତ ରାଜ୍ୟରୁ ରାଜସ୍ୱ ହାନି କରୁଥିବା ରାଜକର୍ମଚାରୀଙ୍କ ଭିତରୁ ମାନବିକତା ଉଭେଇ ଯାଉଛି । ପ୍ରକୃତିର ମହାନଦାନ, ଗଛବୃଛ ମାଟି ପାଣି ପବନ ଓ ପଥରକୁ ଆଜିର ମଣିଷ ସୁରା ଭାବି ପାନ କରି ଚାଲିଛି ତ ଜୀବହତ୍ୟାକୁ ସହଜ ଭାବେ ଗ୍ରହଣ କରି ଜୀବଜଗତକୁ କ୍ଷୟ କରି ଚାଲିଛି ଏ ମଣିଷରୂପୀ ସଇତାନ ।”

\+ + + +

‘ସୃଜନ ସ୍ୱପ୍ନ’ର ଚତୁର୍ବିଂଶ ବର୍ଷ, ଚତୁର୍ଥ ସଂଖ୍ୟା ସମ୍ପାଦକୀୟ ସ୍ତମ୍ଭରେ ଏପରି ଏକ ଚିନ୍ତାଜନକ ତଥା ଭାବଗର୍ଭକ ବକ୍ତବ୍ୟ ରଖିଛନ୍ତି ସମ୍ପାଦିକା ଶ୍ରୀମତୀ ଦେବଶ୍ରୀ ଧଳ ।

ଭୁବନେଶ୍ୱରରୁ ପ୍ରକାଶିତ ସୃଜନ ସ୍ୱପ୍ନର ଏହି ସଂଖ୍ୟାଟି ବେଶ୍ ସୁଦୃଶ୍ୟ ଓ ଏହାର ପ୍ରଚ୍ଛଦ ବେଶ୍ ମନଲୋଭା । ଏଥିରେ ସୃଜନ ସଂସ୍କୃତି, କାବ୍ୟ ସୃଜନ, ସାୟରୀର ନୂତନ ପ୍ରସୁ, ସୃଜନ ଆଳାପ, ସୃଜନ ସମ୍ଭାର, କଥା ସୃଜନ, ସୃଜନ ସମ୍ଭାର, ସୃଜନ ସମୀକ୍ଷା ଆଦି ବିଭାଗରେ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର, ସୁଶାନ୍ତ କୁମାର ସ୍ୱାଇଁ, ଦୁର୍ଗା ପ୍ରସାଦ ଆଚାର୍ଯ୍ୟ, ହାଡିବନ୍ଧୁ ପଟ୍ଟନାୟକ, କୌଶିକ ନାୟକ, ପ୍ର. ଅରୁଣ ଚନ୍ଦ୍ର ସାହୁ, ନକୁଳ ଚନ୍ଦ୍ର ସାହୁ, ଭୁବନାନନ୍ଦ ପାଣିଗ୍ରାହୀ, ପ୍ରତିଭା ଦାସ, ମମତାରୁଣୀ ବେହେରା, ବେବୀଲତା ଶତପଥୀ, ଜସ୍ମିନ ମହାପାତ୍ର, ଡ. ରଜନୀ ରଣସିଂହ, ଡ. ହେମଲତା ବେହେରା, ପ୍ରଫେସର ଗିରିଜା ଶଙ୍କର ଶର୍ମା, ଡ. କଳ୍ପନା ମହାନ୍ତି, ଡ. ହେନେରିଟା ମିଶ୍ର, ଦେଶବନ୍ଧୁ ସ୍ୱାଇଁ, ସଚ୍ଚିଦାନନ୍ଦ କର, ଦୀପ୍ତିରଂଜନ ଖଣ୍ଡୁଆଳ, କଲ୍ୟାଣୀ ଭୋଇ ପ୍ରମୁଖଙ୍କ ବହୁ ଉପାଦେୟ ଲେଖା ପ୍ରକାଶ ପାଇଛି । ପତ୍ରିକାଟି ତା’ ପୂର୍ବ ଗରିମା ବଜାୟ ରଖିବାରେ ସଫଳ ହୋଇଛି, ତେଣୁ ସଂପାଦିକାଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ।

ସମୀକ୍ଷା : ଧ୍ୱନି ପ୍ରତିଧ୍ୱନି ବ୍ୟୁରୋ

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com

# ନାସ୍ତିକତା ମାନେବି ନୈତିକତାବାଦୀ

♥ ଅଧ୍ୟାପକ ଗୋପବନ୍ଧୁ

ଧର୍ମ କହିଲେ କେବଳ ଆସ୍ତିକତାକୁ ବୁଝାଏ ନାହିଁ, ଏହା ନାସ୍ତିକତାକୁ ମଧ୍ୟ ବୁଝାଏ। ନାସ୍ତିକତା ମଧ୍ୟ ଏକ ପ୍ରକାରର ଧର୍ମ। ଧର୍ମ କହିଲେ ସେହି ସାମାଜିକ ବ୍ୟବସ୍ଥା ଓ ଏଥିରୁ ନିସୃତ ହେଉଥିବା ସେହି ସାମାଜିକ ଚିନ୍ତନକୁ ବୁଝାଏ ଯାହା ମନୁଷ୍ୟମାନଙ୍କୁ ଶାନ୍ତିଶୃଙ୍ଖଳାର ସହିତ ଗୋଟିଏ ସୂତ୍ରରେ ବାନ୍ଧି ରଖେ। ସଂକ୍ଷେପରେ ଯିଏ ଧରିରଖେ ତାହାହିଁ ଧର୍ମ। ଏଥିପାଇଁ କିଛି ନୀତି ନିୟମର ଆବଶ୍ୟକତା ପଡେ। ଯାହା ପରସ୍ପର ମଧ୍ୟରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନକୁ ନିଶ୍ଚିତ କରେ। ଧର୍ମର ଲକ୍ଷ୍ୟ ମାନବିକତାର ବିକାଶ। ମାନବିକତାର ଅର୍ଥ ପରସ୍ପରକୁ ଭଲ ପାଇବା, ଦରଦୀହେବା, ସମସ୍ତଙ୍କ ମଙ୍ଗଳ କାମନା କରିବା, ଏପରିକି ସମଗ୍ର ଜୀବଜଗତ ପ୍ରତି ସଦୟଭାବ ପ୍ରଦର୍ଶନ କରିବା। ମାନବିକତାର ସଂସ୍ଥାପନ ପାଇଁ ଧର୍ମ ମଧ୍ୟରେ କିଛି ନୈତିକ ନିୟମର ଆବଶ୍ୟକତା ପଡେ। ଏହି ନୈତିକ ନିୟମଗୁଡ଼ିକର ପ୍ରବର୍ତ୍ତନ ସମ୍ପୃକ୍ତ ସମାଜକୁ ଐକ୍ୟବଦ୍ଧ କରେ ଓ ଆଗକୁ ବଢ଼ିବାର ବାଟ କଢ଼ାଏ। ପ୍ରକୃତପକ୍ଷେ ମାନବିକତା ଓ ନୈତିକତା ହେଉଛି ପ୍ରତ୍ୟେକ ଧର୍ମର କେନ୍ଦ୍ରୀୟ ବିଷୟ। ମନୁଷ୍ୟ ସମାଜର ସ୍ଥିତି ଓ ପ୍ରଗତି ଏହି ଦୁଇଟି ବିଷୟ ଉପରେ ନିର୍ଭରଶୀଳ। ଅନ୍ୟଥା ସମାଜରେ ଅରାଜକତା ଓ ସ୍ୱେଚ୍ଛାଚାରିତା ବଢ଼ିଯାନ୍ତା। ସମାଜ ଧ୍ୱଂସାଭିମୁଖୀ ହୁଅନ୍ତା।

> **ସତ୍ୟ, ଅହିଂସା, ଅସ୍ତେୟ (ଚୋରି ନକରିବା), ଇନ୍ଦ୍ରିୟ ସଂଯମତା ଓ ଅପରିଗ୍ରହ (ପରିତ୍ୟାଗ)। ଏହି ପାଞ୍ଚଟି କର୍ମ ସମ୍ପାଦନ ଜୈନଧର୍ମର ମୁଖ୍ୟ ବିଷୟବସ୍ତୁ। ବୌଦ୍ଧଧର୍ମ (ବୌଦ୍ଧଧମ୍ମ) ମଧ୍ୟ ନିରୀଶ୍ୱରବାଦୀ। ଏମାନେ ଭାଗବାନଙ୍କ ଅସ୍ତିତ୍ୱରେ ବିଶ୍ୱାସ କରନ୍ତି ନାହିଁ। ଜୈନମାନଙ୍କ ତୁଲ୍ୟ ବୌଦ୍ଧମାନେ ଆଠଟି ନୈତିକ କର୍ମରେ ବିଶ୍ୱାସ କରନ୍ତି।**

ଧର୍ମ ପାଇଁ ଇଶ୍ୱର, ଭଗବାନ ବା କୌଣସି ଚମତ୍କାର ସୃଷ୍ଟିକାରୀ ଅଦୃଶ୍ୟ ଶକ୍ତିର ଆବଶ୍ୟକତା ବାଧ୍ୟତାମୂଳକ ନୁହେଁ। କାରଣ ଅନେକ ଧର୍ମ ରହିଛି ଯେଉଁଥିରେ ଇଶ୍ୱର ବା ଭାଗବାନ ବିଶ୍ୱାସ ନାହିଁ। ଏବେ ବିଶ୍ୱରେ ଅନେକ ପ୍ରକାରର ଧର୍ମ ରହିଛି। ଯେଉଁମାନେ ଈଶ୍ୱର ବା ଭଗବାନଙ୍କ ସ୍ଥିତିରେ ବିଶ୍ୱାସ କରନ୍ତି ତାଙ୍କୁ ଆସ୍ତିକ କୁହଯାଏ। ଯେଉଁମାନେ ବିଶ୍ୱାସ କରନ୍ତି ନାହିଁ ତାଙ୍କୁ ନାସ୍ତିକ ବା ନିରୀଶ୍ୱରବାଦୀ କୁହାଯାଏ। ଆସ୍ତିକମାନେ କହନ୍ତି ମାନବିକତା ଓ ନୈତିକତା ଈଶ୍ୱର ବିଶ୍ୱାସରୁ ଜାତ ହୁଏ। ଈଶ୍ୱର ଭୟ ତାକୁ ଉଚିତ୍ ମାର୍ଗରେ ପରିଚାଳିତ ହେବାକୁ ବାଧ କରେ। ନାସ୍ତିକମାନେ କହନ୍ତି ଏହି ଗୁଣଗୁଡିକ ମନୁଷ୍ୟର ସହଜାତ। ଏଗୁଡିକ ତାର ବୁଦ୍ଧିମତ୍ତାର ଅଂଶବିଶେଷ। ଏଗୁଡ଼ିକ ସୁପ୍ତଭାବେ ଥାଏ। ଅଭ୍ୟାସ ମାଧ୍ୟମରେ ଜାଗ୍ରତ କରାଯାଏ। ନିଜର ଅନ୍ତର୍ନିହିତ ଚେତନା ଓ ବିବେକର ଉଜାଗର ଜରିଆରେ ଏହି ଗୁଣଗୁଡିକୁ ଶାଣିତ କରାଯାଇ ପାରେ।

ଭାରତୀୟ ଧର୍ମବିଶ୍ୱାସ ଓ ସଂସ୍କୃତିରେ ନାସ୍ତିକବାଦକୁ ସ୍ୱୀକାର କରାଯାଇଛି। ନାସ୍ତିକତା ଧର୍ମର ସ୍ୱୀକୃତି ପାଇଛି। ପ୍ରାଚୀନ ଧାର୍ମିକ ପରମ୍ପରାରେ ନିରୀଶ୍ୱରବାଦର ପ୍ରଭାବ ଅଧିକ ଦେଖିବାକୁ ମିଳେ। ଭାରତୀୟ ଦର୍ଶନ ଧର୍ମଭିତ୍ତିକ। ଆମ ଦେଶରେ ବିଭିନ୍ନ ଧର୍ମର ବିଚାରକୁ ଦର୍ଶନ ଆଖ୍ୟା ଦିଆଯାଇଛି। ପ୍ରାଚୀନ ବିଚାରଗୁଡିକ ମଧ୍ୟରୁ ଅନ୍ୟତମ ହେଉଛି 'ଚାର୍ବାକ୍ ଦର୍ଶନ'। ଏହା ଦିନେ ଧର୍ମର ମର୍ଯ୍ୟଦା ପାଇଥିଲା ନିଶ୍ଚୟ। ଲୋକମାନେ ବହୁଳ ଭାବରେ ଏହାର ଅନୁଗାମୀ ଥିଲେ। ବିଭିନ୍ନ ଧର୍ମରେ ଚାର୍ବାକ୍ ଦର୍ଶନ ସମ୍ବନ୍ଧରେ ବର୍ଣ୍ଣନା ରହିଛି। ଚାର୍ବାକମାନେ ନାସ୍ତିକ ଭାବେ ପରିଚିତ। ଏମାନେ ଭଗବାନ ବା ଈଶ୍ୱରରେ ବିଶ୍ୱାସ କରୁନଥିଲେ। ସେ ସମୟରେ ଏହା ଏକ ସାମାଜିକ ବିଚାରଧାରାର ରୂପ ନେଇଥିଲା। ଏମାନେ ଯଦି ମାନବିକତା ଓ ନୈତିକ ମୂଲ୍ୟବୋଧ ଉପରେ ଗୁରୁତ୍ୱ ଦେଇନଥାନ୍ତେ ତେବେ ଏହା ସାମାଜିକ ଭାବନାର ରୂପ ନେଇନଥାନ୍ତା ଓ ପରବର୍ତ୍ତୀ ଧାର୍ମିକ ଶୃଙ୍ଖଳାରେ ଏହାର ଏତେ ଆଲୋଚନା ହୋଇନଥାନ୍ତା।

ଅନ୍ୟତମ ପ୍ରାଚୀନ ଦର୍ଶନ ହେଉଛି ଜୈନଧର୍ମ। ଏହା ମଧ୍ୟ ନିରୀଶ୍ୱରବାଦୀ ଅଟେ। ଜୈନମାନେ ଈଶ୍ୱର ବିଶ୍ୱାସୀ ନୁହଁନ୍ତି। ଈଶ୍ୱରଙ୍କ ଅସ୍ତିତ୍ୱକୁ ଏମାନେ ଅସ୍ୱୀକାର କରନ୍ତି। ଈଶ୍ୱର ବଦଳରେ ଏମାନେ ନୈତିକ କର୍ମରେ ବିଶ୍ୱାସ କରନ୍ତି। ଏହି କର୍ମ ସମ୍ପାଦନକୁ ସେମାନେ ଧର୍ମ ବୋଲି କହନ୍ତି। ଜୈନମାନେ ପାଞ୍ଚଟି ନୈତିକ କର୍ମ ଉପରେ ଗୁରୁତ୍ୱ ଦିଅନ୍ତି। ଏଗୁଡିକୁ ପଞ୍ଚବ୍ରତ ବୋଲି କୁହଯାଏ। ସତ୍ୟ, ଅହିଂସା, ଅସ୍ତେୟ (ଚୋରି ନକରିବା), ଇନ୍ଦ୍ରିୟ ସଂଯମତା ଓ ଅପରିଗ୍ରହ (ପରିତ୍ୟାଗ)। ଏହି ପାଞ୍ଚଟି କର୍ମ ସମ୍ପାଦନ ଜୈନଧର୍ମର ମୁଖ୍ୟ ବିଷୟବସ୍ତୁ। ବୌଦ୍ଧଧର୍ମ (ବୌଦ୍ଧଧମ୍ମ) ମଧ୍ୟ ନିରୀଶ୍ୱରବାଦୀ। ଏମାନେ ଭାଗବାନଙ୍କ ଅସ୍ତିତ୍ୱରେ ବିଶ୍ୱାସ କରନ୍ତି ନାହିଁ। ଜୈନମାନଙ୍କ ତୁଲ୍ୟ ବୌଦ୍ଧମାନେ ଆଠଟି ନୈତିକ କର୍ମରେ ବିଶ୍ୱାସ କରନ୍ତି। ଏଗୁଡିକ ହେଉଛି ସଠିକ୍ ଦୃଷ୍ଟିଭଙ୍ଗୀ, ସଠିକ୍ ସଂକଳ୍ପ, ସଠିକ୍ କଥନ(ସତ୍ୟ ବଚନ), ସଠିକ୍ କର୍ମ(ଅହିଂସା), ସଠିକ୍ ଜୀବିକା ଗ୍ରହଣ, ସଠିକ୍ ଉଦ୍ୟମ, ସଠିକ୍ ସ୍ମୃତି ଓ ସଠିକ୍ ଏକାଗ୍ରତା। ଏହି ଆଠଟି କର୍ମ ଉପରେ ବୌଦ୍ଧମାନେ ଗୁରୁତ୍ୱ ଦିଅନ୍ତି। ଈଶ୍ୱର ବିଶ୍ୱାସ ବିନା ଏହି ନୈତିକ କର୍ମ ସମ୍ପାଦନ ମାଧ୍ୟମରେ ସମାଜର ସ୍ଥିତି ଓ ପ୍ରଗତି ସମ୍ଭବପର ବୋଲି ଏମାନଙ୍କ ମତ।

ଶାଂଖ୍ୟ ଓ ଯୋଗ ଦର୍ଶନ ସମାନ ତତ୍ତ୍ୱରେ ବିଶ୍ୱାସ କରନ୍ତି। ଏହା ମଧ୍ୟ ବହୁ ପ୍ରାଚୀନ ବିଚାର। ଦିନେ ଏଗୁଡିକ ମଧ୍ୟ ଧର୍ମର ମାନ୍ୟତା ପାଇଥିଲେ। ଉଭୟ ଦର୍ଶନ ଦୁଇଟି ସତ୍ୟତାରେ ବିଶ୍ୱାସ କରନ୍ତି, ପ୍ରକୃତି ଓ ପୁରୁଷ। ଯୋଗର ଆଠଟି ସୋପାନ ଅଛି। ଏଗୁଡିକୁ ଅଷ୍ଟାଙ୍ଗ ଯୋଗ କୁହାଯାଏ। ଏହି ଆଠଟି ମାର୍ଗର ସଠିକ ସମ୍ପାଦନ ହିଁ ଧର୍ମ। ଏଗୁଡିକ ହେଉଛି ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣା, ଧ୍ୟାନ ଓ ସମାଧି। ଏବେ ଲୋକମାନେ ଯୋଗ କହିଲେ ଆସନକୁ ବୁଝୁଛନ୍ତି। ଏ ଉଭୟ ଦର୍ଶନ ଚମତ୍କାରୀ ଈଶ୍ୱରରେ ବିଶ୍ୱାସ କରନ୍ତି ନାହିଁ। ଏମାନେ ଉଚ୍ଚତର ପୁରୁଷରେ ବିଶ୍ୱାସ କରନ୍ତି। ଯେଉଁ ପୁରୁଷ ସୃଷ୍ଟିକର୍ତ୍ତା, ପାଳନକର୍ତ୍ତା ଓ ସଂହାରକ ନୁହେଁ। ପରବର୍ତ୍ତୀ ସମୟରେ ହିନ୍ଦୁଧର୍ମ ଏଗୁଡିକୁ ନିଜ ସହିତ ସାମିଲ କରିନେଇଛି। ବୈଶେଷିକ ଦର୍ଶନ ଅନେକ ସତ୍ୟତାର ବିଶ୍ୱାସ କରେ। ଏହା ମଧ୍ୟ ଏକ ସର୍ବଶକ୍ତିମାନ ଈଶ୍ୱରରେ ବିଶ୍ୱାସ କରେନାହିଁ, ଏହି ଦର୍ଶନ ମଧ୍ୟ ନୈତିକ କର୍ମ ଉପରେ ଗୁରୁତ୍ୱ ଦିଏ। ଏତାଦୃଶ୍ୟ ଅନେକ ନିରୀଶ୍ୱରବାଦୀ ଦର୍ଶନ ଥିଲା ଯେଉଁମାନେ ନୈତିକ କର୍ମ ଉପରେ ଗୁରୁତ୍ୱ ଦେଉଥିଲେ। ଶୂନ୍ୟବାଦୀଙ୍କ ମତରେ ଏ ବିଶ୍ୱ ଶୂନ୍ୟରୁ ସୃଷ୍ଟି ହୋଇଛି। ଏହାକୁ ଭଗବାନ ସୃଷ୍ଟି କରିନାହାଁନ୍ତି। ଏମାନେ ବି ନାସ୍ତିକ ଅଟନ୍ତି, କିନ୍ତୁ ନୈତିକତାର ବିଶ୍ୱାସୀ। ବସ୍ତୁବାଦୀମାନେ ଜଗତ ସୃଷ୍ଟିର ମୂଳକାରଣ ବସ୍ତୁ ବୋଲି କହନ୍ତି। ତେଣୁ ଏମାନେ ଈଶ୍ୱରଙ୍କ ସ୍ଥିତିକୁ ଅସ୍ୱୀକାର କରନ୍ତି। ତେବେ ବସ୍ତୁବାଦ ନୈତିକତାକୁ ସ୍ୱୀକାର କରେ।

ବିଂଶ ଶତାବ୍ଦୀରେ ବିଶ୍ୱ ସ୍ତରରେ 'ବାହାଇ' ଧର୍ମର ଆବିର୍ଭାବ ହୋଇଛି। ଏହା ଏକ ନାସ୍ତିକ ଧର୍ମ। ଏମାନେ ବିଜ୍ଞାନରେ ବିଶ୍ୱାସ କରନ୍ତି। ଏମାନେ ଈଶ୍ୱରରେ ବିଶ୍ୱାସ କରନ୍ତି ନାହିଁ। ବିଜ୍ଞାନ ଯାହାକୁ ସତ୍ୟ କହେ ତାକୁ ହିଁ ଏମାନେ ସତ୍ୟ ବୋଲି ମାନନ୍ତି। ବିଶ୍ୱରେ କ୍ରମେ ନାସ୍ତିକମାନଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ଏମାନେ ଈଶ୍ୱର ସ୍ଥାନରେ ନୈତିକତାକୁ ଗ୍ରହଣ କରୁଛନ୍ତି। ଏମାନଙ୍କ ଯୁକ୍ତି ଯେ ଧର୍ମ ସମାଜରେ ବିଭେଦ ସୃଷ୍ଟି କରୁଛି। ଧର୍ମକୁ ନେଇ ଅନେକ ରକ୍ତପାତ ହୋଇଛି ଓ ଏବେ ମଧ୍ୟ ହେଉଛି। ଧର୍ମ ଆଉ ସମାଜକୁ ଶାନ୍ତିରେ ରଖାଇ ଦେଉନାହିଁ। ଈଶ୍ୱର ରକ୍ଷା କରିପାରୁ ନାହାଁନ୍ତି। ଧାର୍ମିକ ବିବାଦରୁ ମୁକ୍ତି ପାଇବା ପାଇଁ ନାସ୍ତିକ ହୋଇଯିବା ଶ୍ରେୟସ୍କର ବୋଲି ଏମାନଙ୍କ ଯୁକ୍ତି। ପୁଣି ସମାଜରେ ଶାନ୍ତିର ସହିତ ବସବାସ କରିବାକୁ ହେଲେ ମାନବିକତା ଓ ନୈତିକ କର୍ମର ଆବଶ୍ୟକତା ରହିଛି। ଅନେକ କ୍ଷେତ୍ରରେ ଧର୍ମ ଏଗୁଡ଼ିକ ଉପରେ ଗୁରୁତ୍ୱ ନଦେଇ କର୍ମକାଣ୍ଡ ଉପରେ ଗୁରୁତ୍ୱ ଦେଉଛି।

ନାସ୍ତିକ ହେବା ଅର୍ଥ ସ୍ୱେଚ୍ଛାଚାରିତା ନୁହେଁ। ଦେଖାଯାଇଛି ନାସ୍ତିକବାଦୀମାନେ କୋଠରଭାବେ ମାନବିକତା ଓ ନୈତିକତାକୁ ଗୁରୁତ୍ୱ ଦିଅନ୍ତି। ନାସ୍ତିକମାନଙ୍କ ପାଇଁ ଦିଅଁ-ଦେବତା, ପୂଜା-ଆରାଧନା, ହୋମ-ଯଜ୍ଞ, ଦାନ-ଦକ୍ଷିଣା, ଭେଟି-ଉପହାର, ପୂଜକ-ଯାଜକ ପ୍ରଭୃତିର ଆବଶ୍ୟକତା ପଡେନାହିଁ। ଏମାନଙ୍କ ପାଇଁ ନୈତିକ କର୍ମହିଁ ଜୀବନଧାରଣ ଓ ସାମାଜିକ ଶାନ୍ତିର ଏକମାତ୍ର ଆୟୁଧ। ଭାରତୀୟ ସଂସ୍କୃତି ଉଭୟ ଆସ୍ତିକ ଓ ନାସ୍ତିକ ବିଚାରର ସମାହାର। ଯିଏ ନାସ୍ତିକ ସେବି ଧାର୍ମିକ, ଯେହେତୁ ସେବି ଗୋଟିଏ ବିଚାରଧାରାର ଅନୁସରଣ କରେ। ଏହା ଛଡା ଯେଉଁମାନେ ନାସ୍ତିକ ଧର୍ମର ସମର୍ଥକ ସେମାନେ ଭାରତୀୟ ସଂସ୍କୃତିର ଗୁରୁତ୍ୱପୂର୍ଣ୍ଣ ଅଂଶଭାବେ ପରିଗଣିତ ହୋଇ ଆସିଛନ୍ତି। ହିନ୍ଦୁଧର୍ମ ସମସ୍ତ ବିଚାରକୁ ନିଜ ସହିତ ସାମିଲ କରିନେବାର ପ୍ରୟାସ କରିଛି। ଏହା ହୋଇନଥିଲେ ଗୌତମବୁଦ୍ଧ ଯେକି ଭଗବାନରେ ବିଶ୍ୱାସ କରୁନଥିଲେ, ଯିଏ ନାସ୍ତିକ, ତାଙ୍କୁ ହିନ୍ଦୁଧର୍ମର ଦଶ ଅବତାର ମଧ୍ୟରୁ ଗୋଟିଏ ଅବତାର ଭାବେ ଗ୍ରହଣ କରାଯାଇ ନଥାନ୍ତା। ବର୍ତ୍ତମାନର ପରିପ୍ରେକ୍ଷୀରେ ଆସ୍ତିକ ହୁଅନ୍ତୁ କି ନାସ୍ତିକ ହୁଅନ୍ତୁ ମାନବିକତା ଓ ନୈତିକ କର୍ମ ଉପରେ ଗୁରୁତ୍ୱ ଦେବା ସମୟର ଆବଶ୍ୟକତା ଅଟେ।

♥ ବାରିପଦା, ମୟୂରଭଞ୍ଜ, ମୋ. ୭୦୦୮୯୭୬୧୮୦

# ବନ୍ଧୁତା ପାଇଁ ଏହା କି ପ୍ରକାରର ପୁରସ୍କାର ?



ଡକ୍ଟର୍ ଲକ୍ଷ୍ମଣ ସାହୁ

> **ଯଦି ଭାରତ ପ୍ରକୃତରେ ଏକ ବିଶ୍ୱ ଶକ୍ତି ହେବାକୁ ଚାହୁଁଛି, ତେବେ ତାକୁ ଆମେରିକା ପରି ଶୁଳ୍କ ନୀତି ଆଗରେ ମୁଣ୍ଡ ନୁଆଁଇବା ପରିବର୍ତ୍ତେ ଦାମ୍ଭିକତାର ସହ ଠିଆ ହେବା ଶିଖିବାକୁ ପଡିବ ।**

ବନ୍ଧୁତା ଏପରି ଏକ ଶବ୍ଦ ଯାହା ବିଶ୍ୱାସ, ଆତ୍ମବିଶ୍ୱାସ, ସମାନ ସ୍ୱାର୍ଥ ଓ ସମାନ ମୂଲ୍ୟବୋଧ ଆଶା କରେ । କିନ୍ତୁ ଯେତେବେଳେ ଏହି ବନ୍ଧୁତା ଏକପାଖିଆ ଶବ୍ଦ ଉପରେ ଆଧାରିତ ହୁଏ ଓ ଏହାର ଆଧାରରେ ଦଣ୍ଡମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ, ସେତେବେଳେ ଏହି ସମ୍ପର୍କ ବନ୍ଧୁତା ବଦଳରେ ଏକପାଖିଆ ପ୍ରାଧାନ୍ୟର ରୂପ ନେଇଥାଏ । ଡୋନାଲ୍ଡ ଟ୍ରମ୍ପଙ୍କ ନେତୃତ୍ୱରେ ଆମେରିକା ଭାରତ ଉପରେ ୨୫ ପ୍ରତିଶତର ଏକ ବିଶାଳ ଶୁଳ୍କ ଲାଗୁ କରି ଠିକ୍ ଏହି ବାର୍ତ୍ତା ସୂଚେଇ ଦେଇଛି । ଏହା କେବଳ ଆର୍ଥିକ ନୀତିର ଏକ ସାଧାରଣ ନିଷ୍ପତ୍ତି ନୁହେଁ, ବରଂ ଏହା ଏକ ଏଭଳି ନିଷ୍ପତ୍ତି ଯାହା ଭାରତ-ଆମେରିକା ସମ୍ପର୍କର ବାସ୍ତବତାକୁ ପ୍ରକାଶ କରେ। କହିବାକୁ ଗଲେ ଯାହା ଏହି ତଥାକଥିତ ରଣନୈତିକ ସହଭାଗୀତାର ପ୍ରକୃତ ସତ୍ୟକୁ ପ୍ରକାଶ କରେ ।

ଟ୍ରମ୍ପ ଗର୍ବର ସହିତ ଘୋଷଣା କରିଥିଲେ ଯେ ଭାରତ ଆମର ବନ୍ଧୁ, କିନ୍ତୁ ଆମେ ଭାରତ ସହିତ ବହୁତ ଭଲ ବାଣିଜ୍ୟ କରିଛୁ, ଯେତେବେଳେ ଭାରତ ଆମ ସହିତ କିଛି କେବେ କରିନାହିଁ । ଏହି ବକ୍ତବ୍ୟ କେବଳ ଏକ ସମ୍ବେଦନଶୀଳ କୂଟନୈତିକ ମନ୍ତବ୍ୟ ନୁହେଁ, ବରଂ ଜଣେ ରାଷ୍ଟ୍ରମୁଖ୍ୟଙ୍କ ମାନସିକତାକୁ ମଧ୍ୟ ପ୍ରତିଫଳିତ କରେ ଯିଏ ବାଣିଜ୍ୟ କ୍ଷତି-ଲାଭ ମାପରେ ବନ୍ଧୁତାକୁ ମଧ୍ୟ ତୁଳନା କରନ୍ତି । ବାଣିଜ୍ୟରେ, ଭାରତ ଆମେରିକା ସହିତ ଇଞ୍ଜିନିୟରିଂ ସାମଗ୍ରୀ, ଇଲେକ୍ଟ୍ରୋନିକ୍ ସାମଗ୍ରୀ, ଅଳଙ୍କାର, ଔଷଧ ଉତ୍ପାଦ, ହାଲୁକା ଅଶୋଧିତ ତେଲ ଓ ପେଟ୍ରୋଲିୟମ୍ ବିଦ୍ୟୁତ୍ ଉତ୍ପାଦନ ବ୍ୟବସାୟ କରିଛି । କିନ୍ତୁ ଗତ କିଛି ବର୍ଷ ଧରି ଭାରତ ଆମେରିକା ସହିତ ସର୍ବାଧିକ ଯତ୍ନ ଓ ସମର୍ପଣ ସହିତ ସମ୍ପର୍କକୁ ଜାରି ରଖିଛି । ସାମରିକ ଚୁକ୍ତିନାମା ହେଉ ଅବା ବୈଷୟିକ ସହଭାଗୀତା ହେଉ କିମ୍ବା ବିଶ୍ୱ ମଞ୍ଚରେ ସମର୍ଥନ ହେଉ, ଭାରତ ସର୍ବଦା ଆମେରିକାକୁ ବନ୍ଧୁତା ସୂତ୍ରରେ ସମର୍ଥନ କରିଆସିଛି ।

ଭାରତ ପ୍ରତ୍ୟେକ କ୍ଷେତ୍ରରେ ଆମେରିକାକୁ ପ୍ରାଥମିକତା ଦେଇଆସୁଛି । କିନ୍ତୁ ଶେଷରେ ପ୍ରତିଦାନ ସ୍ୱରୂପ, ଭାରତକୁ ବାଣିଜ୍ୟିକ ପ୍ରତିବନ୍ଧକ, ଚେତାବନୀ ଏବେ ଏହି ନୂତନ ୨୫ ପ୍ରତିଶତ ଦଣ୍ଡ ମିଳିଛି । ଟ୍ରମ୍ପ ପ୍ରଶାସନ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି । ଯାହା ଭାରତର ଇସ୍ପାତ, ଆଲୁମିନିୟମ ଓ ଅନ୍ୟାନ୍ୟ ଭାରୀ ଶିଳ୍ପ ଉତ୍ପାଦ ରପ୍ତାନି ପାଇଁ ଏକ ସିଧାସଳଖ ଆଘାତ। ଭାରତ ପ୍ରତିବର୍ଷ ଆମେରିକାକୁ କୋଟି କୋଟି ଡଲାର ମୂଲ୍ୟର ଇସ୍ପାତ ଓ ଅନ୍ୟାନ୍ୟ ସାମଗ୍ରୀ ରପ୍ତାନି କରେ । ଏବେ ଏଗୁଡ଼ିକ ଉପରେ ଅତିରିକ୍ତ ୨୫ ପ୍ରତିଶତ ଟିକସ ଲାଗୁ ହେବ, ଯାହା ସିଧାସଳଖ ଭାରତୀୟ ଶିଳ୍ପ, ଶ୍ରମିକ ଓ ଅର୍ଥନୀତିକ ଦିଗକୁ ପ୍ରଭାବିତ କରିବ । ଆମେରିକୀୟ ବଜାରରେ ପ୍ରତିଯୋଗିତା ପୂର୍ବରୁ କଠିନ, ତା ଉପରେ ଏପରି ଶୁଳ୍କ ଭାରତକୁ ଏଠାରୁ ବାହାର କରିବାକୁ ଏକ ପରୋକ୍ଷ ପ୍ରୟାସ । ଏହା ସେହି ଦେଶ ଦ୍ୱାରା କରାଯାଉଛି ଯାହାକୁ ଭାରତ କିଛି ଦଶନ୍ଧି ଧରି ଏକ ରଣନୈତିକ ସହଯୋଗୀ ବୋଲି ବିବେଚନା କରିଆସୁଛି ।

ଭାରତ ସରକାରଙ୍କ ପ୍ରତିକ୍ରିୟା ସବୁବେଳେ ପରି ଉପରସ୍ତରର ଓ ସଂଯମ ଥିଲା । ଜାତୀୟ ସ୍ୱାର୍ଥ ସର୍ବୋପରି ବୋଲି କହି ସରକାର ପୁଣି ଥରେ ଆମେରିକା ନିକଟରେ ନିଜର ଆତ୍ମସମର୍ପଣକୁ ସୂଚାଇ ଦେଲେ । ଏହା କ'ଣ ଦେଶବାସୀଙ୍କୁ ଆତ୍ମନିର୍ଭରଶୀଳତା ବିଷୟରେ କଥାବାର୍ତ୍ତା କରୁଥିବା ସରକାର ? ଏହା କ'ଣ ସେହି ନେତୃତ୍ୱ ଯିଏ ଅନ୍ତର୍ଜାତୀୟ ମଞ୍ଚରେ ଭାରତକୁ ବିଶ୍ୱଗୁରୁ କରିବାର ସ୍ୱପ୍ନ ଦେଖନ୍ତି ? ଯେତେବେଳେ ଆମେରିକା ଭଳି ବନ୍ଧୁ ଖୋଲାଖୋଲି ଭାବରେ ଭାରତର ଆର୍ଥିକ ସ୍ୱାର୍ଥକୁ କ୍ଷତି ପହଞ୍ଚାଏ, ସେତେବେଳେ କୂଟନୈତିକ ଶକ୍ତି ବଦଳରେ ନୀରବତା ଅବଲମ୍ବନ କରିବା ପରାଜୟର ପ୍ରତୀକ କହିଲେ ଅତ୍ୟୁକ୍ତି ହେବନାହିଁ। ଏହି ପରାଜୟ କେବଳ ନୀତି ନୁହେଁ ବରଂ ଆତ୍ମସମ୍ମାନର ମଧ୍ୟ ।

ବୋଧହୁଏ ଆମେରିକାର ଆପତ୍ତି ଅଭିଯୋଗ ମୁଖ୍ୟତଃ ଏହି କଥା ଉପରେ ଯେ ଭାରତ ରୁଷଠାରୁ ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା କିଣିଛି। ଅଶୋଧିତ ତେଲ କିଣିଛି । କିନ୍ତୁ ଭାରତ କେଉଁ ଦେଶରୁ ତା'ର ଶକ୍ତି ଓ ପ୍ରତିରକ୍ଷା ଆବଶ୍ୟକତା ପୂରଣ କରିବ ତାହା ନିଷ୍ପତ୍ତି ନେବାର ଅଧିକାର ଆମେରିକାର ଅଛି କି ? ସୂକ୍ଷ୍ମ ଦୃଷ୍ଟିରୁ ବିଚାର କଲେ ଏହା କ'ଣ ଭାରତର ସାର୍ବଭୌମତ୍ୱ ବିରୁଦ୍ଧରେ ହସ୍ତକ୍ଷେପ ନୁହେଁ ? କହିବାକୁ ଗଲେ ଆମେରିକା ନିଜେ ସାଉଦି ଆରବ ଭଳି ଦେଶରୁ ତେଲ କିଣୁଛି, ଯେଉଁଠାରେ ମାନବାଧିକାର ପ୍ରାୟତଃ ନାହିଁ । ତେବେ ରୁଷ ସହିତ ଭାରତର ବାଣିଜ୍ୟକୁ ଟାର୍ଗେଟ କରିବାର ନୈତିକତା ଆମେରିକାର କେଉଁଠି ଅଛି ? ଏହା ସ୍ପଷ୍ଟ କରେ ଯେ ଆମେରିକା ପାଇଁ, ନୈତିକତା ଓ ମୂଲ୍ୟବୋଧ କେବଳ ସେତେବେଳେ ଗୁରୁତ୍ୱପୂର୍ଣ୍ଣ ଯେତେବେଳେ ସେଗୁଡ଼ିକ ତା'ର ସ୍ୱାର୍ଥରେ ଅଛି।

ଏହି ପ୍ରସଙ୍ଗର ଅନ୍ୟ ପାର୍ଶ୍ୱ ଆହୁରି ଚିନ୍ତାଜନକ ହୋଇଛି । ଭାରତ ଆଜି ତାର ଶକ୍ତି ଆବଶ୍ୟକତା ପାଇଁ ରୁଷଠାରୁ ଶସ୍ତା ତେଲ କିଣୁଛି। ଆମେରିକା ଚାହୁଁଛି ଯେ ଭାରତ ନିଜ ସର୍ତ୍ତରେ ଇରାନ ଓ ରୁଷ ସହିତ ବାଣିଜ୍ୟ ବନ୍ଦ କରୁ ଏବଂ ତାର ତୈଳ କମ୍ପାନୀଗୁଡ଼ିକ ଠାରୁ ଅଶୋଧିତ ତେଲ କିଣୁ । କେବଳ ଏତିକି ନୁହେଁ, ଆମେରିକା ଚାହୁଁଛି ଯେ ଭାରତ ଆମେରିକୀୟ ଅସ୍ତ୍ରଶସ୍ତ୍ର କିଣିବ, ଆମେରିକୀୟ କୃଷି ଉତ୍ପାଦ କିଣିବ, ଆମେରିକୀୟ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବ କିନ୍ତୁ ବଦଳରେ ଆମେରିକାକୁ ତାର ଉତ୍ପାଦ ବିକ୍ରି କରିବ ନାହିଁ । ଏହା କ'ଣ ବନ୍ଧୁତାର ବଡ଼ ପଣ ? ନା ଏହା ଏକ ପ୍ରକାର ବାଣିଜ୍ୟ ଉପନିବେଶବାଦ ଯେଉଁଠାରେ ଏକ ଶକ୍ତିଶାଳୀ ଦେଶ ଅନ୍ୟ ଦେଶକୁ କେବଳ ଗ୍ରାହକ ଭାବରେ ରଖିବାକୁ ଚାହୁଁଛି ?

ଯେତେବେଳେ ବିଶ୍ୱ ବିଶ୍ୱ ଅସ୍ଥିରତା ଓ ମୁଦ୍ରାସ୍ଫୀତି ସହିତ ସଂଘର୍ଷ କରୁଛି, ସେହି ସମୟରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଏହି ନିଷ୍ପତ୍ତି ଭାରତ ଭଳି ବିକାଶଶୀଳ ଦେଶ ଉପରେ ଅତିରିକ୍ତ ଆର୍ଥିକ ଚାପ ପକାଇଛି । ଭାରତ ପୂର୍ବରୁ ବେକାରୀ, ମୁଦ୍ରାସ୍ଫୀତି ଏବଂ ଶିଳ୍ପ ମାନ୍ଦାବସ୍ଥାର ଶିକାର ହେଉଛି । ଏବେ ଯଦି ଆମେରିକା ଭଳି ବଡ଼ ବାଣିଜ୍ୟିକ ଅଂଶୀଦାର ମଧ୍ୟ ଏପରି ବ୍ୟବହାର କରିବା ଆରମ୍ଭ କରନ୍ତି, ତେବେ ଭାରତର ଆର୍ଥିକ ଅବସ୍ଥା ଆହୁରି ଖରାପ ଆଡ଼କୁ ଗତି କରିବ । ଏହା ବିଶେଷ କରି ଭାରତର କ୍ଷୁଦ୍ର ଓଅଛ ମଧ୍ୟମ ଶିଳ୍ପଗୁଡ଼ିକୁ କ୍ଷତି ପହଞ୍ଚାଇ ଦେବ । ଯେଉଁମାନେ ପୂର୍ବରୁ ଆମେରିକା ଓ ୟୁରୋପୀୟ ବଜାରରେ ବଞ୍ଚିବା ପାଇଁ ସଂଘର୍ଷ କରୁଛନ୍ତି । ଏହା କେବଳ ବାଣିଜ୍ୟର ପ୍ରଶ୍ନ ନୁହେଁ, ବରଂ ଭାରତର ବୈଦେଶିକ ନୀତି, ଏହାର ପ୍ରତିଷ୍ଠା ଓ ସ୍ୱାବଲମ୍ବନର ଦାବିର ମଧ୍ୟ ବଡ଼ ପ୍ରଶ୍ନ । ଏହା ବାରମ୍ବାର ପ୍ରମାଣିତ ହେଉଛି ଯେ ଭାରତର ବୈଦେଶିକ ନୀତି କେବଳ ଆକର୍ଷଣୀୟ ସ୍ଲୋଗାନ ତଥା ଗଣମାଧ୍ୟମ-ବନ୍ଧୁତା ପର୍ଯ୍ୟନ୍ତ ସୀମିତ ଉଣଣ। ପ୍ରଧାନମନ୍ତ୍ରୀଙ୍କ 'ହାଦି ମୋଦି' ଭଳି ରାଲି ମାଧ୍ୟମରେ ଭାରତର ପ୍ରକୃତ ସହଯୋଗୀ ଭାବରେ ବର୍ଣ୍ଣନା କରାଯାଇଥିବା ଆମେରିକା ଆଜି ଭାରତକୁ ବାଣିଜ୍ୟ ଅପରାଧରେ ଜଳାଉଛି । ଭାରତ ପ୍ରତିବାଦରେ ଉପାୟ ଶୂନ୍ୟ ନୀରବ ରହିଛି ।

ବାସ୍ତବରେ 'ବିଶ୍ୱଗୁରୁ' ହେବାର ସ୍ୱପ୍ନ ଦେଖୁଥିବା ଏକ ରାଷ୍ଟ୍ର କାହିଁକି ଅନ୍ତର୍ଜାତୀୟ ମଞ୍ଚରେ ନିଜର ସ୍ୱାର୍ଥକୁ ସୁରକ୍ଷା ଦେଉନାହିଁ ? ଯେତେବେଳେ ବି ଆମେରିକା ଭଳି ଦେଶ ଭାରତକୁ ଆର୍ଥିକ କିମ୍ବା କୂଟନୈତିକ ଆଘାତ ଦେଇଛି, ଭାରତ ନୀରବତା ଅବଲମ୍ବନ କରିଛି କିମ୍ବା ଅପେକ୍ଷା କର ନୀତି ଗ୍ରହଣ କରିଛି । ଏଭଳି ମାନସିକତା ଏକ ଆତ୍ମନିର୍ଭରଶୀଳ ରାଷ୍ଟ୍ରର ନୁହେଁ କି ଏହା ହୋଇପାରିବ ନାହିଁ । ଏଭଳି ଚରମ ମୁହୂର୍ତ୍ତରେ ଭାରତକୁ ଏବେ ବିକଳ୍ପ ଖୋଜିବାକୁ ପଡିବ । ରୁଷ, ଚୀନ୍, ବ୍ରାଜିଲ୍ ଭଳି ଦେଶ ସହିତ ଆଞ୍ଚଳିକ ବାଣିଜ୍ୟ ଚୁକ୍ତିନାମା, ଇରାନ ସହିତ ତୈଳ ବାଣିଜ୍ୟର ପୁନରୁଦ୍ଧାର, ଆଫ୍ରିକା ଓ ଦକ୍ଷିଣ ଏସିଆରେ ବାଣିଜ୍ୟର ପ୍ରସାର, ଏହି ସମସ୍ତ ବିକଳ୍ପ ଉପଲବ୍ଧ । କିନ୍ତୁ ଏହା ସେତେବେଳେ ସମ୍ଭବ ଯେତେବେଳେ ଭାରତ ତାର କୂଟନୈତିକ ମେରୁଦଣ୍ଡକୁ ମଜବୁତ କରିବ ଓ ଆମେରିକା ଭଳି ଦେଶଗୁଡ଼ିକୁ ଏକ ବାର୍ତ୍ତା ପଠାଇପାରିବ ଯେ ଭାରତ ଏକ କଠୋର ରାଷ୍ଟ୍ର ନୁହେଁ ।

ନିଷ୍କର୍ଷରେ କେବଳ ସୂଚନାଯୋଗ୍ୟ ଯେ ଏହି ବିକାଶ ଭାରତୀୟ ଜନତାଙ୍କୁ ସ୍ପଷ୍ଟ କରିଛି ଯେ ବିଶ୍ୱ ମଞ୍ଚରେ ଭାରତ ସହ ଆମେରିକାରର ବନ୍ଧୁତା ଏକ ମିଥ୍ୟା କଥା । ପ୍ରକୃତ ଶକ୍ତି ପରସ୍ପର ନିର୍ଭରଶୀଳତାରେ ନିହିତ, ଯାହା କେବଳ ଉତ୍ପାଦନ ସ୍ତରରେ ନୁହେଁ ବରଂ ବୈଦେଶିକ ନୀତି, କୂଟନୀତି ଓ ବିଶ୍ୱ ବାଣିଜ୍ୟ ନିଷ୍ପତ୍ତିରେ ମଧ୍ୟ ପ୍ରତିଫଳିତ ହେବା ଉଚିତ୍ । ଯଦି ଭାରତ ପ୍ରକୃତରେ ଏକ ବିଶ୍ୱ ଶକ୍ତି ହେବାକୁ ଚାହୁଁଛି, ତେବେ ତାକୁ ଆମେରିକା ପରି ଶୁଳ୍କ ନୀତି ଆଗରେ ମୁଣ୍ଡ ନୁଆଁଇବା ପରିବର୍ତ୍ତେ ଦାମ୍ଭିକତାର ସହ ଠିଆ ହେବା ଶିଖିବାକୁ ପଡିବ । ଯଦି ଆମେ ଆଜି ଏହି ୨୫ ପ୍ରତିଶତ ଶୁଳ୍କକୁ ନୀରବ ସହମତିରେ ଗ୍ରହଣ କରୁ, ତେବେ ଏହା ୪୦ ପ୍ରତିଶତ କିମ୍ବା ୫୦ପ୍ରତିଶତ ହୋଇପାରେ । ଯାହା କି ସେତେବେଳକୁ ଆମର ପ୍ରତିକ୍ରିୟା ଦେବାର କ୍ଷମତା ମଧ୍ୟ ନ ଥାଇପାରେ । ତେଣୁ ଏବେ ଏହା ଏପରି ଏକ ସମୟ ଯେତେବେଳେ ଭାରତକୁ ଏକ ସ୍ପଷ୍ଟ ଓ ଦୃଢ଼ ସଙ୍କେତ ଦେବାକୁ ପଡିବ ଯେ ଏହା ତାର ନୀତି, ବାଣିଜ୍ୟ ଓ ସାର୍ବଭୌମତ୍ୱ କ୍ଷେତ୍ରରେ କାହାରି ଚାପରେ ଆସିବ ନାହିଁ । ଥରେ ମାତ୍ର ବିଚାର କରି ଦେଖନ୍ତୁ ସତରେ କଣ ବିଶ୍ୱରେ କୌଣସି ସ୍ଥାୟୀ ବନ୍ଧୁ ନାହାନ୍ତି, କେବଳ ସ୍ଥାୟୀ ସ୍ୱାର୍ଥ ଲୁଚି ରହିଛି ...!

ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪ ,
ମୋ: ୯୦୪୦୧୫୧୪୭୫



# ବୁଦ୍ଧ କାହାଣୀ



ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଲୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ '**ବୁଦ୍ଧ କାହାଣୀ**' ଶୀର୍ଷକରେ ଅନୁବାଦ କରିଛନ୍ତି

ଡ. ସାରଙ୍ଗଧର ତ୍ରିପାଠୀ

## ୧ ରାଜା ଶୁଦ୍ଧୋଦନ ଏବଂ ରାଣୀ ମହା ମାୟାଦେବୀ

ବହୁ ବର୍ଷ ପୂର୍ବେ ଶୁଦ୍ଧୋଦନ ନାମକ ଜଣେ ରାଜା ଥିଲେ। ସେ ମହା ମାୟାଦେବୀ ନାମକ ଜଣେ କୋଲିଆନ୍ (ସରଜୁ ନଦୀ ଠାରୁ ଆରମ୍ଭ କରି ହିମାଳୟ ପର୍ଯ୍ୟନ୍ତ ପ୍ରଲମ୍ବିତ ଏକ କ୍ଷୁଦ୍ର ଗଣସଂଘ) ରାଜକୁମାରୀଙ୍କୁ ବିବାହ କରିଥିଲେ। ଏହି ଦମ୍ପତି ଶାକ୍ୟ ବଂଶୀୟ ଥିଲେ, ଯିଏକି କୋଲିଆ ଜାତି ନିକଟରେ ରହୁଥିବା ଏକ ଯୋଦ୍ଧା ଜନଜାତି ଥିଲେ। ଭାରତର ଉତ୍ତର ପାର୍ଶ୍ୱରେ (ଉତ୍ତର ଭାରତରେ) ଅବସ୍ଥିତ ଶାକ୍ୟ ବଂଶର ରାଜଧାନୀ ଥିଲା କପିଳାବସ୍ତୁ।

ରାଜା ଶୁଦ୍ଧୋଦନ ଜଣେ ଉତ୍ତମ ରାଜା ଥିଲେ ଏବଂ ରାଣୀ ମହା ମାୟାଦେବୀ ମଧ୍ୟ ସେହିପରି ଉତ୍ତମ ବ୍ୟକ୍ତି ଥିଲେ। ରାଜ୍ୟର ସମସ୍ତେ ସେମାନଙ୍କୁ ଭଲ ପାଉଥିଲେ। ମାତ୍ର ସେମାନେ ଥିଲେ ନିଃସନ୍ତାନ। ସେମାନେ ବହୁ ଦିନ ଧରି ପୁତ୍ର ସନ୍ତାନଟିଏ ପାଇବାକୁ ଚାହିଁ ରହିଥିଲେ।

ଦିନେ ଏକ ପୂର୍ଣ୍ଣିମା ରାତ୍ରିରେ ରାଜପ୍ରାସାଦରେ ରାଣୀ ଏକ ସ୍ୱପ୍ନ ଦେଖିଲେ। ସେ ଅନୁଭବ କଲେ ତାଙ୍କୁ ଚାରିଜଣ ଦେବଦୂତ ଆସି ହିମାଳୟର ଏନୋଟାଟା ହ୍ରଦକୁ (ଆଧୁନିକ ମାନସରୋବର) ନେଇଯାଉଛନ୍ତି। ସେମାନେ ରାଣୀଙ୍କୁ ସେଠାରେ ଗାଧୋଇ ଦେବା ପରେ ଦିବ୍ୟବସ୍ତ୍ର ପିନ୍ଧାଇ ଦେଉଛନ୍ତି। ତତ୍କ୍ଷଣାତ୍ ଏକ ଶ୍ୱେତହସ୍ତୀ ନିଜ ଶୁଣ୍ଢରେ ଶ୍ୱେତ ପଦ୍ମଟିଏ ଧରି ସେଠାରେ ଆସି ପହଞ୍ଚିଲା ଏବଂ ରାଣୀଙ୍କ ଚଉରିପଟରେ ତିନିଥର ପରିକ୍ରମା କଲା। ଶେଷରେ ହାତୀଟି ଦକ୍ଷିଣ ଦିଗରୁ ତାଙ୍କ ଗର୍ଭରେ ପ୍ରବେଶ କଲା। ରାଣୀଙ୍କ ନିଦ ଭାଙ୍ଗିଗଲା। ସେ ଜାଣିପାରିଲେ ଯେ ଏସବୁ ସତ୍ୟ ନୁହେଁ, ସ୍ୱପ୍ନ ମାତ୍ର।

ତା'ପରଦିନ ସକାଳେ ରାଣୀ ଦେଖିଥିବା ସ୍ୱପ୍ନ ବିଷୟରେ ରାଜାଙ୍କୁ ଜଣାଇଲେ। ରାଜା ବିବ୍ରତ ହୋଇ କେତେଜଣ ବିଜ୍ଞ ବ୍ୟକ୍ତିଙ୍କୁ ଡକାଇ ଏପରି ସ୍ୱପ୍ନର ଅର୍ଥ କ'ଣ ବୋଲି ପଚାରିଲେ।

ପଣ୍ଡିତମାନେ କହିଲେ, "ମଣିମା, ଆପଣ ବହୁତ ଭାଗ୍ୟବାନ। ଦେବତାମାନେ ଆମ୍ଭ ରାଣୀଙ୍କୁ ଏକ ଦୈବୀସନ୍ତାନର ଜନନୀ ରୂପେ



ବାଛିଚନ୍ତି। ସେହି ସନ୍ତାନ ଦିନେ ଖୁବ୍ ମହାନ ହେବ।" ରାଜା ଓ ରାଣୀ ଏହା ଶୁଣି ଅତ୍ୟନ୍ତ ଆନନ୍ଦିତ ହେଲେ।

ସେମାନେ ଏତେ ଖୁସି ହୋଇଗଲେ ଯେ ଏହି ଖୁସି ଖବର ଶୁଣାଇବା ନିମନ୍ତେ ରାଜ୍ୟର ଅନେକ ବିଶିଷ୍ଟ ବ୍ୟକ୍ତିଙ୍କୁ ରାଜପ୍ରସାଦକୁ ନିମନ୍ତ୍ରଣ କଲେ ଓ ଭୋଜିଭାତରେ ଆପ୍ୟାୟିତ କଲେ।

ଦୀନଦରିଦ୍ରମାନଙ୍କୁ ମଧ୍ୟ ସେ ପାସୋରିଲେ ନାହିଁ। ସେମାନଙ୍କୁ ଖାଦ୍ୟ ଓ ବସ୍ତ୍ର ଆଦି ପ୍ରଦାନ କଲେ। (କ୍ରମଶଃ)

♥ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ
'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର, ବାଲିଆ, ବାଲେଶ୍ୱର
ମୋ: ୯୪୩୭୭୩୭୧୯୬୮

# ପ୍ରତୀକ ଅରଗାନାଇଜେସନ ପକ୍ଷରୁ 'ସୂତା ଖିଏ ସଂପର୍କର, ପ୍ରତିଶ୍ରୁତି ସୁରକ୍ଷାର' କାର୍ଯ୍ୟକ୍ରମ ଆୟୋଜିତ



ବାରିପଦା, ୦୯/୮ (ନି.ପ୍ର): ଭାଇ-ଭଉଣୀଙ୍କ ପବିତ୍ର ସମ୍ପର୍କର ପର୍ବ ରକ୍ଷାବନ୍ଧନ କୁ ଏବେ କେବଳ ପରିବାରୀକ ପରିସରରେ ସୀମିତ ନରଖି ସମାଜରେ ବିଶ୍ୱାସ, ସମ୍ମାନ ଓ ପରସ୍ପର ସୁରକ୍ଷାର ବାର୍ତ୍ତା ପ୍ରଚାର କରିବାରେ ପ୍ରତୀକ ଅର୍ଗାନାଇଜେସନ୍ ଫର୍ ସୋସିଆଲ୍ ଡେଭେଲପମେଣ୍ଟ ଏକ ପ୍ରଶଂସନୀୟ ପଦକ୍ଷେପ ଗ୍ରହଣ କରିଛି।"ସୂତା ଖିଏ ସଂପର୍କର, ପ୍ରତିଶ୍ରୁତି ସୁରକ୍ଷାର" ନାମକ ବିଶେଷ କାର୍ଯ୍ୟକ୍ରମରେ ସଂଗଠନର ସଦସ୍ୟମାନେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ପରିସରରେ ପ୍ରତିବଦଳରେ ନାରୀ ସମାଜର ସୁରକ୍ଷା ନିମନ୍ତେ ପ୍ରାର୍ଥନା କରିଥିଲେ।ଜିଲ୍ଲା ପ୍ରଶାସନର ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ରାକ୍ଷୀ ବାନ୍ଧିଥିଲେ ଏଇ ଅବସରରେ ମୟୂରଭଞ୍ଜ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ, ଜିଲ୍ଲା ପୋଲିସ୍ ଅଧିକ୍ଷକ ଶ୍ରୀ ବରୁଣ ଗୁଣ୍ଟୁପାଲି ,ଏ.ଡି.ଏମ୍ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ୍ , ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଈଶ୍ୱର ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ଡ଼ଃ ଦୟାସିନ୍ଧୁ ପରିଡା,ଜି.ଏସ.ଟି କମିଶନର୍ ଶ୍ରୀ କୁନିମଣି ମଲ୍ଲିକ୍,ଆଡିସନାଲ ଏସ୍. ପି ଶ୍ରୀ ଦୀପକ୍ କୁମାର ଗୋଚ୍ଛାୟତ ପ୍ରମୁଖ ବିଭାଗୀୟ ଅଧିକାରୀଙ୍କ ସମେତ ବହୁ କର୍ମଚାରୀ ଏଇ ନିଆଁରା ରକ୍ଷା ବନ୍ଧନରେ ସାମିଲ୍ ହୋଇଥିଲେ ଏବଂ ସଂଗଠନ ପରିବାରର ଭଉଣୀ ମାନଙ୍କୁ ହାତରୁ ରାକ୍ଷୀ ବାନ୍ଧି ସୁରକ୍ଷାର ପ୍ରତିଶ୍ରୁତି ସହ ସମ୍ମାନ ଓ ସମ୍ପର୍କର ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଏହି ଅବସରରେ, ପ୍ରଶାସନ ଓ ସାଧାରଣ ଲୋକଙ୍କ ମଧ୍ୟରେ ପରସ୍ପରିକ ବିଶ୍ୱାସ, ସହଯୋଗ ଓ ସୁରକ୍ଷାବୋଧକୁ ଆହୁରି ଗଭୀର କରିବାକୁ ଗୁରୁତ୍ୱ ଦିଆଯାଇଥିଲା। ପ୍ରତୀକ ସଂଗଠନ ପକ୍ଷରୁ କୁହାଯାଇଛି, ଯେ ଏହି ପଦକ୍ଷେପ କେବଳ ପରମ୍ପରାକୁ ଆଧୁନିକ ସମାଜିକ ଅର୍ଥ ଦେବା ନୁହେଁ, ବରଂ ପ୍ରଶାସନ ଓ ନାଗରିକଙ୍କ ମଧ୍ୟରେ ସାମୂହିକ ସୁରକ୍ଷା ଓ ଏକତାର ଶକ୍ତିଶାଳୀ ସନ୍ଦେଶ ପ୍ରେରଣ କରିଥାଏ। ଜିଲ୍ଲାପାଳ ଓ ପୁଲିସ୍ ଅଧିକ୍ଷକ ଏହି ପ୍ରୟାସକୁ ସ୍ୱାଗତ କରି କହିଛନ୍ତି, "ରକ୍ଷାବନ୍ଧନ ପର୍ବରେ ଏପରି ସାମାଜିକ-ସାଂସ୍କୃତିକ ପଦକ୍ଷେପ କେବଳ ଉତ୍ସବର ମହତ୍ତ୍ୱକୁ ବୃଦ୍ଧି କରେ ତାହା ନୁହେଁ, ଏହା ଏକତା, ସମ୍ମିଳିତ ସୁରକ୍ଷା ଓ ପରସ୍ପର ସମ୍ପର୍କର ମଜବୁତ୍ ଭିତ୍ତି ସୃଷ୍ଟି କରେ।"ସମାଜରେ ପରସ୍ପର ସୁରକ୍ଷାବୋଧ, ଏକତା ଓ ବିଶ୍ୱାସର ସୁଦୃଢ଼ ସନ୍ଦେଶ ପ୍ରଚାର କରିଥିବା ପ୍ରତୀକ ଅର୍ଗାନାଇଜେସନ୍‌ର ଏହି ପଦକ୍ଷେପ, ରକ୍ଷାବନ୍ଧନକୁ ଏକ ନୂତନ ଅର୍ଥ ଦେଇଥିବାରୁ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ସ୍ୱେଚ୍ଛାସେବୀ ମହଲ ପର୍ଯ୍ୟନ୍ତ ସବୁଠି ଅଭିନନ୍ଦନର ସୁଅ ଛୁଟିଛି।ଏଇ କାର୍ଯ୍ୟକ୍ରମ ରେ ସଂଗଠନର ପ୍ରତିଷ୍ଠାତା ଚେୟାରମେନ ପ୍ରତିମା ବାରିକ, ସମ୍ପାଦକ ଶ୍ରୀ ପ୍ରବୀର କୁମାର ବାରିକଙ୍କ ସମେତ ସମାଜସେବୀ ମିତାଲି ଦାସ, ଶିବଶଙ୍କର ପାତ୍ର,ସମାଜସେବୀ ଶ୍ରୀ ଅନାଦି ପଣ୍ଡିତ,ସମିଜସେବୀ ବିଶ୍ୱ ଜୀବନ ରଣା,ସୃଷ୍ଟିଧର ମହାନ୍ତ,ସୁଜିତ୍ କର୍ମକାର ତଥା ଅନ୍ୟାନ୍ୟ ୫୦ ରୁ ଉର୍ଦ୍ଧ ସଦସ୍ୟ ଉପସ୍ଥିତ ରହିଥିଲେ।

# ଉନ୍ମୋଚିତ ହେଲା 'ଅମ୍ଳାନ ପ୍ରତିଭା ଗୁରୁ ଗଙ୍ଗାଧର ସ୍ମୃତି ଗ୍ରନ୍ଥ, ପ୍ରଥମ ଶ୍ରାଦ୍ଧତିଥିରେ ବିଶିଷ୍ଟ ବ୍ୟକ୍ତିଙ୍କର ଶ୍ରଦ୍ଧାଞ୍ଜଳି ଅର୍ପଣ



ବାଲେଶ୍ୱର, ୦୯/୮ (ନି.ପ୍ର): ବାଲେଶ୍ୱର ସହର ଉପକଣ୍ଠ ଭୀମପୁରା ବାସଭବନରେ ବିଖ୍ୟାତ ସଂଗୀତ ଗୁରୁ ତଥା 'ଗୁରୁ ଗଙ୍ଗାଧର କଳା- ସଂସ୍କୃତି ସଂସଦ'ର ପ୍ରତିଷ୍ଠାତା ଗଙ୍ଗାଧର ସେଠୀଙ୍କ ପ୍ରଥମ ଶ୍ରାଦ୍ଧତିଥିରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କ ଜୀବନ ଓ ଅବଦାନକୁ ଭିତ୍ତି କରି ସଂପାଦିତ ସ୍ମୃତି ଗ୍ରନ୍ଥ 'ଅମ୍ଳାନ ପ୍ରତିଭା ଗୁରୁ ଗଙ୍ଗାଧର'କୁ ଉନ୍ମୋଚିତ କରିଥିଲେ । ସ୍ମୃତି ଗ୍ରନ୍ଥର ସଂପାଦକ ନାଟ୍ୟକାର ବିଜୟ କୁମାର ମହାକୁଡ଼ଙ୍କ ସଂଚାଳନାରେ ଅନୁଷ୍ଠିତ ଏହି ସ୍ମୃତି ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରକାନ୍ତ ସଦସ୍ୟ ତଥା ସୁବର୍ଣ୍ଣଶ୍ରୀର ପ୍ରତିଷ୍ଠାତା ଡକ୍ଟର କାଳୀପଦ ପଣ୍ଡା । ସମ୍ମାନିତ ଅତିଥି ଭାବେ ଲେଖକ ରମେଶ ଚନ୍ଦ୍ର ଜେନା, ଯୋଗେଶ ଚନ୍ଦ୍ର ପ୍ରଧାନ, ବିଜନ କୁମାର ଦେ, ବିଧାନଚନ୍ଦ୍ର ରାୟ, ଜୟକୃଷ୍ଣ ପୃଷ୍ଟି, ମନୋହର ପୁଥାଳ, ରବୀନ୍ଦ୍ର ସାମଲ, ହାଡ଼ିବନ୍ଧୁ ସାମଲ, ସନ୍ତୋଷ କୁମାର ପଣ୍ଡା, ସୁଧାକର ପାଢ଼ୀ, ସନ୍ତୋଷ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇ ଗୁରୁ ଗଙ୍ଗାଧରଙ୍କ ଜୀବନବ୍ୟାପୀ ସଂଗୀତ ଓ କଳାଜଗତ ପ୍ରତିଥିବା ଉଲ୍ଲେଖନୀୟ ଅବଦାନର ସ୍ମୃତିଚାରଣ କରିଥିଲେ । ଭୀମପୁରା ଗ୍ରାମବାସୀଙ୍କ ସମେତ ଆତ୍ମୀୟ ପରିଜନ ଏବଂ ପୁତ୍ର ରବି ଶଙ୍କର, ଉମାଶଙ୍କର, ଉଦୟଶଙ୍କର ତଥା ପୁତ୍ରବଧୂ ସରସ୍ୱତୀ, ଗୀତାରାଣୀ ଏବଂ ମଧୁସ୍ମିତା ଉପସ୍ଥିତ ରହିଥିଲେ । ଶେଷରେ ଅନାଦି ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ବେତନଟୀରେ ରାକ୍ଷୀ ପୂର୍ଣ୍ଣିମାରେ ନିଶା ନିବାରଣ ବ୍ରତ ପାଳିତ

ବେତନଟୀ , ୦୯/୮ (ନି.ପ୍ର): ବେତନଟୀ ର ଶାରଦା ଗୁରୁକୁଳ ଶିକ୍ଷା କେନ୍ଦ୍ର ରେ ରାକ୍ଷୀ ପୂର୍ଣ୍ଣିମା ରେ ନିଶା ନିବାରଣ ବ୍ରତ ପାଳିତ ହୋଇଯାଇଛି। ବେତନଟୀ ବ୍ଲକ ସାମ୍ବାଦିକ ସଂଘ ର ସମ୍ପାଦକ ଅନୁପ କୁମାର ଦଣ୍ଡପାଟ ଙ୍କ ସଂଯୋଜନା ଓ ପଦ୍ମମାଳି ମହିଳା ସଂଗଠନ ର ସମ୍ପାଦିକା ପ୍ରଭାତି ମହାନ୍ତି ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ରୂପରେ ଭାରତୀୟ ରେଡ଼କ୍ରସ୍ ?ସୋସାଇଟି ର ଆଜୀବନ ସଦସ୍ୟ ତଥା ଭାଇସ ପେଟ୍ରନ ଡାକ୍ତର ରମାକାନ୍ତ ମହାନ୍ତ ଯୋଗଦାନ ଦେଇ ନିଶାଦ୍ରବ୍ୟ ସେବନ ଦ୍ୱାରା ଶରୀରର କୋଣ କୋଣ ଖ୍ୟାତି ହେଉଛି। ସେହି ବିଷୟରେ ଆଲୋଚନା କରି ସମସ୍ତ ଙ୍କୁ ନିଶାଦ୍ରବ୍ୟ ଠାରୁ ଦୂରେଇ ରହିବା ପାଇଁ ଶପଥ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଦ୍ମମାଳି ମହିଳା ସଂଗଠନ ର ଅନନ୍ଦିତା ସାହୁ, ସନା ଖାତୁନ, ମିନତି ସାହୁ, କୁମୁଦିନୀ ମହାନ୍ତ , ଶିକ୍ଷକ କିଶୋର ମହାନ୍ତ , ଯୁବ ନେତା ସଂଜୀବ ଜେନା ,ବେତନଟୀ ବ୍ଲକ ସାମ୍ବାଦିକ ସଂଘ ର କୋଷାଧ୍ୟକ୍ଷ କେଶବ ନାଥ ଓ ଶାରଦା ଗୁରୁକୁଳ ଶିକ୍ଷା କେନ୍ଦ୍ର ର ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ । ଶେଷରେ ବେତନଟୀ ବ୍ଲକ ସାମ୍ବାଦିକ ସଂଘ ର ଉପସଭାପତି ଗତିକୃଷ୍ଣ ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଲେଶ୍ୱର ମହାବୀର ଆଖଡ଼ା ସଂଘରେ ଦିଲ୍ଲୀପ ଭୂୟାଁଙ୍କ ଶୋକସଭା ପାଳିତ



ବାଲେଶ୍ୱର , ୦୯/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ମହାବୀର ଆଖଡ଼ା ସଂଘର ଲଣ୍ଡା ଗୋସ୍ୱାମୀ ମଠରେ ଗୋପୀନାଥ ଶତପଥୀ ସଭାପତିତ୍ୱ ରେ ବର୍ଷୀୟାନ ଆଖଡ଼ା ଖେଳାଳି ଦିଲ୍ଲୀପ ଭୂୟାଁଙ୍କ ଶୋକ ସଭା ପାଳିତ ହୋଇଯାଇଛି। ଏହି ଶୋକ ସଭା ରେ ସାଧାରଣ ସମ୍ପାଦକ ମନୋଜ କୁମାର ଦାସଙ୍କ ସହ ସମ୍ପାଦକ ମନୋଜ କୁମାର ରାଉତ , ଅରୁଣ କୁମାର ଚାଟାର୍ଜୀ , ପ୍ରଦୀପ କୁମାର ଚାଟାର୍ଜୀ , ଲମ୍ବୋଧୋର୍ ବେହେରା , ରାମେଶ୍ୱର ବେହେରା ପଦ୍ମ ଲୋଚନ ଲେଙ୍କା , ଦେବବ୍ରତ ପାଣଗ୍ରାହୀ , ସତ୍ୟେନ୍ଦ୍ର ଦାସ , ଭରତ ଭୂଷଣ ଦାସ ଉପସ୍ଥିତ ରହି ସ୍ୱର୍ଗତ ଗୋପାଳ ଗାଁ ର ଦିଲ୍ଲୀପ ଭୂୟାଁ ୩ ତାରିଖ ପରଲୋକ ହେଇଥିବାରୁ ଶୋକ ସଭା କରିଥିଲେ । ଦିଲ୍ଲୀପ ଭୂୟାଁ ଜଣେ ମଲ୍ଲ ଯୋଦ୍ଧା ଥିବା ସଙ୍ଗେ ସଙ୍ଗେ ସମର କଳା କ୍ଷେତ୍ରରେ ବାଲେଶ୍ୱର ଓ ଓଡ଼ିଶାରେ ସୁନାମ ଧନ୍ୟ ଅର୍ଜନ କରିଥିଲେ । କିନ୍ତୁ ଆଜି ନାହାନ୍ତି ତେଣୁ ତାଙ୍କର ବିୟୋଗ କେହି ପୁରଣ କରି ପାରିବେ ନାହିଁ ବୋଲି ମତ ଦେଇଥିଲେ। ଏହି ଶୋକ ସଭାକୁ ଆଶ୍ରିତା ତରେଇ , କାର୍ତ୍ତିକ ଚନ୍ଦ୍ର ବେହେରା , ଦେବେନ୍ଦ୍ର ଦାସ , ବିଜୟ କୁମାର ପଲେଇ, କାହ୍ନୁ ମହାଳିକ , ରବୀନ୍ଦ୍ର ବେହେରା , ବହୁ ଆଖଡ଼ା ସଂଘର ସର୍ଦ୍ଦାର ମାନେ ପରିଚାଳନାରେ ସହଯୋଗ କରିଥିଲେ।

## ଅନ୍ତେବାସୀଙ୍କ ଗହଣରେ ରକ୍ଷାବନ୍ଧନ ପର୍ବ ପାଳିଲେ ଇଂ ରାଜେଶ

ଖଇରା, ୦୯/୮ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ପାର୍ବତୀପୁର ବାସିନ୍ଦା ତଥା ଭାଜପା ରାଜ୍ୟ ଯୁବ ମୋର୍ଚ୍ଚା କୋଷାଧକ୍ଷ ଇଂ ରାଜେଶ ମହକୁଡ ଚଳିତ ଥରର ରକ୍ଷା ବନ୍ଧନ ଉତ୍ସବକୁ ନିଆରା ଢଙ୍ଗରେ ପାଳିଛନ୍ତି । ପତ୍ନୀ ସୂର୍ଯ୍ୟାଂଶୀ ତଥା ପରିବାରର ଅନ୍ୟ ସଦସ୍ୟଙ୍କ ସହ ଖଇରା ବ୍ଲକର ଡଗରପଡା ସ୍ଥିତ ବିବେକଭାରତୀ ସେବାଶ୍ରମ ଗସ୍ତ କରି ସେଠାରେ ଅନ୍ତେବାସୀ ଭାବେ ରହୁଥିବା ଅସହାୟ ଅନାଥ ପିଲାଙ୍କ ହାତରେ ରାଖିବାନ୍ଧିବା ସହ ଖାତା,କଲମ,ପେନସିଲ ସହ ଖେଳ ସାମଗ୍ରୀ ବଣ୍ଟନ କରିଥିଲେ।

# ପ୍ରଧାନ ଶିକ୍ଷୟତ୍ରୀଙ୍କ ନିର୍ଯାତନା ସହି ନପାରି ଛାତରୁ ଡେଇଁଲେ ଛାତ୍ରୀ

ବେତନଟୀ , ୦୯/୮ (ନି.ପ୍ର): ବେତନଟୀ ବ୍ଲକ ଅଧୀନ କସ୍ତୁରିବା ଗାନ୍ଧୀ ବାଳିକା ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ରୀ ଗତ ରବିବାର ଦିନ ଛାତ୍ରୀ ନିବାସରେ ଥିବା ୩ମହଲା ବିଲଡିଂ ଉପରୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରି ଗୁରୁତର ହୋଇ ଚିକିତ୍ସାଧୀନ ଅଛନ୍ତି। ଛାତ୍ରୀ ଅଧିକ ସଂକଟପର୍ଣ୍ଣ ଥିବାରୁ ବାଲେଶ୍ୱର ସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡିଛି। ଏ ନେଇ ଛାତ୍ରୀଙ୍କ ବାପା ବେତନଟୀ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି ଓ ଅଭିଯୋଗ ମୁତାବକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟତ୍ରୀ କାଞ୍ଚନବାଳା କରଙ୍କ ନିର୍ଯାତନା ସହିନପାରି ଛାତ୍ରୀ ଜଣକ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି ଓ ଅଭିଯୋଗକୁ ଭିତ୍ତି କରି ବେତନଟୀ ପୁଲିସ ୨୬୩ /୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବାର ଜଣାପଡିଛି। ଘଟଣାରୁ ପ୍ରକାଶ ଯେ ଛାତ୍ରୀ ଜଣକ ଛାତ୍ରୀନିବାସରେ ରହି ଅଷ୍ଟମ ବାର୍ଷିକ ପରୀକ୍ଷାରେ ସେହି ବିଦ୍ୟାଳୟରୁ ସର୍ବୋଚ୍ଚ ନମ୍ବର ରଖି ପ୍ରଥମ ସ୍ଥାନ ପାଇବା ପାଇଁ ଯୋଗ୍ୟ ଥିବା ବେଳେ ସେଥିରୁ ତାଙ୍କୁ ପ୍ରଧାନଶିକ୍ଷୟତ୍ରୀ ଜଣକ କମ ନମ୍ବର ଦେଇ ଥିବା ବେଳେ ଏହିର ପ୍ରତିବାଦ ସେ କରିଥିଲେ। ପ୍ରଧାନ ଶିକ୍ଷୟତ୍ରୀଙ୍କ ନିକଟରେ ଏହି ପ୍ରଶ୍ନ ରଖିଥିବାରୁ ଗତ ମାର୍ଚ୍ଚ ମାସରୁ ଜୁଲାଇ ମାସ ମଧ୍ୟରେ ବିଭିନ୍ନ ସମୟରେ ପ୍ରଧାନଶିକ୍ଷୟତ୍ରୀ ରାଗ ରଖି ଛାତ୍ରୀଙ୍କୁ ଅନେକ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିବା ନେଇ ଛାତ୍ରୀଙ୍କ ବାପା ଅଭିଯୋଗ କରିଛନ୍ତି। ଛାତ୍ରୀ ନିବାସରେ ରହି ଶିକ୍ଷୟତ୍ରୀଙ୍କ ଠାରୁ ନିର୍ଯାତନା ପାଉଥିବା ବେଳେ ଏବିଷୟରେ ଛାତ୍ରୀଙ୍କ ବାପା ଜାଣି ପ୍ରଧାନଶିକ୍ଷୟତ୍ରୀଙ୍କୁ ମଧ ବହୁବାର ଅଭିଯୋଗ କରିଛନ୍ତି। ଏଭଳି କି କୌଣସି କାରଣ ନଥାଇ ଗାଳି ଗୁଲଜ କରି ପ୍ରବଳ ମାତ୍ରାରେ ମାଡ଼ ମାରୁଥିଲେ। ଗତ ରବିବାର ଦିନ ଛାତ୍ରୀ ସଜ ହେଉଥିବା ବେଳେ ପ୍ରଧାନଶିକ୍ଷୟତ୍ରୀ ତାଙ୍କୁ କଟୁ ମନ୍ତବ୍ୟ ଦେଇ ଅପମାନିତ କରିଥିଲେ। ସେ ତାଙ୍କ କଥା ସହି ନପାରି ଏକ ସୁଇସାଇଡ ନୋଟ ଲେଖି ସଜ ହୋଇଥିବା ମେକପ ସାମଗ୍ରୀ ଗୁଡିକ ଦେହରୁ କାଢ଼ିଦେଇ ତିନି ମହଲା ଛାତରୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ ଓ ଏହି ଖବର ପାଇ ବେତନଟୀ ବିଡିଓ ସୁଶାନ୍ତ ସୂତାର, ଏବିଓ ବିପ୍ଳବ କର, ଥାନା ଅଧିକାରିଣୀ ସସ୍ମିତା ମହାନ୍ତ , ତଦନ୍ତ ଅଧିକାରିଣୀ ଲିଲି ବେହେରା ଘଟଣା କୁ ଯାଇ ତଦନ୍ତ କରି ଏବିଓ ବିପ୍ଳବ କର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ନିଲମ୍ବିତ କରିଛନ୍ତି। ଏ ନେଇ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପଚାରିବାରୁ ସେ ଏହାକୁ ଖଣ୍ଡନ କରିଛନ୍ତି ।

# ଜାଗୁଳା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରକ୍ଷାବନ୍ଧନ ଉତ୍ସବ

ଭଦ୍ରକ, ୦୯/୮ (ନି.ପ୍ର):ଧାମରା ନିକଟସ୍ଥ ଜାଗୁଳା ପଂଚାୟତରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରେ ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ହୋଇଥିବା ଉତ୍ସବରେ ସମାଜସେବୀ ପ୍ରଭାସ ରଞ୍ଜନ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ପ୍ରଥମେ ଭାରତ ମାତା, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଡ. ଗୁରୁଜୀ ଏବଂ ହେଗଡେ ଓାର ଙ୍କ 'ଚୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ରକ୍ଷା ବନ୍ଧନ ଏବଂ ଓଡିଆ ସଂସ୍କୃତି ଉପରେ ଆଧାରିତ ଓଡିଆ ଜାତିର ପରମ ଆରାଧ୍ୟ ମହାପ୍ରଭୁ ଶ୍ରୀ ଜଗନ୍ନାଥ ତାଙ୍କର ମାନବୀୟ ଲୀଳାର ଅଂଶ ସ୍ୱରୂପ ଭଉଣୀ ସୁଭଦ୍ରାଙ୍କ ହାତରୁ ରକ୍ଷା ବନ୍ଧ ଉପରେ ଉପସ୍ଥିତ ବ୍ୟକ୍ତି ମାନେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ପରେ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀ ମାନେ ଜାଗୁଳା ପଂଚାୟତର ଘରକୁ ଘର ଯାଇ ରାକ୍ଷୀ ବାନ୍ଧିବା ସହ ସେମାନଙ୍କର ଶୁଭ ମନାସି ଥିଲେ। ଆଜି ହୋଇଥିବା ଏହି ଉତ୍ସବରେ ଅନ୍ୟ ମାନଙ୍କ ମଧ୍ୟରେ ଚନ୍ଦ୍ର ଶେଖର ଜେନା, କାର୍ତ୍ତିକ ଗୁଡିଆ, ତାପସ ନାୟକ, ବିପିନ ବେହେରା, ବିଦ୍ୟାମନ୍ଦିରର ପ୍ରଧାନ ଗୁରୁଜୀ ରବିନ୍ଦ୍ର କୁମାର ନାୟକ, ଅଭୟାନନ୍ଦ ସେଠୀ, ମିନତୀ ମହାରଣା, ଜଗଦୀଶ ଓଝା, କବିତା ଗିରି, ସୋନାଲୀ ପାତ୍ର, ଅରୁନ୍ଧତି ନାୟକ, ସୁଶାନ୍ତ ଗିରି, ଦୀପାଳୀ ନାୟକ, ମାମୁନୀ ସେଠୀ, ଝିଲ୍ଲି ସେଠୀ, ଲିଜ୍ଞା ଦାସ,ମିତାଲି ବାଗ ପ୍ରମୁଖ ଉପସ୍ଥିତ ରହିବା ସହ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

## ଜ୍ଞାନ ଗଙ୍ଗାର...

(ପୃଷ୍ଠା ୩ର ଅବଶିଷ୍ଟାଂଶ)

ସତଲୋକ ଆଶ୍ରମରେ ଯୁବତୀଙ୍କୁ ବଳାତ୍କାର, ହତ୍ୟା ଘଟଣାରେ ସେ ମୁଖ୍ୟ ଖଳନାୟକ ଥିଲେ। ରାମଚନ୍ଦ୍ର ଛତ୍ରପତି ନାମକ ଜଣେ ନିର୍ଭିକ ସାମ୍ବାଦିକ ଏସବୁ ଯୌନ କେଲେଙ୍କାରୀ ଓ ହତ୍ୟା ଘଟଣା ପ୍ରଘଟ କରିବାରୁ ତାଙ୍କୁ ସେ ନିର୍ମମ ଭାବେ ହତ୍ୟା କରିଥିଲେ। ୨୦୦୨ ମସିହାରେ ରାମପାଲଜୀ ଗିରଫ ହୋଇ ହରିଆନା ରୋହତକ ଜିଲ୍ଲା ସୁନାରିଆ ସେଣ୍ଟ୍ରାଲ ଜେଲରେ କଏଦୀ ପାଲଟିଛନ୍ତି। ୨୦୧୭ ମସିହା ଅଗଷ୍ଟ ୨୮ ତାରିଖରେ ତାଙ୍କୁ ଆଜୀବନ କାରାଦଣ୍ଡ ହୋଇଛି। ତଥାପି ନିଜକୁ ଭଗବାନ ବୋଲାଇବାର ନିଶା ତାଙ୍କୁ ଛାଡୁ ନାହିଁ। ଯୌନ କେଲେଙ୍କାରୀରେ ଲିପ୍ତ କେତେକ ଭକ୍ତ ତାଙ୍କର ଗୁଣ କୀର୍ତ୍ତନ କରିବାକୁ ପଛାଉ ନାହାଁନ୍ତି। ଅତୀତର କୁଖ୍ୟାତ ରାମ ରହିମ ବାବା ଏବେ ନାମ ବଦଳାଇ ଜଗତଗୁରୁ ରାମପାଲଜୀ ପାଲଟିଛନ୍ତି। ନିଜର ଅଲୌକିକ ଶକ୍ତି ବଳରେ ସେ ଜେଲରୁ ମୁକୁଳି ପାରୁଛନ୍ତି କି ନା, ତାହା ଦେଖିବାକୁ ବାକି ରହିଲା। ଜୟ ଜଗନ୍ନାଥ।

♥ ଓରାଳି କେନ୍ଦୁଝର,
ମୋ: ୯୯୩୭୭୯୧୨୪୪

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ୯ମ ଦିନରେ ଅପରେସନ...

ସେମାନେ ଦେଶ ପାଇଁ ଡ୍ୟୁଟି ବେଳେ ସହିଦ ହୋଇଛନ୍ତି। ସେମାନଙ୍କ ଅଦମ୍ୟ ସାହାସ ସବୁବେଳେ ସମସ୍ତଙ୍କୁ ପ୍ରେରଣା ଦେବ। ଭାରତୀୟ ସେନା ଉଭୟଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ସେମାନଙ୍କ ପରିବାର ସହ ରହିଛି। ଅପରେସନ ଏବେ ବି ଜାରି ରହିଛି। ଅଖଲ ଜଙ୍ଗଲରେ ୯ ଦିନ ହେଲା ଚାଲିଥିବା ଅପରେସନରେ ୬ ଜଣ ଆତଙ୍କବାଦୀ ନିହତ ହୋଇ ସାରିଲେଣି। ଜମ୍ମୁ-କଶ୍ମୀର ପୁଲିସ୍, ସ୍ଥଳ ସେନା ଓ ସିଆରପିଏଫ ପକ୍ଷରୁ ମିଳିତ ଭାବେ ଅପରେସନ ଅଖଲକୁ ଜାରି ରଖାଯାଇଛି। ଏବେ ବି ସେଠାରେ ଆଉ କିଛି ଆତଙ୍କବାଦୀ ରହିଥିବା ଆଶଙ୍କା କରାଯାଉଛି। ଗୁଇନ୍ଦା ବିଭାଗ ପକ୍ଷରୁ ପ୍ରଥମେ ସୂଚନା ଦିଆଯାଇଥିଲା ଯେ ଜଙ୍ଗଲରେ ଥିବା ପ୍ରାକୃତିକ ଗୁମ୍ଫା ଭଳି ସ୍ଥାନରେ ୩ ଜଣ ଆତଙ୍କବାଦୀ ରହିଛନ୍ତି।

### ଚିକିତ୍ସାଧୀନ ଅବସ୍ଥାରେ...

ଛାତ୍ରୀ ବିଷପିଇ ଦେଇଥିବା ରାଇଘର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛିକ୍ଷ ଉକ୍ତ ଯୁବକ ଦ୍ୱାରା ଅଶ୍ଳୀଳ ଭିଡିଓ ଭାଇରାଲ ହେବା ପରେ ଛାତ୍ରୀ ଜଣକ ମାନସିକ ଓ ଶାରୀରିକ ନିର୍ଯାତନା ସହି ନପାରି ଶେଷରେ ଏଭଳି ପଦକ୍ଷେପ ଗ୍ରହଣ କରିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ଛାତ୍ରୀ ଜଣକ ଗତମାସ ୧୩ ତାରିଖ ଦିନ ବଜାରକୁ ସଉଦା କିଣିବାକୁ ଯାଇଥିଲେ। ଏହି ସମୟରେ ଏକତରଫା ଭଲ ପାଉଥିବା ଅଭିଯୁକ୍ତ ସତ୍ୟଜିତ ସରକାର ସେଠାରେ ପହଞ୍ଚି ପୀଡ଼ିତାଙ୍କୁ ରାଜରାସ୍ତାରେ ମାରପିଟ କରିଥିଲାକ୍ଷ ଆକ୍ରମଣର ଶିକାର ପୀଡ଼ିତାଙ୍କ ଆଖି ଓ ମୁହଁ ଫୁଲି ଯାଇଥିଲା। ରକ୍ତାକ୍ତ ଅବସ୍ଥାରେ ସେ ଥାନାରେ ପହଞ୍ଚି ଅଭିଯୋଗ କରିଥିଲେକ୍ଷ ପୁଲିସ ସତ୍ୟଜିତକୁ ଅଟକ ରଖି ସର୍ତ୍ତମୂଳକ ଭାବରେ ଛାଡ଼ି ଦେଇଥିଲାକ୍ଷ ଏଥିରେ ସେ ପ୍ରତିଶୋଧ ପରାୟଣ ହୋଇ ପୀଡିତା ଓ ତାଙ୍କ ପୁରୁଷ ବନ୍ଧୁଙ୍କ କିଛି ଫୋଟ ଓ ଭିଡିଓ ସୋସିଆଲ ମିଡ଼ିଆରେ ଭାଇରଲ କରିଥିଲା। ନଜ ଫଟୋ ଓ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଲା ପରେ ପୀଡିତା ଲୋକାଲଜ୍ୟା ସହି ନପାରି ଜୁଲାଇ ୧୭ ତାରିଖରେ ଘାସମରା ଔଷଧ (ବିଷ) ଖାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେକ୍ଷ ଘରଲୋକ ଜାଣିପାରି ତାଙ୍କୁ ଉମରକୋଟ ମେଡିକାଲକୁ ନେଇ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କୋଣ୍ଡାଗାଁ ଓ ପରେ ରାୟପୁରକୁ ନେଇ ଯାଇଥିଲେକ୍ଷ କିନ୍ତୁ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ନହେବା ସହ ଡାକ୍ତର ହାତ ଟେକି ଦେଇ ଘରକୁ ନେଇ ଯିବାକୁ କହିଥିଲେ।

### ବ୍ରିକ୍ସ କରିବ ଟାରିଫ୍ ...

ଆଲୋଚନା କରିବା ଏବଂ ନିକଟରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଚୀନ ଗସ୍ତକୁ ଚୀନ ସ୍ୱାଗତ କରିଛି । ଏସବୁ ଘଟଣାରୁ ଏହାର ସ୍ପଷ୍ଟ ସଂକେତ ମିଳୁଛି । ପୂର୍ବରୁ ସୀମା ବିବାଦ ନେଇ ଭାରତ ଓ ଚୀନ ସମ୍ପର୍କ ତିକ୍ତ ହୋଇଥିବା ବେଳେ ଏଥିରେ ଏବେ ଦ୍ରୁତ ସୁଧାର ଆସୁଥିବା ପରିଲକ୍ଷିତ ହେଉଛି । ବ୍ରିକ୍ସ ଦେଶମାନେ ଟ୍ରମ୍ପଙ୍କ ଟାରିଫକୁ ବିରୋଧ କରି ନିଜ ନିଜ ଭିତରେ ବାଣିଜ୍ୟ ବୃଦ୍ଧି ପାଇଁ ପଦକ୍ଷେପ ନେଉଛନ୍ତି । ଏଠାରେ ସୂଚନା ଦିଆଯାଇପାରେ ଯେ, ଭାରତ ଓ ବ୍ରାଜିଲ ଉପରେ ୫୦% ଆମେରିକା ଟାରିଫ୍ ଲଗାଇଛି । ସେହିପରି ଚୀନ ଓ ଦକ୍ଷିଣ ଆଫ୍ରିକା ଉପରେ ୩୦ % ଏବଂ ରୁଷର କିଛି ସାମଗ୍ରୀ ଉପରେ ୨୦ % ରିଫ୍ ଲଗାଇଛନ୍ତି ଟ୍ରମ୍ପ । ୟୁକ୍ରେନ ସହିତ ଯୁଦ୍ଧ ବନ୍ଦ ନକଲେ ରୁଷ ଉପରେ ଅଧିକ ଟାରିଫ୍ ଲଗାଇବାକୁ ଆମେରିକା ପକ୍ଷରୁ ଧମକ ଦିଆଯାଇଛି ।

### ଓଟିଇଟି ପ୍ରଶ୍ନପତ୍ର ...

ବିଜୟ ମିଶ୍ର ରିମାଣ୍ଡରେ ଆସିବେ । ତେଣୁ ତା ପୂର୍ବରୁ ତଥ୍ୟ ଦେବାକୁ କୁହାଯାଇଛି । ଓଟିଇଟି ପ୍ରଶ୍ନପତ୍ର ଲିକର ଚେର ସାରା ରାଜ୍ୟକୁ ବ୍ୟାପିଛି । ଏହାପଛରେ ଏକ ସିଣ୍ଡିକେଟ କାମ କରୁଥିବା ସ୍ପଷ୍ଟ ହୋଇଛି । ଭାଇରଲ ପଛରେ ଆଉ କେଉଁ ଶିକ୍ଷକ ଅଛନ୍ତି ? ସେମାନଙ୍କ ତାଲିକା କରାଯାଇଛି । ଏହି ଟିମ୍ ସେମାନଙ୍କୁ ଧରିବାକୁ ବିଭିନ୍ନ ଜିଲ୍ଲା ରେ ଜାଲ ବିଛାଇଛି । ଜୀତନ ମହାରଣା ଓ ବିଜୟ ମିଶ୍ର ରିମାଣ୍ଡରେ ଆସିବା ପରେ ଗିରଫ ଉପସଭାପତିଙ୍କୁ ରିମାଣ୍ଡରେ ଆଣି ମୁହାଁମୁହିଁ ପଚରାଉଚରା କରିବ କ୍ରାଇମବ୍ରାଞ୍ଚ ।ଓଟିଇଟି ପ୍ରଶ୍ନପତ୍ର ଲିକରେ କୋଟି କୋଟି ଟଙ୍କାର କାରବାର ହୋଇଛି , ଶିକ୍ଷକ ନେତା ସାମିଲ ଅଛନ୍ତି । ତେଣୁ ଖୁବଶୀଘ୍ର ଦିଲ୍ଲୀର ଫାଇନାନ୍ସିଆଲ୍ ଇନଭେଷ୍ଟିଗେସନ ୟୁନିଟର ତଥ୍ୟ ମିଳିବା ପରେ ଅଧିକ ଖୁଲାସା କରିବା ଚକ୍କରରେ ରହିଛି କ୍ରାଇମବ୍ରାଞ୍ଚ ।

### କୋଟିଆ ପାଇଁ ...

ଜୁନ୍ ମାସରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ, ଗଣଶିକ୍ଷାମନ୍ତ୍ରୀ, ପରିବହନ ମନ୍ତ୍ରୀଙ୍କ ସମେତ ବହୁ ଛାମୁଆ ନେତା କୋଟିଆ ଯାଇଥିଲେ । ଗ୍ରାମ୍ୟ ଉନ୍ନୟନ, ଶିକ୍ଷା, ସ୍ୱାସ୍ଥ୍ୟ ସମେତ ଅନ୍ୟାନ୍ୟ ବିକାଶ କାର୍ଯ୍ୟର ସମୀକ୍ଷା କରିଥିଲେ । କୋଟିଆ ପାଇଁ ସାଢ଼େ ଚାରିକୋଟି ଓଡ଼ିଆ ଏକ ବୋଲି, ବାର୍ତ୍ତା ଦେବାକୁ ବିରୋଧୀ ଦଳର ନେତାମାନଙ୍କୁ ବି ସାଙ୍ଗରେ ନେଇଥିଲେ । ରଥଯାତ୍ରାରେ କୋଟିଆରେ ଏକାଠି ହୋଇ ରଥ ଟାଣିଥିଲେ । କିନ୍ତୁ କୋଟିଆ ବିବାଦ ଯେମିତି ଥିଲା ସେମିତି ରହିଛି । ବାରମ୍ବାର ଆନ୍ଧ୍ର ଅଧିକାରୀମାନେ କୋଟିଆକୁ ଆସି ଲୋକଙ୍କୁ ନିଜ ସପକ୍ଷରେ ନେବାକୁ ଉଦ୍ୟମ କରୁଛନ୍ତି । ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, କୋଟିଆ ବିବାଦ ବିଷୟରେ ରାଜ୍ୟ ସରକାର ନିୟମିତ ଭାବେ କେନ୍ଦ୍ର ସରକାରଙ୍କ ସହ ଯୋଗାଯୋଗରେ ରହିଛନ୍ତି । ମହାନଦୀ ଜଳବିବାଦ ତୁଟାଇବା ପାଇଁ ଅଣ୍ଟା ଭିଡିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଛତିଶଗଡ ମୁଖ୍ୟମନ୍ତ୍ରୀଙ୍କ ସହ ଆପୋସ ଆଲୋଚନା ମାଧ୍ୟମରେ ବିବାଦର ସମାଧାନ କରିବାକୁ କଥା ହୋଇଛନ୍ତି । ତେଣୁ କେବେ କୋଟିଆ ବିବାଦର ସମାଧାନ ହେବ ? ଆନ୍ଧ୍ର ସରକାର ସହ ଓଡ଼ିଶା ସରକାର କେବେ ଆଲୋଚନା କରିବେ ? ତା ଉପରେ ସମସ୍ତଙ୍କ ନଜର ।

### ୨୦ ତାରିଖ ପରେ ନିଗମ...

ଦଳୀୟ ନେତାଙ୍କ ସହ ଚର୍ଚ୍ଚା ଆଲୋଚନା ପରେ ନିଷ୍ପତ୍ତି ନିଆଯିବ। ୧୫ କିମ୍ବା ୨୦ ତାରିଖ ପରେ ନିଗମ, ବୋର୍ଡ ଏବଂ କମିଟି ଘୋଷଣା ହୋଇପାରେ। ବର୍ତ୍ତମାନ ସମୟରେ ନିର୍ଦ୍ଦିଷ୍ଟ ତାରିଖ କହିହେବ ନାହିଁ। ଏଣେ ସୁଭଦ୍ରା ଟଙ୍କାରେ ଲକ୍ଷପତି ଦିଦି ସୃଷ୍ଟି ସମ୍ପର୍କରେ ବିଜେଡିର ପ୍ରତିକ୍ରିୟା ଉପରେ ଜବାବ ରଖି ମନମୋହନ ସାମଲ କହିଛନ୍ତି, ବିଜେଡି ୫ ବର୍ଷ ଅପେକ୍ଷା କରୁ। ଅଧୈର୍ଯ୍ୟ ହେବା ଉଚିତ ନୁହେଁ। ଓଡ଼ିଶା ଲକ୍ଷ ପତି ଦିଦିରେ ଏକ ନମ୍ବର ରାଜ୍ୟ ହୋଇପାରିଛି। ଏହା ସୌଭାଗ୍ୟର ବିଷୟ। ଓଡ଼ିଶାର ମହିଳାମାନେ କଠିନ ପରିଶ୍ରମ କରୁଛନ୍ତି। କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାର ମହିଳାମାନଙ୍କୁ ବିନା ସୁଧରେ ଋଣ ଦେଉଛନ୍ତି, ଯାହା ଦ୍ୱାରା ଲକ୍ଷପତି ଦିଦି ହେବାର ସମ୍ଭାବନା ବଢ଼ିଛି। ସୁଭଦ୍ରା ମହିଳାଙ୍କୁ ସ୍ୱାବଲମ୍ବୀ ହେବାର ସୁଯୋଗ ଦେଇଛି, ମନରେ ଆତ୍ମବିଶ୍ୱାସ ବଢ଼ାଇଛି।

### ଅପରେସନ୍ 'ସିନ୍ଦୂର'କୁ ...

ଭାରତୀୟ ବାୟୁସେନାର ଏୟାର ଡିଫେନ୍ସ ସର୍ଫେସ-ଟୁ-ଏୟାର ମିସାଇଲ ସିଷ୍ଟମ୍ କମାଲ କରିଥିଲା । ପାକିସ୍ତାନର ୫ଟି ଫାଇଟର ଜେଟ୍ ଏବଂ ଗୋଟିଏ ଏଡବ୍ଲ୍ୟୁଏସିଏସ୍ ବିମାନକୁ ଖସାଇଥିଲା । ଏହା ପଛରେ ବଡ଼ ଭୂମିକା ତୁଲାଇଥିଲା ଏସ୍-୪୦୦ ଏୟାର ଡିଫେନ୍ସ ସିଷ୍ଟମ୍ । ଆତଙ୍କୀ ସଂଗଠନ ଲସ୍କର ଏ ତୋଇବାର ମୁରଦିକ୍ ମୁଖ୍ୟାଳୟ ଉପରେ ହୋଇଥିବା ଆକ୍ରମଣର ଭିଡିଓ ଦେଖାଇ ଆକ୍ରମଣ ପୂର୍ବରୁ ଓ ପରେ ଚିତ୍ର କେମିତି ଥିଲା ସେକଥା ମଧ କହିଛନ୍ତି ବାୟୁସେନା ମୁଖ୍ୟ । ସେ ଭିଡିଓ ଦେଖାଇ ମୁରଦିକ୍ ମୁଖ୍ୟାଳୟର କେଉଁ ବିଲ୍ଡିଂରେ ଲସ୍କର ଛାମୁଆ ନେତା ରହୁଥିଲେ ? କେଉଁଠାରେ ଗୁପ୍ତ ବୈଠକ କରୁଥିଲେ ? ତାହାର ସୂଚନା ମଧ ଦେଇଛନ୍ତି ଏୟାର ମାର୍ଶାଲ ଅମରପ୍ରୀତ ସିଂ । ଏଥିସହ ଅପରେସନ୍ ସିନ୍ଦୂରକୁ ଅନେକ ଗୁରୁତ୍ୱପୂର୍ଣ୍ଣ କଥା ମଧ ପ୍ରକାଶ କରି ବାୟୁସେନା ମୁଖ୍ୟ କହିଛନ୍ତି... ଶତ୍ରୁକୁ କଡ଼ା ଜବାବ ଦେବାକୁ ସେନା ପାଖରେ ପୂର୍ଣ୍ଣ ଅନୁମତି ଏବଂ ସ୍ୱାଧୀନତା ଥିଲା । ୨୨ ଏପ୍ରିଲରେ ପହଲଗାମ୍ ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା । ଏହା ପରେ, ପାକିସ୍ତାନକୁ ପାନେ ଦେବାକୁ ଦେବା ପାଇଁ ଭାରତ ଅପରେସନ୍ ସିନ୍ଦୂର ଆରମ୍ଭ କରାଯାଇଥିଲା ।

### ରାହୁଲଙ୍କ 'ଭୋଟ୍ ...

ଭିଆଇପି, ସିପିଆଇ, ସିପିଆଇ-ଏମ, ସିପିଆଇ-ଏମଏଲ, ଫରୱାର୍ଡ ବ୍ଲକ, ଜେଏମଏମ, ଟିଏମସି, ଏନସିପି (ଏସପି), ଶିବସେନା (ୟୁବିଟି), ଡିଏମକେ, ଭିସିକେ, ଆରଏସପି, ଆଇୟୁଏମଏଲ, କେରଳ କଂଗ୍ରେସ (ଏମ), କେ କଂଗ୍ରେସ (ଜେ), ଏମଏନଏମ, ଏମଡିଏମକେ, କେଏମଡିକେ ଏବଂ ପିଡବ୍ଲୁକେ ନେତାମାନେ ସମର୍ଥନ କରିଛନ୍ତି। ଟିଏମସି ମହାସଚିବ ଏବଂ ସାଂସଦ ଅଭିଷେକ ବାନାର୍ଜୀଙ୍କ ଆଗମନ କଂଗ୍ରେସ ପାଇଁ ଏକ ଆଶ୍ୱସ୍ତି ଖବର ଥିଲା। ତଥାପି, ଆମ ଆଦମୀ ପାର୍ଟି ନେତାମାନେ ଯୋଗ ଦେଇ ନଥିଲେ। ଭୋଟ୍ ଚୋରି ଅଭିଯୋଗ ଉପରେ ଯୋଗେନ୍ଦ୍ର ଯାଦବ କହିଛନ୍ତି ଯେ, ସେ ସବୁବେଳେ ଭାରତୀୟ ନିର୍ବାଚନ ପ୍ରକ୍ରିୟାକୁ ସମର୍ଥନ କରିଆସୁଛନ୍ତି।

ଧ୍ୱନି ପ୍ରତିଧ୍ୱନି

# ବୃଦ୍ଧାଶ୍ରମକୁ ଆର୍ଥିକ ସାହାଯ୍ୟ ଦେଲେ ସତ୍ୟ ସନ୍ଧାନରେ ସଙ୍ଗଠନ



ବାସୁଦେବପୁର, ୦୯/୮ (ନି.ପ୍ର): ବାସୁଦେବପୁର ପୌର ପାଳିକା ଅନ୍ତର୍ଗତ ତୃପ୍ତି ମହିଳା ମହାବିଦ୍ୟାଳୟ ନିକଟରେ ଥିବା ବାଲାଜୀ ବାସନ୍ତୀ ବୃଦ୍ଧାଶ୍ରମ ଟ୍ରଷ୍ଟକୁ ସତ୍ୟ ସନ୍ଧାନରେ ସଙ୍ଗଠନ ପକ୍ଷରୁ ଆର୍ଥିକ ଅନୁଦାନ ସହଯୋଗ କରାଯାଇଛି। ଚେକ୍ ମାଧ୍ୟମରେ ଏହି ସାହାଯ୍ୟ ବୃଦ୍ଧା ଆଶ୍ରମର ସଭାପତି ଓ ସମ୍ପାଦକ ଙ୍କୁ ପ୍ରଦାନ କରାଯାଇଛି। ସତ୍ୟ ସନ୍ଧାନରେ ସଙ୍ଗଠନ ପକ୍ଷରୁ ପ୍ରତିଷ୍ଠାତା ସମ୍ପାଦକ ଅଜୟ କୁମାର ତ୍ରିପାଠୀ ଓ କୋଷାଧ୍ୟକ୍ଷ ପଦ୍ମ ଲୋଚନ ତିଆଡି ଏହି ସାହାଯ୍ୟ ସହଯୋଗ ପ୍ରଦାନ କରିଥିଲେ। ଅନୁଷ୍ଠାନର ସଦସ୍ୟ ବରେସ ଭାଇନା ଏହି ଉଦ୍ୟମକୁ ସଫଳ କରାଇଛନ୍ତି। ସେହିପରି ଗୁଡ଼ ରେ ଥିବା ଶିବ ମୁନି ଆଶ୍ରମ ଓ ମାନବ ମନ୍ଦିର କୁ ଏହି ସତ୍ୟର ସନ୍ଧାନରେ ସଙ୍ଗଠନ ପକ୍ଷରୁ ଆର୍ଥିକ ଅନୁଦାନ ସହଯୋଗ କରାଯାଇଛି। ପ୍ରତ୍ୟେକ ମାସ ଏହି ଆଶ୍ରମ କୁ କିଛି ଆର୍ଥିକ ସାହାଯ୍ୟ ସହଯୋଗ ପଠାଯିବ ବୋଲି ସତ୍ୟର ସନ୍ଧାନରେ ସଙ୍ଗଠନ ପକ୍ଷରୁ ମତ ପ୍ରକାଶ ପାଇଛି। ମାନବ ସେବା ହିଁ ମାଧବ ସେବା। ତେଣୁ ଏହି ନ୍ୟାୟରେ ଲୋକ ମାନଙ୍କ ସେବା କରିବା ଆମର ଧର୍ମ ଓ କର୍ମ ବୋଲି ଅଜୟ କୁମାର ତ୍ରିପାଠୀ ପ୍ରକାଶ କରିଛନ୍ତି। ସମାଜର ସେବା କରିବା ଉଦ୍ଦେଶ୍ୟରେ ଏହି ସତ୍ୟର ସନ୍ଧାନରେ ସଙ୍ଗଠନ ଆଗେଇ ଚାଲିଛି।

# ଅନ୍ଧ ବିଶ୍ୱାସର କରୁଣ ପରିଣତି: ଘରଛାଡିଲେ ପରିବାରର ପାଞ୍ଚ ସଦସ୍ୟ



ନୀଳଗିରି, ୦୯/୮ (ନି.ପ୍ର): ଅନ୍ଧବିଶ୍ୱାସରେ ବଶବର୍ତ୍ତୀହୋଇ ପରିବାରର ୫ସଦସ୍ୟ ଘରଛାଡ଼ି ନୀଳଗିରି ଜଗନ୍ନାଥ ମନ୍ଦିର ପରେ ରାଧାକିଶୋର ମନ୍ଦିରରେ ଆଶ୍ରୟ ନେଇ ପୂଜାର୍ଚ୍ଚନା କରୁଥିବାର ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି । ପ୍ରାପ୍ତ ସୂଚନା ମୁତାବକ ନୀଳଗିରି ନିର୍ବାଚନ ମଣ୍ଡଳୀ ଔପଦା ବ୍ଲକ କାଣ୍ଡ ଗରଡ଼ି ପଞ୍ଚାୟତ ଏକ ନମ୍ବର ୱାର୍ଡ ପାତ୍ରସାହି ର ସ୍ୱର୍ଗତ ମହେଶ୍ୱର ପାତ୍ରଙ୍କ ସ୍ତ୍ରୀ ଉମାମଣୀ ପାତ୍ର, ପୁତ୍ର ଭରତ କୁମାର ପାତ୍ର (୨୫), ବାଉଁଶ ବଣିଆ ଗ୍ରାମ ର ରବୀନ୍ଦ୍ର ମଲ୍ଲିକ ଙ୍କୁ ବିବାହିତା ବଡ଼ଝିଅ ଅନିତା ମଲ୍ଲିକ, ସାନ ଝିଅ ସବିତା ପାତ୍ର ଏବଂ ପରିବାରର ଅନ୍ୟ ସଦସ୍ୟ ଙ୍କ ଉପରେ ଅପାଣିଆ ନାମକ ଏକ ସ୍ପିରିଟ ଗତ ଦୁଇମାସ ଧରି ଆସୁଥିଲା। ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା । ପରେ ମୟୂରଭଞ୍ଜ ଜିଲ୍ଲା ରୁ ୩ ଜଣ ଗୁଣିଆ ଙ୍କୁ ଆଣି ଦେଖାଇ ପୂଜାର୍ଚ୍ଚନା କରିଥିଲେ । ପୂଜା କରିବା ପରେ ବାଡ଼ି ର ମାଟି ତଳୁ ୫ ଗୋଟି କଳସ ବାହାରି ଥିଲା। ଆଉ ଦୁଇଟି କଳସ ମାଟିତଳେ ଥିବା କଥା ଗୁଣିଆ କହିଥିଲେ । ପରେ ଗୁଣିଆ ଅଧାରୁ ପୂଜା କରି ସ୍ଥାନ ଛାଡ଼ି ପଳାଇ ଯାଇଥିଲେ । ପରେ ଉକ୍ତ ପରିବାର ଲୋକଙ୍କ ଉପରକୁ ସ୍ପିରିଟ ଆସି ସମସ୍ତଙ୍କୁ ମାରିଦେବାକୁ ଧମକ ଦେଉଥିଲା ବେଳେ ଜ୍ୱର ହୋଇ ଆଉ ଛାଡ଼ି ନଥିଲା । ଉପାୟ ନ ପାଇ ଜୀବନ ଅତୁକୁଳେ ଗତ ୮ ତାରିଖ ଦ୍ୱିପ୍ରହରେ ନୀଳଗିରି ଜଗନ୍ନାଥ ମନ୍ଦିରରେ ଆଶ୍ରୟ ନେଇଥିବା ବେଳେ ସନ୍ଧ୍ୟାରୁ ନିକଟ ରାଧା କିଶୋର ଜୀଉ ମନ୍ଦିରରେ ସପରିବାର ଆଶ୍ରୟ ନେଇ ଥିବା ଦେଖିବାକୁ ମିଳିଛି । ଅପାଣିଆ କୋପ ଦୃଷ୍ଟି ରୁ ମୁକୁଳିବା ପାଇଁ ଗତ କାଲି ଠାରୁ ଖବର ଲେଖା ହେବା ବେଳକୁ ରାଧାକିଶୋର ମନ୍ଦିରରେ ସପରିବାର ପୂଜାର୍ଚ୍ଚନା କରୁଥିବାର ଦେଖିବାକୁ ମିଳିଛି ।

# ଓୟୁଜେର କ୍ରାନ୍ତି ଦିବସ ପାଳିତ

## ସ୍ୱାଧୀନତା ସଂଗ୍ରାମୀ ତ୍ୟାଗ ଓ ବଳିଦାନ ଅବିସ୍ମରଣୀୟ : ଉପମୁଖ୍ୟ ସଚେତକ




ବାଲେଶ୍ୱର, ୦୯/୮ (ନି.ପ୍ର): ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଆଜି ଅଗଷ୍ଟ କ୍ରାନ୍ତି ଦିବସ ଇଞ୍ଚୁଡ଼ି ଲବଣ ସତ୍ୟାଗ୍ରହ ସ୍ମୃତି ପୀଠ ଠାରେ ପାଳିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପ ମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗଦେଇ ପ୍ରବଳ ପରାକ୍ରମୀ ଇଂରେଜ ଶାସକ ମାନଙ୍କୁ ଦେଶରୁ ହଟାଇବା ପାଇଁ ପ୍ରାଣବଳି ଦେଇଥିବା ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ସ୍ମୃତି ଚାରଣ କରି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।ସେ କହିଲେ ଯେ ୧୯୪୨ ମସିହା ଆଜିର ଦିନରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଡାକରା ରେ ଅଗଷ୍ଟ କ୍ରାନ୍ତି ଦିବସ କର ବା ମର ଡାକରା ଦିଆଯାଇଥିଲା। ଏହି ଡାକରାରେ ସମଗ୍ର ଦେଶରେ ସ୍ୱାଧୀନତା ସଂଗ୍ରାମ ପାଇଁ ଜନଜାଗରଣ ସୃଷ୍ଟି କରିଥିଲା।ବହୁ ସ୍ୱାଧୀନତା ସଂଗ୍ରାମୀ ଇଂରେଜ ମାନଙ୍କ ଗୁଳିରେ ପ୍ରାଣବଳି ଦେଇଥିଲେ। ସେମାନଙ୍କ ସଂଗ୍ରାମ ର ସ୍ମୃତି ସବୁ ଦିନ ଆମର ଯୁବ ସମାଜକୁ ଅନୁପ୍ରାଣୀତ କରୁଥିବ ବୋଲି କହିଥିଲେ। ଓଡ଼ିଶା ସାମ୍ବାଦିକ ୟୁନିଅନ୍ ପକ୍ଷରୁ ଏଭଳି ଜାତୀୟ କାର୍ଯ୍ୟକ୍ରମ କରାଯାଇ ଥିବାରୁ ସେ ସନ୍ତୋଷ ପ୍ରକାଶ କରିଥିଲେ। ଓୟୁଜେ ବାଲେଶ୍ୱର ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ଲବଣ ସତ୍ୟାଗ୍ରହ ସ୍ମୃତି କମିଟିର ସଭାପତି ସର୍ବେଶ୍ୱର ଦାସ, ସ୍ଥାନୀୟ ସରପଞ୍ଚ ରମଣୀ ରଂଜନ ମହାଳିକ, ପୂର୍ବତନ ସରପଞ୍ଚ ଅଜୟ ବାରିକ, କାର୍ତ୍ତିକ ଦାସ , ଛୁଆ ବେହେରା, ୟୁନିଅନର ବରିଷ୍ଠ ସଦସ୍ୟ ରାମ ନାରାୟଣ ଶତପଥୀ, ଶିଶିର କୁମାର ଦାସ, ଅନାମ ଚରଣ ପଣ୍ଡା, ରବୀନ୍ଦ୍ର ମହାକୁଡ, ସୁରେଶ ଚନ୍ଦ୍ର ଦାସ,ଲକ୍ଷ୍ମୀଧର ଗାଣ ଆଶୁତୋଷ ମଲ୍ଲିକ, ତୃପ୍ତି କାନ୍ତ ପାଢ଼ୀ , କହ୍ନେଇ ଚରଣ ପ୍ରଧାନ, ପ୍ରମୁଖ ଯୋଗ ଦେଇଥିଲେ।

# ନଦୀରେ ଭାସି ଗଲେ ଦୁଇ କାଉଡ଼ିଆ ଭଉଣୀ

ଜଳେଶ୍ୱର , ୦୯/୮ (ନି.ପ୍ର): ରାକ୍ଷୀ ପୂର୍ଣ୍ଣମୀରେ ଅଘଟଣ। ସୁବର୍ଣ୍ଣରେଖା ନଦୀରେ କାଉଡ଼ିଆ ଭାବେ ପାଣି ଲାଗି କରୁଥିବା ବେଳେ ହଠାତ୍ ପାଣି ଶୁଅ ରେ ଭାସିଗଲେ ଦୁଇ ଭଉଣୀ। ଉଦ୍ଧାର କାର୍ଯ୍ୟଜାରୀ। ସୂଚନା ଅନୁସାରେ ଜଳେଶ୍ୱର ବ୍ଲକ୍ ଶିଖରପୁର ପଂଚାୟତ ର ସୁବର୍ଣ୍ଣରେଖା ଘାଟ ରେ ଚକହରି ଗ୍ରାମ ର କାହ୍ନୁ ଚରଣ ଦାସ ଙ୍କ ଦୁଇ କନ୍ୟା ଚାନ୍ଦିନୀ ଦାସ୍ (୧୧) ଏବଂ ନନ୍ଦିନୀ ଦାସ୍ (୧୪)ଆଜି ରାକ୍ଷୀପୂର୍ଣ୍ଣମୀ ଥିବା ହେତୁ ସକାଳ ୮ ଘଟିକା ସମୟ ରେ ନିଜ ଗ୍ରାମରେ ଥିବା ଶିବ ମନ୍ଦିରରେ ଜଳ ଲାଗି କରିବା ପାଇଁ ପାଖରେ ଥିବା ସୁବର୍ଣ୍ଣରେଖା ଘାଟ କୁ ଯାଇଥିଲେ ଏବଂ ରେ ନଦୀରେ କାଉଡ଼ିଆ ସାଜି ପାଣି ଉଠାଉ ଥିବା ସମୟ ରେ ଅସାବଧାନତା କାରଣ ରୁ ଗୋଡ ଖସି ଯିବାରୁ ସୁବର୍ଣ୍ଣରେଖାର ପ୍ରବଳ ସ୍ରୋତ ରେ ଭାସି ଯାଇଥିଲେ ଦୁଇ ଭଉଣୀ। ଭାସି ଯିବା ଖବର ଶୁଣିବା ପରେ ପାଖରେ ଥିବା ଗ୍ରାମବାସୀ ଜଳେଶ୍ୱର ପୋଲିସ ,ଦମକଳ ବାହୀନି ଏବଂ ଓଡ୍ରାଫ ଟିମ କୁ ଖବର ଦେଇଥିଲେ ପରେ ଜଳେଶ୍ୱର ପୋଲିସ ଏବଂ ଜଳେଶ୍ୱର ଏସଡିପିଓ ସୁବ୍ରତ ବେହେରା ,ଦମକଳ ଏବଂ ଓଡ୍ରାଫ ଘଟଣା ସ୍ଥଳ ରେ ପହଞ୍ଚି ଥିଲେ ଏବଂ ଦମକଳ ବାହିନୀ ର ଦୁଇଟି ଟିମ୍ ଏବଂ ଓଡ୍ରାଫ ର ଗୋଟେ ଟିମ ଏବଂ ଗାଁ ଲୋକ ମାନେ ମିଶୀ ଦେଶି ଡଙ୍ଗା ସାହାଯ୍ୟ ରେ ଖୋଜା ଖୋଜି କରୁଛନ୍ତି। କିନ୍ତୁ ଦୁଇ ନାବାଳିକା ଭଉଣୀ ଙ୍କ ପତ୍ତା ମିଳିପାରିନାହିଁ।ଖବର ଲେଖା ଶେଷ ପର୍ଯ୍ୟନ୍ତ ଦୁଇ ନାବାଳିକା ନିଖୋଜ ଅଛନ୍ତି।

# ଉତ୍କଳ ବାଳାଶ୍ରମ ଓ ବାଲେଶ୍ୱର ଜିଲ୍ଲା କାରାଗାରରେ ସାଂସଦଙ୍କ ଦ୍ୱାରା ରକ୍ଷାବନ୍ଧନ ଉତ୍ସବ ପାଳନ



ବାଲେଶ୍ୱର, ୦୯/୮ (ନି.ପ୍ର): ଆଜି ସହଦେବଖୁଣ୍ଟା ସ୍ଥିତ ଉତ୍କଳ ବାଳାଶ୍ରମ ପରିସରରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଙ୍କ ଦ୍ୱାରା ରକ୍ଷାବନ୍ଧନ ଉତ୍ସବ ପାଳନ କରାଯାଇଥିଲା ସାଂସଦ ଶ୍ରୀ ଷଡ଼ଙ୍ଗୀ ଦିନ ୧୨ଘଟିକା ରେ ଉତ୍କଳ ବାଳାଶ୍ରମ ରେ ରାକ୍ଷୀ ଗୀତ ଗାଇ ଆଶ୍ରମ ର ଅନ୍ତେବାସୀ ସମସ୍ତ ଛାତ୍ର ଛାତ୍ରୀ ମାନଙ୍କ ହାତରେ ରକ୍ଷା ସୂତ୍ର ବାନ୍ଧିବା ସହ ମିଷ୍ଟାନ୍ ବାଣ୍ଟିଥିଲେ ଓ ନିଜ ହାତରେ ମଧ୍ୟାହ୍ନ ଭୋଜନ ପରଷି ଥିଲେ , ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ସଦର ବିଧାୟକ ମାନସ ଦତ୍ତ, ପୂର୍ବତନ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର , ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ମହିଳା ମୋର୍ଚ୍ଚା ସଭାନେତ୍ରୀ ସିପ୍ରା ରେଖା ମହାପାତ୍ର, ଉପ ସଭାପତି କମଳ ଲୋଚନ ଦାସ, ସମ୍ପାଦକ ଆଶିଷ ଘୋଷ,ବିଜୟ ସାହୁ, ସମ୍ପାଦିକା ପିଙ୍କି ପ୍ରଧାନ, ସସ୍ମିତା ଚାନ୍ଦ , ରାଜ୍ୟ ପରିଷଦ ସଦସ୍ୟ ଚିତ୍ତରଞ୍ଜନ ପଣ୍ଡା,ଗଣ ମାଧ୍ୟମ ସହ ସଂଯୋଜକ ରଣଜିତ୍ ପୃଷ୍ଟି, ଯୁବ ମୋର୍ଚ୍ଚା ଉପ ସଭାପତି ନାରାୟଣ ମହନ୍ତ, ମଣ୍ଟୁ ପେରିୱାଲ, ମନୋଜ ପଦାର, ରାଜେନ୍ଦ୍ର ଚାଟାର୍ଜୀ, ରବିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ, ପରେ ସାଂସଦ ଶ୍ରୀ ଷଡ଼ଙ୍ଗୀ ବାଲେଶ୍ୱର ଜିଲ୍ଲା କାରାଗାରରେ ଥିବା ଅନ୍ତେବାସୀଙ୍କୁ ରାକ୍ଷୀ ବାନ୍ଧିଥିଲେ।

# ଡ୍ରିମ୍ସ ଆଇଡିଆଲ୍ ସ୍କୁଲ ପରିସରରେ ରକ୍ଷାବନ୍ଧନ ପର୍ବ ପାଳିତ



ବାଲେଶ୍ୱର, ୦୯/୮ (ନି.ପ୍ର): ଡ୍ରିମ୍ସ ଆଇଡିଆଲ୍ ସ୍କୁଲ ପରିସରରେ ରକ୍ଷାବନ୍ଧନ ପର୍ବ ହର୍ଷ ଉଲ୍ଲାସର ସହିତ ପାଳିତ ହୋଇଯାଇଛି। ବିଦ୍ୟାଳୟର ନିମନ୍ତ୍ରଣ କ୍ରମେ ସାମ୍ବାଦିକ ଭାଇମାନେ ସକାଳ ୧୦ଘଟିକା ସମୟରେ ବିଦ୍ୟାଳୟରେ ଉପସ୍ଥିତ ହୋଇଥିଲେ। ପିଲାମାନେ ସାମ୍ବାଦିକ ଭାଇମାନଙ୍କୁ ପୂଜା ଅର୍ଚ୍ଚନା ପୂର୍ବକ ରାକ୍ଷୀ ବାନ୍ଧି ସେମାନଙ୍କ ଆଶୀର୍ବାଦ ଲାଭ କରିଥିଲେ । କାର୍ଯ୍ୟକ୍ରମ କୁ ପରିଚାଳନା କରୁଥିଲେ ବିଦ୍ୟାପୀଠ ର ପ୍ରତିଷ୍ଠାତା ଶ୍ରୀ ଗଙ୍ଗାଧର ଦାସ। ରେହାନା ବେଗମ୍, ସରିତା ବାରିକ, ଆରତୀ ବାଳା ଦାସ, ଆଞ୍ଚଲପ୍ରିୟା ବେହେରା, ଅନୀତା ରାଣୀ ଦାସ, ଅନନ୍ୟା ବାଗ୍, ମାମୁନି ମହାପାତ୍ର, ପ୍ରଭାତୀ ମହାପାତ୍ର, ଶାନ୍ତି ଲତା ମାଝୀ, ନମିତା ବାଗ୍ , ଜୟସ୍ମିତା ପଣ୍ଡା, ମୈ।ସୁମୀ ଚାଟାର୍ଜୀ, ମୋନାଲି ପରିଡ଼ା, ଶରିଫୁଦ୍ଦିନ୍ ମହମ୍ମଦ, ମନିଷା ଦାଶ, ସଞ୍ଜୁଲତା ସ୍ୱାଇଁ, ଭଗବାନ ବେହେରା ପ୍ରମୁଖ କର୍ମଚାରୀ ଗଣ କାର୍ଯ୍ୟ ରେ ସହାୟତା କରିଥିଲେ ।

# ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ପ୍ରଦାନ: ଭଦ୍ରକ ଜିଲ୍ଲାର ହିତାଧିକାରୀ ଲାଇଭ ଷ୍ଟ୍ରିମିଙ୍ଗରେ ଯୋଡ଼ି ହେଲେ




ଭଦ୍ରକ , ୦୯/୮ (ନି.ପ୍ର): ଆଜି କୋରାପୁଟ ଜିଲ୍ଲା ଜୟପୁର ଠାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ପବିତ୍ର ରାକ୍ଷୀ ପୂର୍ଣିମା ଅବସରରେ ସୁଭଦ୍ରା ଯୋଜନା ର ତୃତୀୟ କିସ୍ତି ପ୍ରାୟ ୧ କୋଟି ହିତାଧିକାରୀଙ୍କୁ ପ୍ରତ୍ୟେକ ୫୦୦୦ ଟଙ୍କା ହସ୍ତାନ୍ତର କରାଯାଇଛି ।ଏହି ଅବସରରେ ଆଜି ଶହୀଦ ସ୍ମୃତି ଭବନ ଠାରେ ଅନୁଷ୍ଠିତ ଲାଇଭ ଷ୍ଟ୍ରିମିଙ୍ଗ ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କ ଦ୍ୱାରା ସୁଭଦ୍ରା ଯୋଜନା ର ତୃତୀୟ କିସ୍ତି ପ୍ରଦାନ ସଭାକୁ ସମସ୍ତେ ଦେଖିଥିଲେ। ଏଥିରେ ମୁଖ୍ୟ ଅତିଥି ରୂପେ ଜିଲ୍ଲାପାଳ ଦିଲିପ୍ ରାଉତରାଏ ଯୋଗ ଦେଇଥିଲେ ଏବଂ ମଞ୍ଚା ସିନ ଅତିଥି ରୂପେ ମୂଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଶୁଭେନ୍ଦ୍ର ସାମଲ, ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ ,ଡେପୁଟୀ କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରି ରୂପାଲି ମିତ୍ର, ଗୋଷ୍ଠି ଉନ୍ନୟନ ଅଧିକାରି ରଶ୍ମୀ ରଞ୍ଜନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସ୍ତରୀୟ ସୁଭଦ୍ରା ପ୍ରତିଯୋଗିତା ରେ ସଫଳ ହୋଇଥିବା ଛାତ୍ର ଛାତ୍ରୀ ଙ୍କୁ ଟ୍ରଫି ଓ ମରକ୍ସ୍ୱସଲସମବସ୍ପର ପ୍ରଦାନ କର ।ଯାଇଥିଲା। ଏହାପରେ ରାକ୍ଷୀ ବନ୍ଧନ ଉତ୍ସବ ପାଳନ କରାଯାଇଥିଲା।

# ଚରମ୍ପା ସାହିତ୍ୟ ସଂସ୍କୃତି ମଂଚ : ରକ୍ଷାବନ୍ଧନ ଓ ମେହେର ଜୟନ୍ତୀ ପାଳିତ



ଭଦ୍ରକ, ୦୯/୮ (ନି.ପ୍ର): ଭାଇ ହାତରେ ଭଉଣୀର ରାକ୍ଷୀ। ରଖେ ସାକ୍ଷୀ। ଆପଦ କାଳରେ ଭାଇ ହୁଏ ଆରକ୍ଷୀ। ପୌରାଣିକ ତଥା ଐତିହାସିକ ସତ୍ୟତା ଅବଲମ୍ବନରେ ଏଯାବତ୍ ପରମ୍ପରା ଚଳି ଆସୁଛି ବୋଲି ଚରମ୍ପା ସାହିତ୍ୟ ସଂସ୍କୃତି ମଂଚ ଆନୁକୂଲ୍ୟରେ ମଂଚର ଉପଦେଷ୍ଟା ଗାନ୍ଧି ବିହର ମଂଚର ସଭାପତି ଶାନ୍ତନୁ କୁମାର ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଚରମ୍ପା ରାମଚନ୍ଦ୍ର ବିହାରୀ ଲାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ମଂଚାସୀନ ଅତିଥି ବୃନ୍ଦ ମତ ପୋଷଣ କରିଥିଲେ। ମଂଚ ଆହ୍ୱାନ ଓ ସଂପାଦକୀୟ ବିବରଣୀ ପାଠ କରିଥିଲେ ମଂଚର ସଂପାଦକ ବାବୁଲାଲ ଦାସ। ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ ଭାରତୀ ପଲେଇ। ମଂଚ ଉଦ୍‌ଘାଟନ ଚରମ୍ପା ମହାବିଦ୍ୟାଳୟର ପ୍ରାଧାପିକା ସୁକାନ୍ତୀ ମହାପାତ୍ର କରିଥିବାବେଳେ ସଶ୍ରଦ୍ଧେ ରାକ୍ଷୀ ବାନ୍ଧିଥିଲେ ଚରମ୍ପାସ୍ଥ ପ୍ରଜାପିତା ବ୍ରହ୍ମକୁମାରୀ ଆଶ୍ରମର ଅନ୍ତେବାସୀବୃନ୍ଦ। ସଭାପତି ଅଶୋକ ମହାନ୍ତି, ମୁଖ୍ୟବକ୍ତା ପ୍ରାକ୍ତନ ଅଧ୍ୟକ୍ଷ ଶିବରାମ ଖାମ୍ବୁରାଇ, ସମ୍ମାନିତ ଅତିଥି ସମାଜସେବୀ ଲଲାଟେନ୍ଦୁ ମହାନ୍ତି, ଉପସଭାପତି ଶରତଚନ୍ଦ୍ର ମହାନ୍ତି, ସର୍ବୋଦୟ ମଣ୍ଡଳର ନାରାୟଣ ଚନ୍ଦ୍ର ପାଢ଼ୀ ରକ୍ଷାବଂଧନ ତଥା ମେହେର ଜୟନ୍ତୀର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ। କବିତା ପାଠୋତ୍ସବରେ କବି ରମେଶ ଚନ୍ଦ୍ର ବେହେରା, ରମେଶଚନ୍ଦ୍ର ଦାସ, ବିପ୍ଳବ ହୋତା, ବୈକୁଣ୍ଠ ନାଥ ଓଝା, ଋତୁରାଜ ଅକ୍ଷୟ, ଅରୂପାନନ୍ଦ ନାୟକ, ଶଶିକାନ୍ତ ବେହେରା, କୈଳାସ ଚନ୍ଦ୍ର ପାଣିଗ୍ରାହୀ, ଗୋକୁଳାନନ୍ଦ ରାଉତ ଯୋଗଦାନ କରିଥିବା ବେଳେ ସହଯୋଗ କରିଥିଲେ ସଂଗ୍ରାମ କେଶରୀ ଦାସ, ଜଗବଂଧୁ ବାରିକ ଆଇନଜୀବୀ ବିଜନ କୁମାର ଜେନା, ଅମିତା ଆଚାର୍ଯ୍ୟ, ମନୋରଂଜନ ମହାପାତ୍ର, ମହେଶ ଅଗ୍ରୱାଲ, ଅଭିମନ୍ୟୁ ବେହେରା, ନୀଳାମ୍ବର ଲେଙ୍କା। ଧନ୍ୟବାଦ ଦେଇଥିଲେ ଶରତ ଚନ୍ଦ୍ର ସାହୁ।

# ସାଇ ପବ୍ଲିକ ସ୍କୁଲରେ ରକ୍ଷାବନ୍ଧନ ପାଳିଲା ଆପଣ ଏକା ନୁହଁନ୍ତି ସଙ୍ଗଠନ



ଖଇରା, ୦୯/୮ (ନି.ପ୍ର): ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନ ମଣ୍ଡଳୀରେ ଉତ୍ସର୍ଗିକୃତ ମନୋଭାବରେ କାର୍ଯ୍ୟରତ ସାମାଜିକ ସଙ୍ଗଠନ ଆପଣ ଏକା ନୁହଁନ୍ତି ଟ୍ରଷ୍ଟ ଖଇରା ନଟାପଡା ସ୍ଥିତ ସାଇ ପବ୍ଲିକ ସ୍କୁଲରେ ରକ୍ଷାବନ୍ଧନ ଉତ୍ସବ ନିରାଡମ୍ବରେ ପାଳନ କରିଛନ୍ତି । ଟ୍ରଷ୍ଟର ସଭାପତି ଅଜୟ କୁମାର ମହାନ୍ତି ଙ୍କ ତତ୍ତ୍ୱାବଧାନରେ ସମ୍ପାଦକ ସୁଶାନ୍ତ କୁମାର ବେହେରା, କୋଷାଧକ୍ଷ ଗୋପମଣି ପଣ୍ଡାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ଅନ୍ତେବାସୀଙ୍କ ହାତରେ ରାଖି ବାନ୍ଧିବା ସହ ମିଠା ଖୁଆଇଥିଲେ । ଏଥିସହ ପିଲାମାନଙ୍କୁ ଶିକ୍ଷାଉପକରଣ ପ୍ରଦାନ କରିବା ପରେ ସମସ୍ତଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇଥିଲା ।

# ପ୍ରଜାପିତା ବ୍ରହ୍ମା କୁମାରୀ ପକ୍ଷରୁ ରକ୍ଷା ବନ୍ଧନ ଉତ୍ସବ ଅନୁଷ୍ଠିତ




ବାସୁଦେବପୁର, ୦୯/୮ (ନି.ପ୍ର): ବାସୁଦେବପୁର ପ୍ରଜାପିତା ବ୍ରହ୍ମା କୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ପବିତ୍ର ରକ୍ଷା ବନ୍ଧନ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ବି କେ ଗଦାଧର ଭାଇ, ବି କେ ପ୍ରତିମା ଭଉଣୀ, ଶିକ୍ଷାବିତ୍ ପଣ୍ଡିତ ଦୟାନିଧି ଦାଶ, ଶିକ୍ଷାବିତ୍ ରତ୍ନାକର ମଲ୍ଲିକ, କବି ସାହିତ୍ୟିକ ଓ ଅବସର ପ୍ରାପ୍ତ ଅଧ୍ୟାପକ ଡକ୍ଟର୍ ବସନ୍ତ କୁମାର ଦାସ, ବରିଷ୍ଠ ଶିକ୍ଷକ ସମରେନ୍ଦ୍ର ବାରିକ୍ , ପୂର୍ବତନ ସାଂସଦ ଙ୍କ ପ୍ରତିନିଧି ସୁରେଶ ମହାନ୍ତି, ସମାଜସ୍ୱେଵୀ ପ୍ରଶାନ୍ତ ନାୟକ, ଭାରତୀୟ ଜନତା ପାର୍ଟିର ଜିଲ୍ଲା ସଭାପତି ଉଦୟ ନାରାୟଣ ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ଓ ଏହି ଉତ୍ସବରେ ଭଉଣୀ ମାନେ ସମସ୍ତେ ଅତିଥି ବନ୍ଧୁ ମାନଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ। ବାସୁଦେବପୁରର ମାନ୍ୟବର ବିଧାୟକ ଅଶୋକ କୁମାର ଦାସଙ୍କ ବାସ ଭବନ କୁ ଯାଇ ଭଉଣୀ ମାନେ ବିଧାୟକ ଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ। ଏହି ଅବସରରେ ପରସ୍ପର ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ପ୍ରତ୍ୟେକ ମଣିଷ ଭିତରେ ମାନବିକତା, ମୌଳିକତା, ସତ୍ୟ, ଶାନ୍ତି, ଅହିଂସା, ସେବା, ଧର୍ମ, ତ୍ୟାଗ, ଓ ପରୋପକାର ରହିବା ଉଚିତ୍ ବୋଲି ଅତିଥି ମାନେ ମତ ପ୍ରକାଶ କରିଥିଲେ। ଏହି ଉତ୍ସବରେ ବିକେ ପୂର୍ଣ୍ଣମା ଭଉଣୀ, ବିକେ ରତିକାନ୍ତ ଭାଇ, ଜେପି ସୁଚରିତା ମହାପାତ୍ର, ଶକ୍ତି ଶଙ୍କର ଦଳାଇ, ନମିତା ବେହେରା, ସାମ୍ବାଦିକ ରଂଜନ ମଲିକ, ହେମନ୍ତ କୁମାର ବାରିକ୍, ନାରାୟଣ ପ୍ରସାଦ ବାରିକ୍, ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ସମ୍ପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ସଂଗୀତା ଭଉଣୀ ଓ ଅର୍ପିତା ଭଉଣୀ ସୁନ୍ଦର ନୃତ୍ୟ ପରିବେଷଣ କରିଥିଲେ ଓ ପ୍ରତୀକ୍ଷା ଭଉଣୀ ଖୁବ୍ ମନଛୁଆଁ ସଙ୍ଗୀତ ପରିବେଷଣ କରିଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida